Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 228
Monday, 26 October 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୬ ଅକ୍ଟୋବର, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ



ଭାରତକୁ ଭୁବନେଶ୍ୱର ନୂଆ ସଂସ୍ଥାନ ଦେଇଛି: ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୨୫/୧୦ (ନ୍ୟୁ.ଏ): ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ଭାରତକୁ ଭୁବନେଶ୍ୱର ନୂଆ ସଂସ୍ଥାନ ଦେଇଛି । ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ)ର ଡାଟା ସେଂଟର ଉଦ୍‌ଘାଟନ କରାଯାଇଛି । ସାଇବର ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଉଦ୍‌ଘାଟିତ ହୋଇଯାଇଛି । ଆଜିର ଦିନଟି ଓଡ଼ିଶା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ । ଆଜିର କାର୍ଯ୍ୟକ୍ରମ ହେଉଛି ଏହାର ପ୍ରମାଣ । ଖୋର୍ଦ୍ଧା ଜିଲ୍ଲା ଜଟଣୀରେ ଆରବିଆଇ ଡାଟା ସେଂଟର ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ'ର ଉଦ୍‌ଘାଟନୀ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହା କହିଛନ୍ତି । ସମାରୋହକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତର ବ୍ୟବସ୍ଥା ଖୁବ୍ ଶୀଘ୍ର ଆଗକୁ ଅଗ୍ରସର ହେଉଛି । ସ୍ୱାଧୀନତା ପରେ ଦେଶରେ ବଡ଼ବଡ଼ ହସ୍‌ପିଟାଲ, ବିମାନବନ୍ଦର ନିର୍ମାଣ ହୋଇଛି । କିନ୍ତୁ ଛୋଟ ସହରରେ ଭିତିଭୂମି ବହୁ ଅସୁବିଧା ଥିଲା । ପାଣି, ରେଳବାଇ ଯୋଗାଯୋଗର ଘୋର ଅଭାବ ଥିଲା । ବିକାଶକୁ ପ୍ରାଥମିକତା ଦିଆଯାଉଥିବା ବେଳେ ବିସ୍ତାର ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଛୋଟ ସହରକୁ ଭାରତୀୟ ରେଳବାଇ ଯୋଡୁଛି । ବ୍ୟାଙ୍କିଙ୍ଗ୍ ସେକ୍ଟରରେ ଡାଟା ସେଂଟରର ଭୂମିକା ନେଇ ପ୍ରଧାନମନ୍ତ୍ରୀ ବିସ୍ତୃତ ଚର୍ଚ୍ଚା କରିଛନ୍ତି । ପ୍ରଧାନମନ୍ତ୍ରୀ ଆଜିର ଉଦଘାଟନୀ କାର୍ଯ୍ୟକ୍ରମର ବ୍ୟାପକ ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ, ଏହି କାର୍ଯ୍ୟକ୍ରମ ଦେଶର ପ୍ରଶାସନିକ ଆଭିମୁଖ୍ୟରେ ଆସିଥିବା ମୌଳିକ ପରିବର୍ତ୍ତନକୁ ଦର୍ଶାଉଛି । ବର୍ତ୍ତମାନର ଶାସନ ବ୍ୟବସ୍ଥା ବିକାଶକୁ ପ୍ରାଥମିକତା ଦେବା ସହିତ ଏହାର ପରିମାଣକୁ ବିସ୍ତାର କରିବା ଏବଂ ଶେଷ ମାଇଲ ପର୍ଯ୍ୟନ୍ତ ଲାଭ ପହଂଚାଇବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରୁଛି । ଆଜିର କାର୍ଯ୍ୟକ୍ରମ ଭାରତରେ ଶାସନର ଆଭିମୁଖ୍ୟ ପ୍ରତି ଆସିଥିବା ପରିବର୍ତ୍ତନର ପ୍ରମାଣ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ଜନକଲ୍ୟାଣକାରୀ, ସକ୍ରିୟ ଏବଂ ସୁଶାସନର ମଡେଲ ସନ୍ତୁଳିତ ଆଂଚଳିକ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି । ଏହା ଗରିବଙ୍କୁ ସମ୍ମାନପୂର୍ଣ୍ଣ ଜୀବନ ଦେବା ସହିତ ଜଣେ ହେଲେ ନାଗରିକ ଯେପରି ସେବାରୁ ବଂଚିତ ହେବେ ନାହିଁ ତାହା ସୁନିଶ୍ଚିତ କରୁଛି । ଛୋଟ ସହରଗୁଡ଼ିକୁ ଏବେ ଏକ୍ସପ୍ରେସ ୱେ ସଂଯୋଗ ହେଉଛି । ଏକାଧିକ ରାଜ୍ୟରେ ଏମ୍ସ ଭଳି ପ୍ରତିଷ୍ଠାନ ଖୋଲିଛି । ଛୋଟ ସହରରେ ମଧ୍ୟ ମେଡ଼ିକାଲ କଲେଜ ଖୋଲାଯାଉଛି । ଗାଁଗୁଡ଼ିକରେ ପ୍ରାୟ ୧.୭୫ ଲକ୍ଷ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହୋଇଛି ଏବଂ ଉପାନ୍ତ ଅଂଚଳରେ ଡିଜିଟାଲ ଯୋଗାଯୋଗ ପହଂଚି ପାରିଛି । ନାଗରିକମାନଙ୍କ ଜୀବନକୁ ସହଜ କରିବା ଏବଂ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ଲାଗି ନୂତନ ସୁଯୋଗ ଯୋଗାଇ ଦେବା ବର୍ତ୍ତମାନ ପ୍ରଶାସନର ପ୍ରକୃତ ଉଦ୍ଦେଶ୍ୟ ପାଲଟିଛି ବୋଲି ଶ୍ରୀ ମୋଦୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ପ୍ରଧାନମନ୍ତ୍ରୀ ଅତୀତର ଏକ ମୌଳିକ ସମସ୍ୟା ପ୍ରତି ଆଲୋକପାତ କରି କହିଥିଲେ, ୬୦ ଏବଂ ୭୦ ଦଶକରେ ଗରିବଙ୍କ ନାଁ ନେଇ ବ୍ୟାଙ୍କଗୁଡ଼ିକର ରାଷ୍ଟ୍ରୀୟକରଣ କରାଯାଇଥିଲା । କିନ୍ତୁ ୨୦୧୪ ପର୍ଯ୍ୟନ୍ତ ଜନସଂଖ୍ୟାର ଅର୍ଦ୍ଧାଧିକ ଲୋକ ବ୍ୟାଙ୍କ ସେବାରୁ ବଂଚିତ ଥିଲେ । ମଧ୍ୟବିତଙ୍କ ପାଇଁ ବ୍ୟାଙ୍କ ଋଣ ଦୂରସ୍ୱପ୍ନ ପାଲଟିଥିଲା । ଚାଷୀ, ଭୂମିହୀନ ଏବଂ ମହିଳାଙ୍କ ପାଇଁ ତ' ପରିକଳ୍ପନା ବାହାରେ ଥିଲା । ହେଲେ ଆର୍ଥିକ ଅନ୍ତର୍ଭୁକ୍ତୀକରଣର ନୂତନ ଯୁଗ ସାରା ଦେଶରେ ଏହି ପରିଦୃଶ୍ୟକୁ ବଦଳାଇ ଦେଲା ବୋଲି ସେ ଉଲ୍ଲେଖ କରିଥିଲେ । ଆଜି ଭାରତରେ ଡିଜିଟାଲ ବ୍ୟାଙ୍କିଂ ସମସ୍ତଙ୍କୁ ୨୪ ଘଂଟିଆ ବ୍ୟାଙ୍କ ସେବା ଯୋଗାଇ ଦେଉଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମତବ୍ୟକ୍ତ କରିଥିଲେ । ଆଜି ଡିଜିଟାଲ୍ ବ୍ୟାଙ୍କିଂ ମାଧ୍ୟମରେ ଦେଶର ପ୍ରତ୍ୟେକ ପରିବାର ଗୋଟିଏ ଗୋଟିଏ ହିତାଧିକାରୀ ପାଲଟିଛନ୍ତି ବୋଲି ଶ୍ରୀ ମୋଦୀ ଦୃଢ଼ତାର ସହ କହିଥିଲେ । ସେ ଆହୁରି କହିଥିଲେ, ବ୍ୟବସ୍ଥାରେ ଥିବା ସମସ୍ତ ପ୍ରକାରର ବାଟମାରଣାକୁ ଏବେ ବନ୍ଦ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ପ୍ରତ୍ୟେକ ଟଙ୍କା ବର୍ତ୍ତମାନ ସମ୍ପୂର୍ଣ୍ଣ ରୂପେ ହିତାଧିକାରୀଙ୍କ ଖାତାରେ ପହଂଚୁଛି । ଦେଶରେ ଖୋଲାଯାଇଥିବା ପ୍ରାୟ ୬୦ କୋଟି 'ଜନ ଧନ' ଖାତା ଯୋଗୁଁ ହିଁ ଏହା ସମ୍ଭବ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ଜୋର ଦେଇ କହିଥିଲେ, ଆଜି କୌଣସି ବନ୍ଧକ ରଖିପାରୁନଥିବା ବ୍ୟକ୍ତି ମଧ୍ୟ ନିଜର ବ୍ୟବସାୟ ଆରମ୍ଭ କରିବା ଲାଗି ସୁଲଭ ଆନୁଷ୍ଠାନିକ ଋଣ ପାଇପାରୁଛନ୍ତି । ଲକ୍ଷ୍ୟ ଆଧାରିତ ହସ୍ତକ୍ଷେପ ବଳରେ କ୍ଷୁଦ୍ର ଉଦ୍ୟୋଗୀ, ପାରମ୍ପରିକ କାରିଗର, ରାସ୍ତାକଡ଼ ବିକ୍ରେତା ଏବଂ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ସମୃଦ୍ଧ ହେଉଛନ୍ତି । ମୁଦ୍ରା ଯୋଜନା ଅଧୀନରେ ୧୩ କୋଟି ଲୋକ ପ୍ରଥମ ଥର ପାଇଁ ଉଦ୍ୟୋଗୀ ହୋଇଛନ୍ତି । ଲକ୍ଷ ଲକ୍ଷ ରାସ୍ତାକଡ଼ ବିକ୍ରେତା ଏବଂ କୁଶଳୀ କାରିଗର ପିଏମ୍ ସ୍ୱନିଧି ଏବଂ ପିଏମ୍ ବିଶ୍ୱକର୍ମା ମାଧ୍ୟମରେ ଆନୁଷ୍ଠାନିକ ଋଣ ପାଇଛନ୍ତି । ୧୦ କୋଟି ଗ୍ରାମୀଣ ମହିଳାଙ୍କ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ ହଜାର ହଜାର କୋଟି ଟଙ୍କାର ବ୍ୟାଙ୍କ ସହାୟତା ପାଇଛନ୍ତି । ପ୍ରଥମ ଥର ପାଇଁ ଏମାନେ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗର ଲାଭ ପାଉଛନ୍ତି ବୋଲି ଶ୍ରୀ ମୋଦୀ ଉଲ୍ଲେଖ କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ଡେବିଟ୍ ଏବଂ କ୍ରେଡିଟ୍ କାର୍ଡଗୁଡ଼ିକ ଏକଦା ଧନୀମାନଙ୍କ ପାଇଁ ସ୍ୱତନ୍ତ୍ର ରୂପେ ସଂରକ୍ଷିତ ଥିଲା । ଏବେ ରୁପେ କାର୍ଡ ପ୍ରତ୍ୟେକ ନାଗରିକଙ୍କ ପାଇଁ ଉପଲବ୍ଧ ହୋଇଛି । ଏହା ସେମାନଙ୍କ ଲାଗି ଆତ୍ମସମ୍ମାନ ଏବଂ ସ୍ୱାବଲମ୍ବନର ପ୍ରତୀକ ପାଲଟିଛି । ଏହି ପରିବର୍ତ୍ତନ ପାଇଁ ବ୍ୟାଙ୍କ ସେବା କ୍ଷେତ୍ରର ଅଂଶୀଦାରମାନଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ । ସେ କେନ୍ଦ୍ରୀୟ ବ୍ୟାଙ୍କ, ବାଣିଜ୍ୟିକ ବ୍ୟାଙ୍କ ଏବଂ ଦେଶବ୍ୟାପୀ ପ୍ରତ୍ୟେକ ବ୍ୟାଙ୍କ କର୍ମଚାରୀଙ୍କ ସାମୂହିକ ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ । ପ୍ରଧାନମନ୍ତ୍ରୀ କହିଥିଲେ, ବିଗତ ଦଶନ୍ଧି, ବ୍ୟାଙ୍କ ସେବାକୁ ସେହି ଲୋକମାନଙ୍କ ପାଖରେ ପହଂଚାଇଥିଲା ଯେଉଁମାନେ ଏଥିରୁ ବଂଚିତ ଥିଲେ । ଆଗାମୀ ଦଶନ୍ଧି ବ୍ୟାଙ୍କ ସେବାକୁ ଅଧିକ ଦକ୍ଷ ଓ ଅଧିକ ଉପଯୋଗୀ କରିବା ଲାଗି ଉଦ୍ଦିଷ୍ଟ । ଓଡ଼ିଶାର ନୂଆ ଡାଟା ସେଂଟର ଏବଂ ଦୃଢ଼ କମ୍ପ୍ୟୁଟିଂ ସିଷ୍ଟମ ଏଥିରେ ସହାୟକ ହେବ । ଆଧୁନିକ ଯୁଗରେ ନୂଆ ନୂଆ ସାଇବର ବିପଦ ମାଧ୍ୟମରେ ଅର୍ଥବ୍ୟବସ୍ଥାକୁ କ୍ଷତି ପହଂଚାଇବାକୁ ଉଦ୍ୟମ କରାଯାଉଥିବା ପ୍ରଧାନମନ୍ତ୍ରୀ ଚେତାଇ ଦେଇଥିଲେ । ସେ କହିଥିଲେ, ପ୍ରଗତିଶୀଳ ଆର୍ଥିକ ଶକ୍ତିଗୁଡ଼ିକ ନିଜର ଅର୍ଥବ୍ୟବସ୍ଥାକୁ ସାଇବର ଲୁଟେରା ଏବଂ ସାଇବର ଆତଙ୍କବାଦୀଙ୍କଠାରୁ ରକ୍ଷା କରିବା ଉଚିତ । ପୁରୁଣା ତାଲିମ ଉପକରଣଗୁଡ଼ିକ ପରିବର୍ତ୍ତେ ଆଧୁନିକ ଭିତିଭୂମି ଏବଂ ଦକ୍ଷ ମାନବ ସମ୍ବଳ ସହିତ ଏହାର ମୁକାବିଲା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏଠାରେ, ଏହି ନୂତନ ସାଇବର ସୁରକ୍ଷା ପ୍ରତିଷ୍ଠାନର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ । ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ପୂର୍ବ ଭାରତକୁ ଏକ ଶକ୍ତିଶାଳୀ ବିକାଶ ଇଞ୍ଜିନ୍ ରୂପେ ଅଭିହିତ କରିଥିଲେ । ସେ କହିଥିଲେ, ବର୍ତ୍ତମାନର ରାଜ୍ୟ ସରକାରଙ୍କ ସମୟରେ ଓଡ଼ିଶାର ବିକାଶଧାରା ତ୍ୱରାନ୍ୱିତ ହୋଇଛି ।

୫ ଜିଲ୍ଲାରେ ବାତ୍ୟା ମୁକାବିଲା ପ୍ରସ୍ତୁତି: ୨୪ଟି ଓଡ୍ରାଫ୍, ୬ଏନ୍‌ଡିଆରଏଫ୍ ଟିମ୍ ମୁତୟନ

ଭୁବନେଶ୍ୱର, ୨୫/୧୦ (ନ୍ୟୁ.ଏ): ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଏହି ବାତ୍ୟା ଉତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ୨୮ ତାରିଖରେ ସ୍ଥଳଭାଗ ଛୁଇଁବ ବୋଲି ପୂର୍ବାନୁମାନ କରାଯାଉଛି । ତେବେ ଆନ୍ଧ୍ରପ୍ରଦେଶ ଉପକୂଳରେ ସ୍ଥଳଭାଗ ଛୁଇଁବାର ଅଧିକ ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ଏବଂ ପ୍ରବଳରୁ ଅଧିକ ପ୍ରବଳ ବର୍ଷା ହେବ । ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି । ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା- କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ୨୪ଟି ଓଡ୍ରାଫ୍, ୬ଟି ଏନ୍‌ଡିଆରଏଫ୍ ଟିମ୍ ମୁତୟନ କରାଯାଇଥିବା ବେଳେ ପ୍ରତିରକ୍ଷା ବାହିନୀର ସହାୟତା ମଧ୍ୟ ଲୋଡ଼ାଯାଇଛି । ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଂଚଳରେ ୨୪/୭ କଂଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି ।ଟୋଲ୍-ଫ୍ରି ନମ୍ବର,ସମେତ ଜିଲ୍ଲାଗୁଡ଼ିକର ସ୍ୱତନ୍ତ୍ର ହେଲ୍ପଲାଇନ୍ ନମ୍ବର ଜନସାଧାରଣଙ୍କ ପାଇଁ ଉପଲବ୍ଧ ଅଛି । ପ୍ରଶାସନ ପକ୍ଷରୁ ଜାରି ନିର୍ଦ୍ଦେଶାନୁସାରେ, ଗଞ୍ଜାମ ଜିଲ୍ଲା: ସର୍ବାଧିକ ପ୍ରଭାବ ଆଶଙ୍କାଥିବା ଏହି ଜିଲ୍ଲାରେ ୯ଟି ଓଡ୍ରାଫ୍ ଏବଂ ୨ଟି ଏନଡିଆରଏଫ୍ ଟିମ୍ ସମେତ ମୋଟ ୧୧ଟି ଟିମ୍ ମୁତାବୟନ ହୋଇଛନ୍ତି ।ଗଜପତି ଜିଲ୍ଲା: ଏଠାରେ ୬ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୭ଟି) ପ୍ରସ୍ତୁତ ରହିଛନ୍ତି ।ରାୟଗଡ଼ା ଜିଲ୍ଲା: ଏହି ଜିଲ୍ଲା ପାଇଁ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ନିୟୋଜିତ କରାଯାଇଛି ।କୋରାପୁଟ ଜିଲ୍ଲା: ଏଠାରେ ମଧ୍ୟ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ମୁତାବୟନ ଅଛନ୍ତି ।ମାଲକାନଗିରି ଜିଲ୍ଲା: ଏହି ଜିଲ୍ଲାରେ ୩ଟି ଓଡ୍ରାଫ୍ ଏବଂ ୧ଟି ଏନଡିଆରଏଫ୍ ଟିମ୍ (ମୋଟ ୪ଟି) ଜରୁରୀକାଳୀନ ମୁକାବିଲା ପାଇଁ ପ୍ରସ୍ତୁତ ଅଛନ୍ତି । ବାତ୍ୟା ସମ୍ଭାବନା ଥିବା ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତି ନିଆଯାଇଛି । ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି । କଚ୍ଚାଘର, ଝୁମ୍ପୁଡ଼ି ଓ ନିମ୍ନ ଅଂଚଳରେ ରହୁଥିବା ଲୋକଙ୍କୁ ଚିହ୍ନଟ କରି ନିରାପଦ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଯେଉଁ ମାଆମାନଙ୍କର ପ୍ରସବ ସମୟ ନିକଟବର୍ତୀ ଅଛି, ସେମାନଙ୍କୁ ଚିହ୍ନଟ କରି ପୂର୍ବରୁ ନିକଟସ୍ଥ ଡାକ୍ତରଖାନା, ସିଏଚ୍‌ସି ଓ ପିଏଚ୍‌ସିକୁ ଅଣାଯାଉଛି । ଏହାଛଡ଼ା ବୃଦ୍ଧ, ଶିଶୁ ଓ ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ସମୁଦ୍ରରେ ମାଛଧରା ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ହୋଇଛି । ସେହିପରି ଦକ୍ଷିଣ ଓଡ଼ିଶାର ଏହି ୫ ଜିଲ୍ଲାରେ ପାହାଡ଼, ଜଳପ୍ରପାତ, ଡ୍ୟାମ୍ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି । କୃଷକମାନଙ୍କୁ ପରାମର୍ଶ: ୮୦-୮୫% ପାଚିଯାଇଥିବା ଧାନ, ମକା, ମାଣ୍ଡିଆ ଓ ଅନ୍ୟାନ୍ୟ ଫସଲକୁ ତୁରନ୍ତ ଅମଳ କରି ସୁରକ୍ଷିତ ସ୍ଥାନରେ ରଖିବାକୁ କୃଷି ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । କୃଷିର ହେଲ୍ପଲାଇନ୍ ନମ୍ବର ଉପଲବ୍ଧ କରାଯାଇଛି । ଅମଳ ସମୟ ପାଖେଇ ଆସୁଥିବାରୁ, ଚାଷୀ ଭାଇମାନଙ୍କୁ ଆଗୁଆ ସତର୍କ କରି ଫସଲ କାଟି ସୁରକ୍ଷିତ କରି ରଖିବା ପାଇଁ କୁହାଯାଇଛି । ପାନୀୟ ଜଳର ବିଶୋଧନ, ଡାକ୍ତରଖାନାରେ ଆବଶ୍ୟକୀୟ ଔଷଧ (ସାପକାମୁଡ଼ା ଇଞ୍ଜେକ୍ସନ, କ୍ଲୋରିନ୍ ବଟିକା) ଏବଂ ବିଦ୍ୟୁତ୍/ ଯୋଗାଯୋଗ ବ୍ୟବସ୍ଥା ତ୍ୱରିତ ପୁନରୁଦ୍ଧାର ପାଇଁ ଅତିରିକ୍ତ ସରଞ୍ଜାମ ପ୍ରସ୍ତୁତ ରଖାଯାଇଛି ।






ନଭେମ୍ବର ୧ରେ ରାମଲୀଳା ମୈଦାନରେ ବିରୋଧୀଙ୍କ ମହାସମାବେଶ

ନୂଆଦିଲ୍ଲୀ, ୨୫/୧୦ (ନ୍ୟୁ.ଏ): ଦିଲ୍ଲୀର ରାମଲୀଳା ମୈଦାନରେ ନଭେମ୍ବର ୧ ତାରିଖରେ ହେବାକୁ ଥିବା ବିରୋଧୀ ଇଣ୍ଡିମେଂଟର ମହାସମାବେଶ ନିର୍ଦ୍ଧାରିତ ଦିନରେ ହିଁ ଅନୁଷ୍ଠିତ ହେବ । ଏହାକୁ ଘୁଂଚାଇବା ପାଇଁ ଦିଲ୍ଲୀର ବ୍ୟବସାୟୀ ସଂଗଠନ ଅନୁରୋଧ କରିଥିଲେ ମଧ୍ୟ କଂଗ୍ରେସ ନେତୃତ୍ୱ ଏହାକୁ ଆଗକୁ ବଢ଼ାଇବାକୁ ନିଷ୍ପତି ନେଇଛି । ସମାବେଶରେ ୧୦ ଲକ୍ଷରୁ ଅଧିକ ଲୋକ ଯୋଗଦେବେ ବୋଲି କଂଗ୍ରେସ ଆଶା ରଖିଛି । ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର)କୁ ନେଇ ବିରୋଧୀ ଦଳଗୁଡ଼ିକ ଏହି ସମାବେଶ ଡାକରା ଦେଇଛନ୍ତି । ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଏହାର ପ୍ରମୁଖ ଦାବି ହେବ । ଭୋଟର ତାଲିକାରୁ ବହୁ ସଂଖ୍ୟକ ଲୋକଙ୍କ ନାମ ବାଦ୍ ପଡ଼ିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ପକ୍ଷପାତିତା ନେଇ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ଅଭିଯୋଗ କରିଆସୁଛନ୍ତି । ତେବେ ଏହି ଅଭିଯୋଗଗୁଡ଼ିକୁ ନିର୍ବାଚନ କମିସନ ସ୍ୱୀକାର କରିନାହାନ୍ତି ।


କୋଟିଆରେ ନିର୍ବାଚନୀ ତାତି, ଆନ୍ଧ୍ର ପ୍ରଚାରକୁ ନେଇ ମୁହାଁମୁହିଁ ଓଡ଼ିଶା-ଆନ୍ଧ୍ର ପୋଲିସ

ଭୁବନେଶ୍ୱର, ୨୫/୧୦ (ଆ.ପ୍ର) : କୋଟିଆରେ ନିର୍ବାଚନୀ ତାତି । ସୀମାରେ ଅନ୍ଧ୍ର-ଓଡ଼ିଶା ଟଣାଓଟରା । ଟିଡିପି ଓ ୱାଇଏସଆର କଂଗ୍ରେସ ସମେତ ବିଭିନ୍ନ ଦଳର ପ୍ରାର୍ଥୀ କୋଟିଆ ନିର୍ବାଚନୀ ମଇଦାନରେ ।



ଆସନ୍ତା ୩ ତାରିଖରେ ଆନ୍ଧ୍ରର ପଂଚାୟତ ନିର୍ବାଚନ ଅନୁଷ୍ଠିତ ହେବ । ଏଥିପାଇଁ କୋଟିଆରେ ଆନ୍ଧ୍ର ରାଜନୈତିକ ଦଳଗୁଡ଼ିକର ପ୍ରଚାର ଜୋରଦାର ଚାଲିଛି । ତାରି ଭିତରେ ଦେଖାଦେଇଛି ଦୁଇ ରାଜ୍ୟ ପୋଲିସ୍ ଭିତରେ ଉତେଜନାମୂଳକ ସ୍ଥିତି । ଫଗୁଣସିନେରି, ମାଡକାର ଏବଂ ସେମ୍ଭି ଗାଁରେ ଆନ୍ଧ୍ର ପୋଲିସ୍ ଗତକାଲି ପାଟ୍ରୋଲିଂ କରୁଥିବା ବେଳେ ଓଡ଼ିଶା ପୋଲିସ୍ ଏହାକୁ ଅଟକାଇ ଥିଲା । କୋରାପୁଟ ବିଧାୟକ ଓ କିଛି କର୍ମୀ ଆନ୍ଧ୍ରର ମନମାନିକୁ ବିରୋଧ କରିଥିବାରୁ ସ୍ଥିତି ଉତେଜନାମୂଳକ ରହିଥିଲା । ଓଡ଼ିଶା ପୋଲିସ୍ ପ୍ରଶାସନର ବିରୋଧ ସତ୍ତ୍ୱେ ଆନ୍ଧ୍ର ପୋଲିସ୍ କୋଟିଆରେ କ୍ୟାମ୍ପ କରି ଡେରା ପକାଇଛି । ଗୋଟିଏ ପଟେ କୋରାପୁଟ ଜିଲ୍ଲାପାଳ ଆନ୍ଧ୍ର ନିର୍ବାଚନ ବିରୁଦ୍ଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଗ୍ରାଉଣ୍ଡରେ କିନ୍ତୁ କିଛି ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି । ରାଜନୀତି ପଣାପାଲିରେ ମୁଖ୍ୟ ମୁଦ୍ଦା କୋଟିଆ । ଯାହାକୁ ନେଇ ରାଜନୀତି ସରଗରମ । ଓଡ଼ିଶାର ସୀମାନ୍ତ ଅଂଚଳ କୋଟିଆରେ ଆନ୍ଧ୍ରର ବିକାଶମୂଳକ କାର୍ଯ୍ୟ ଓ ନିର୍ବାଚନୀ ପ୍ରଚାରକୁ ନେଇ ଉଠିଛି ପ୍ରଶ୍ନ । କୋଟିଆବାସୀଙ୍କୁ ଶିକ୍ଷା, ନିଯୁକ୍ତି, କୃଷି ଓ ମୌଳିକ ସୁବିଧା ଯୋଗାଇବାରେ ଓଡ଼ିଶା ସରକାର ପଛରେ ପଡ଼ିଥିବା ଅଭିଯୋଗ କରିଛନ୍ତି ପିସିସି ସଭାପତି ଭକ୍ତ ଦାସ । କୋଟିଆ ପ୍ରସଙ୍ଗରେ ସର୍ବଦଳୀୟ ବୈଠକ ଡାକିବାକୁ ଦାବି କରିବା ସହ ୨୭ ତାରିଖରେ କଂଗ୍ରେସ ଟିମ୍ କୋଟିଆ ଗସ୍ତ କରିବ ବୋଲି କହିଛନ୍ତି । ସେପଟେ କୋଟିଆ ପ୍ରସଙ୍ଗରେ ବିଜେପିକୁ ସାମ୍ବାଦିକ ସମ୍ମିଳନୀ କରି ଘେରିଛି ବିଜେଡି । ନିର୍ବାଚନ ପୂର୍ବରୁ କୋଟିଆର ବିକାଶ ଓ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଅନେକ ପ୍ରତିଶ୍ରୁତି ଦିଆଯାଇଥିଲା, କିନ୍ତୁ ତାହା ପୂରଣ ହୋଇନଥିବା ଅଭିଯୋଗ କରିଛନ୍ତି ବିଜେଡି ନେତା ପ୍ରଦୀପ ମାଝୀ । ଦକ୍ଷିଣ ଓଡ଼ିଶା ବିକାଶ ପରିଷଦ ମାଧ୍ୟମରେ ସ୍ଥାୟୀ ସମାଧାନର ପ୍ରତିଶ୍ରୁତି କୁଆଡ଼େ ଗଲା ବୋଲି ପ୍ରଶ୍ନ କରିଛନ୍ତି ସେ । ଅନ୍ୟପଟେ ବିରୋଧୀଙ୍କ ଅଭିଯୋଗର କଡ଼ା ଜବାବ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । କୋଟିଆ ପ୍ରସଙ୍ଗ କୌଣସି ରାଜନୈତିକ ଦଳର ନୁହେଁ, ଏହା ଓଡ଼ିଶାର ଅସ୍ମିତାର ପ୍ରତୀକ । ଆନ୍ଧ୍ରର ଯୋଜନାକୁ ପଣ୍ଡ କରିବା ପାଇଁ ସମସ୍ତେ ଏକାଠି ହେବା ଆବଶ୍ୟକ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି ।

15001/123/2627



ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬
ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/15001/2/26-27/0122





କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସମ୍ଭାବ୍ୟ ବାତ୍ୟା ପାଇଁ ବୋଲଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ଆଭାସୀ ବୈଠକ ଅନୁଷ୍ଠିତ

ଖୋର୍ଦ୍ଧା, ୨୫/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ନିର୍ଦ୍ଦେଶ ମୁତାବକ ବୋଲଗଡ଼ ମଣ୍ଡଳ ସହ ଶିକ୍ଷାଧିକାରୀ ତଥା ମଣ୍ଡଳ ସଂଯୋଜକ କୈଳାସନାଥ ସ୍ୱାଇଁଙ୍କ ଆବାହକତ୍ୱ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଶନିବାର ଦିନ ଏକ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସରକାରୀ ଓ ବେସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ଓ ଆଦର୍ଶ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସାଧନ କେନ୍ଦ୍ର ସଂଯୋଜକ, ଏମଆଇଏସ ସଂଯୋଜକ ବବୁ ବାହନ ବେହେରା, ଆକାଉଂଟାଂଟ ଅଜୟ ବଳିୟାରସିଂହ ଏବଂ ବ୍ଲକ ସକଳ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ । ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀ ସ୍ୱାଇଁ ସମ୍ଭାବ୍ୟ ପ୍ରବଳ ବର୍ଷା ଓ ବାତ୍ୟା ଯୋଗୁଁ ତା ୨୪-୧୦-୨୦୨୬ ଠାରୁ ତା ୩୧-୧୦-୨୦୨୬ ଯାଏଁ ପ୍ରତି ବିଦ୍ୟାଳୟ ଓ ବାତ୍ୟା ଆଶ୍ରୟସ୍ଥଳୀକୁ ୨୪ ଘଂଟା ଖୋଲା ରଖିବା, ତା ୨୭-୧୦-୨୦୨୬ ରିଖ ଠାରୁ ତା ୩୧-୧୦-୨୦୨୬ ରିଖ ପର୍ଯ୍ୟନ୍ତ କୌଣସି କର୍ମଚାରୀ ଛୁଟିରେ ନ ରହିବା ଓ ହେଡକ୍ୱାର୍ଟର ଛାଡି ବାହାରେ ନ ରହିବା, ୨୭ ତାରିଖ ପୂର୍ବରୁ ବିଦ୍ୟାଳୟର ପ୍ରତି କୋଠରୀ, ଛତା, ଶୌଚାଳୟ ଆଦି ସଫା କରାଇବା, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ରୋଷ୍ଟର ଡ୍ୟୁଟି ଚାର୍ଟ ପ୍ରସ୍ତୁତ କରାଯିବା, ବିଦ୍ୟାର୍ଥୀମାନଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଆବଶ୍ୟକ କାର୍ଯ୍ୟ ସମ୍ପନ୍ନ କରାଇବା ପାଇଁ ପରାମର୍ଶ ଦେବା ପରେ ଖାନ ଏକାଡେମି ରେଜିଷ୍ଟ୍ରେସନ କାର୍ଯ୍ୟ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ମଣ୍ଡଳ ସଂଯୋଜକ ଆଶ୍ରୟସ୍ଥଳୀ ସମ୍ପର୍କିତ ଫର୍ମାଟ ପୂରଣ କରିବା ସହ ସମସ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପତ୍ରରେ ଲିଖିତ ଏସଓପିକୁ କଡାକଡି ଭାବେ ପାଳନ କରିବାକୁ ଅବଗତ କରି SHVR ସମ୍ବନ୍ଧୀୟ କାର୍ଯ୍ୟ ସମ୍ପାଦନ କରିବାକୁ କହିଥିଲେ । ବବୁ ବାହନ ବେହେରା ଯୁଡାଇସ ପ୍ଲସ ଓ ଅପାର ଆଇଡି ଜେନେରେସନ, ଅଜୟ ବଳିୟାରସିଂହ ସମଗ୍ର ଶିକ୍ଷା ୟୁସି, ଲୋକନାଥ ସାହୁ ଏଫଏଲଏନ ଆକ୍ଟିଭିଟି, ନିପୁଣ ଆପରେ ଶିକ୍ଷଣ ସୋପାନ ତଥ୍ୟ ଅପଡେଟ ଓ ଉଲ୍ଲାସ ମାର୍କ ଅପଲୋଡ୍ ଏବଂ ନିରୂପମା ତ୍ରିପାଠୀ ପ୍ରଶସ୍ତ ୨.୦ ସମ୍ବନ୍ଧରେ ଆଲୋଚନା କରିଥିଲେ । ପରିଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ତନିମା ବଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

ରାଷ୍ଟ୍ରୀୟ ଏକତା ଦିବସରେ ଯୋଗଦେବେ ନୂଆପଡ଼ା ଜିଲ୍ଲାର ୫୦ ଜଣ ପ୍ରତିନିଧି; ପ୍ରଥମ ପର୍ଯ୍ୟାୟରେ ୩ ପ୍ରତିନିଧିଙ୍କ ଗୁଜରାଟ ଯାତ୍ରା ଆରମ୍ଭ



ନୂଆପଡ଼ା, ୨୫/୧୦ (ଆ.ପ୍ର) :ଗୁଜରାଟର ଏକତା ନଗରଠାରେ ଆସନ୍ତା ଅକ୍ଟୋବର ୩୧ ତାରିଖରେ ଆୟୋଜିତ ହେବାକୁ ଥିବା ରାଷ୍ଟ୍ରୀୟ ଏକତା ଦିବସ-୨୦୨୬ ଏବଂ ଭାରତ ପର୍ବ-୨୦୨୬ରେ ନୂଆପଡ଼ା ଜିଲ୍ଲାରୁ ୫୦ ଜଣ ଆମନ୍ତ୍ରିତ ପ୍ରତିନିଧି ଯୋଗଦେବେ । ପ୍ରଥମ ପର୍ଯ୍ୟାୟରେ ରବିବାର ସକାଳେ ଖରିଆର ରୋଡ୍ ରେଳ ଷ୍ଟେସନରୁ ଜିଲ୍ଲାର ୩ ଜଣ ପ୍ରତିନିଧି ଗୁଜରାଟ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଉତ, ଉପଜିଲ୍ଲାପାଳ ସୁମି ସୋରେନ, ଏସ୍‌ଡିପିଓ କ୍ଷିରେଶ୍ୱର ସାହୁ, ଡେପୁଟି ଜିଲ୍ଲାପାଳ ଶେଖ ନସିମ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମାକାନ୍ତ ବିଶ୍ୱାସ ଏବଂ ବିଜେପି ଜିଲ୍ଲା ସଭାପତି କମଳେଶ ଦୀକ୍ଷିତଙ୍କ ସମେତ ଅନ୍ୟମାନେ ଖରିଆର ରୋଡ୍ ରେଳ ଷ୍ଟେସନରେ ଉପସ୍ଥିତ ରହି ପ୍ରତିନିଧିମାନଙ୍କୁ ବିଦାୟ ଜଣାଇବା ସହ ସେମାନଙ୍କର ସୁଖଦ ଓ ନିରାପଦ ଯାତ୍ରା କାମନା କରିଥିଲେ । ରାଷ୍ଟ୍ରୀୟ ଏକତା ଦିବସ ଅବସରରେ ଗୁଜରାଟର ଏକତା ନଗରସ୍ଥିତ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ଠାରେ ଭାରତର ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଭବ୍ୟ ଏକତା ପରେଡ ଆୟୋଜିତ ହେବ । ଚଳିତ ବର୍ଷର ପରେଡରେ ଦେଶରୁ ସଶସ୍ତ୍ର ନକ୍ସଲବାଦର ପରିସମାପ୍ତି ଦିଗରେ ହାସଲ ହୋଇଥିବା ଉଲ୍ଲେଖନୀୟ ସଫଳତାକୁ ବିଶେଷ ଭାବେ ପ୍ରଦର୍ଶିତ କରାଯିବ । ନକ୍ସଲବାଦ ବିରୋଧୀ ଅଭିଯାନରେ ସାହସିକତା ଓ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଭିନ୍ନ ରାଜ୍ୟର ପୁଲିସ ବାହିନୀ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀ (ସିଏପିଏଫ୍)ର ପରେଡ ଦଳ ଏଥିରେ ଅଂଶଗ୍ରହଣ କରିବେ । ଏହି ଅବସରରେ ଦେଶର ଏକଦା ସଶସ୍ତ୍ର ନକ୍ସଲବାଦ ପ୍ରଭାବିତ ୧୨୬ଟି ଜିଲ୍ଲାରୁ ପ୍ରାୟ ୨,୦୦୦ କଳାକାରଙ୍କୁ ନେଇ ରାଷ୍ଟ୍ରୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ପକ୍ଷରୁ ଏକ ସ୍ୱତନ୍ତ୍ର ସାଂସ୍କୃତିକ ପରିବେଷଣ କରାଯିବ । ନକ୍ସଲ ହିଂସା ସମୟରେ ସାଧାରଣ ଲୋକେ ସାମ୍ନା କରିଥିବା ଦୁର୍ଦ୍ଦଶା, ସଂଘର୍ଷ ଓ ଜୀବନଜୀବିକାର ସମସ୍ୟାକୁ ଏହି ପରିବେଷଣ ମାଧ୍ୟମରେ ଉପସ୍ଥାପନ କରାଯିବ । ଏହି ଜିଲ୍ଲାଗୁଡ଼ିକରୁ ପ୍ରାୟ ୫ ହଜାର ଜଣଙ୍କୁ ଏହି ସମାରୋହରେ ଆମନ୍ତ୍ରଣ କରାଯାଇଛି । ହିଂସାର ଅବସାନ ପରେ ସମ୍ପୃକ୍ତ ଅଂଚଳଗୁଡ଼ିକରେ ଶାନ୍ତି, ସ୍ଥିରତା ଓ ବିକାଶର ନୂତନ ଧାରା ପ୍ରବାହିତ ହେଉଥିବାର ବାର୍ତ୍ତା ଏହି ଆୟୋଜନ ମାଧ୍ୟମରେ ପ୍ରସାରିତ ହେବ । ଏହି ଜାତୀୟସ୍ତରୀୟ ସମାରୋହରେ ଯୋଗଦେଇ ନୂଆପଡ଼ା ଜିଲ୍ଲାର ପ୍ରତିନିଧିମାନେ ଜାତୀୟ ଏକତା, ଅଖଣ୍ଡତା, ଭାଇଚାରା ଓ ଦେଶପ୍ରେମର ବାର୍ତ୍ତାକୁ ଅଧିକ ଆତ୍ମସାତ୍ କରିବା ସହ ଦେଶର ସମୃଦ୍ଧ ସାଂସ୍କୃତିକ ବିବିଧତା ଓ ଐତିହ୍ୟର ଅନୁଭୂତି ହାସଲ କରିବେ ।

ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ



ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଓ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଓଡ଼ିଶା ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା । ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୯ ତାରିଖରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ । ସେହିପରି, ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ ଅବସରରେ ମଧ୍ୟ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ବକ୍ତୃତା ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଆସନ୍ତା ୨୭ ତାରିଖରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ । ଏହି ପ୍ରତିଯୋଗିତା ଗୁଡ଼ିକରେ ବିଚାରକ ଭାବେ ଚିଦାନନ୍ଦ ବେହେରା, ପ୍ରାକ୍ତନ ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡେମୀ, ଗଜପତି, ଅଧ୍ୟାପିକା ଶୁଭ୍ରା ପଟ୍ଟନାୟକ, ଅଧ୍ୟାପକ ଆର୍ତ୍ତତ୍ରାଣ ତଇଡି, ଅଧ୍ୟାପିକା ଅଞ୍ଜନା ପଟ୍ଟନାୟକ, ଡ଼.ଶ୍ୱେତା ପଟ୍ଟନାୟକ, କିଶୋର ଦାସ ଓ ରମାକାନ୍ତ ବାରାଡ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରିଥିଲେ । ଏହି ପ୍ରତିଯୋଗିତା ଗୁଡ଼ିକ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା, ସୃଜନଶୀଳତା, ନୈତିକ ମୂଲ୍ୟବୋଧ ଓ ଦୁର୍ନୀତି ବିରୋଧୀ ମନୋଭାବ ବୃଦ୍ଧି କରିବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା ।

ଧୂମାଧାମରେ ପାଳିତ ହେଲା ଗଜଲକ୍ଷ୍ମୀ ପୂଜା



ଦଶପଲ୍ଲା, ୨୫/୧୦ (ଆ.ପ୍ର) : ଦଶପଲ୍ଲା ଏନ ଏ ସି ଅନ୍ତର୍ଗତ ଲକ୍ଷ୍ମୀ ବଜାର ଠାରେ ଗଜଲକ୍ଷ୍ମୀ ପୂଜା ଚଳିତ ବର୍ଷକୁ ୬୬ ବର୍ଷ ରେ ପଦାର୍ପଣ କରିଛି । ୧୯୬୦ ମସିହା ଠାରୁ ପାରମ୍ପରିକ ଭାବେ ବଜାର ପୂଜା ହୋଇ ଆସୁଛି । ଦୀର୍ଘ ବର୍ଷ ଧରି ପୂଜା ହୋଇ ଆସୁଥିବାରୁ ବ୍ୟବସାୟୀଙ୍କ ମଧ୍ୟ ରେ ଅପୂର୍ବ ଆନନ୍ଦ ଦେଖିବାକୁ ମିଳିଛି । ମା'ଙ୍କ ପ୍ରତ୍ୟକ୍ଷ ରୁ କୁଁଆରିଆ ନଦୀରୁ ପବିତ୍ର ଜଳ କଳସ ଶୋଭାଯାତ୍ରାରେ ଆଣି ମନ୍ଦିରରେ ସ୍ଥାପନ କରାଯାଇଥିଲା । ନିର୍ଦ୍ଧାରିତ ସମୟରେ ବ୍ରାହ୍ମଣ ଅଶୋକ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ପୂଜା ଓ ହୋମ କରାଯାଇଥିଲା । କର୍ତ୍ତା ଭାବେ ପ୍ରଫୁଲ୍ଲ କୁମାର ପ୍ରଧାନ ଓ ପତ୍ନୀ ସସ୍ମିତା ପ୍ରଧାନ କାର୍ଯ୍ୟ ତୁଲାଇ ଥିଲେ । ଅନୁଷ୍ଠାନର ସଭାପତି ଅଲେଖ ସାହୁଙ୍କ ସଭାପତିତ୍ୱରେ ମହାବୀର ବଣିକ ମହାସଂଘର ସହଯୋଗୀ ୧୪ ଗୋଟି ବଜାରର କାର୍ଯ୍ୟକର୍ତ୍ତା ବନ୍ଧୁ ମିଳନ ଉତ୍ସବ ରେ ଅଂଶ ଗ୍ରହଣ କରିଥିଲେ । ଅତିଥି ଭାବେ ମହାସଂଘର ଉପଦେଷ୍ଟା ମଣ୍ଡଳୀ ଓ କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ଏହି ଅବସର ରେ ବଜାର ବର୍ଷୀୟାନ ବ୍ୟବସାୟୀ ରବୀନ୍ଦ୍ର କୁମାର ସାହୁଙ୍କ ମରଣୋତର ସଂମ୍ମାନ ରେ ତାଙ୍କ ପୁଅ ଲଳିତ କୁମାର ସାହୁଙ୍କୁ ସଂମ୍ମାନିତ କରାଯାଇଥିଲା । ସମ୍ପାଦକ ଶିଶିର ବାରିକ, ଉପ ସଭାପତି ଅନିଲ କୁମାର ରାୟ, କୋଷାଧ୍ୟକ୍ଷ ରମେଶ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ସଂଧ୍ୟା ସମୟରେ ଆଗନ୍ତୁକ ଭକ୍ତଙ୍କ ଉଦେଶ୍ୟରେ ସନ୍ତୋଷ କୁମାର ସାହୁ ରାମ ଖେଚେଡ଼ା ପ୍ରସାଦ କରି ବଂଟନ କରିଥିଲେ । ଅନୁରୂପ ଭାବେ ଦଶପଲ୍ଲାର କୁଆଁରିଆ ଛକ ଠାରେ ମଧ ଗଜ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଅଛି ।

ବାଲିଗୁଡ଼ା ବ୍ଲକ ଓ ଏନଏସି କମିଟିର ନୂତନ କର୍ମକର୍ତ୍ତା କ୍ଳେଶ ପ୍ରଧାନ ସଭାପତି, ଅମିତ ନାୟକ ଏନଏସି ସଭାପତି





ବାଲିଗୁଡ଼ା, ୨୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲାରେ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ବାଲିଗୁଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ବ୍ଲକ ଓ ନଗରାଂଚଳ ପାଇଁ ନୂତନ ସାଂଗଠନିକ ନିଯୁକ୍ତି ଘୋଷଣା କରାଯାଇଛି । ଅକ୍ଟୋବର ୨୩ ତାରିଖରେ ଜାରି ଦଳୀୟ କାର୍ଯ୍ୟାଳୟ ଆଦେଶ ଅନୁଯାୟୀ, କୋଟଗଡ଼, ତୁମୁଡ଼ିବନ୍ଧ, ବାଲିଗୁଡ଼ା ଓ କ. ନୂଆଗାଁ ବ୍ଲକ ସମେତ ବାଲିଗୁଡ଼ା ଏନ୍‌ଏସି ପାଇଁ ସଭାପତି ଓ କାର୍ଯ୍ୟକାରୀ ସଭାପତି ନିଯୁକ୍ତ ହୋଇଛନ୍ତି । ଏହି ନିଯୁକ୍ତି ଅନୁସାରେ, କୋଟଗଡ଼ ବ୍ଲକ ସଭାପତି ଭାବେ ଷ୍ଟିଫେନ ପ୍ରଧାନ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ସରୋଜ ବଳିଆରସିଂହ ଦାୟିତ୍ୱ ପାଇଛନ୍ତି । ସେହିପରି ତୁମୁଡ଼ିବନ୍ଧ ବ୍ଲକ ସଭାପତି ଭାବେ କୁନା ଦଣ୍ଡସେନା ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଜହନ ବାରିକ ନିଯୁକ୍ତ ହୋଇଛନ୍ତି । ବାଲିଗୁଡ଼ା ବ୍ଲକ ସଭାପତି ଭାବେ କ୍ଳେଶ ପ୍ରଧାନ ଏବଂ କାର୍ଯ୍ୟକାରୀ ସଭାପତି ଭାବେ କବିରାଜ ରଣା ଦାୟିତ୍ୱ ପାଇଥିବା ବେଳେ, କ. ନୂଆଗାଁ ବ୍ଲକ ସଭାପତି ଭାବେ ମଦନ ମୋହନ ପ୍ରଧାନ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମହାଦେବ ପ୍ରଧାନ ନିଯୁକ୍ତ ହୋଇଛନ୍ତି । ଅନ୍ୟପକ୍ଷରେ, ବାଲିଗୁଡ଼ା ଏନ୍‌ଏସି ସଭାପତି ଭାବେ ଅମିତ କୁମାର ନାୟକ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ମାନସ କୁମାର ଅମାତ ନିଯୁକ୍ତ ହୋଇଛନ୍ତି । ବିଜେଡି ସଭାପତିଙ୍କ ଆଦେଶକ୍ରମେ ଦଳର ବରିଷ୍ଠ ଉପସଭାପତି (ମୁଖ୍ୟାଳୟ) ଦେବୀପ୍ରସାଦ ମିଶ୍ରଙ୍କ ସ୍ୱାକ୍ଷରରେ ଏହି ନିଯୁକ୍ତି ଆଦେଶ ଜାରି ହୋଇଛି । ଆଦେଶରେ ଉଲ୍ଲେଖ ଅନୁଯାୟୀ, ନିଯୁକ୍ତି ଗୁଡ଼ିକ ତତ୍କାଳ ଲାଗୁ ହେବ । ନୂତନ ଦାୟିତ୍ୱ ପାଇଥିବା ନେତାମାନେ ନିଜ ନିଜ ଅଂଚଳରେ ଦଳୀୟ ସଂଗଠନକୁ କିପରି ସୁଦୃଢ଼ କରିବେ ଏବଂ ତୃଣମୂଳ ସ୍ତରରେ କର୍ମୀଙ୍କୁ ଏକଜୁଟ କରିବେ, ତାହା ଆଗାମୀ ଦିନରେ ଗୁରୁତ୍ୱ ବହନ କରିବ ।

ଏରସମାରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ



ଏରସମା, ୨୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା, ଏରସମା ବ୍ଲକ, ଏରସମା ଅଂଚଳିକ ଯୁବ ପରିଷଦ ପକ୍ଷରୁ ୨୧ ବର୍ଷ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ଅସତ୍ୟ ଉପରେ ସତ୍ୟ ଓ ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ଭାବେ ଆୟୋଜିତ ଏହି ଉତ୍ସବରେ ଏରସମା -ବାଲିକୁଦା ବିଧାୟକ ସାରଦା ପ୍ରସାଦ ଜେନା ମୁଖ୍ୟ ଅତିଥି, ଆଳି ବିଧାୟକ ପୂର୍ବ ତନ ମନ୍ତ୍ରୀ ପ୍ରତାପ କେଶରୀ ଦେ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । ଏହି ଅବସରରେ ଶ୍ରୀ ଜେନା ରାବଣ ପୋଡି ଉତ୍ସବର ଧାର୍ମିକ ଓ ସାମାଜିକ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ଦେ କହିଥିଲେ ସତ୍ୟ, ଅଧର୍ମ ଉପରେ ଧର୍ମର ବିଜୟର ପ୍ରତୀକ ପ୍ରଭୁ ଶ୍ରୀରାମଙ୍କ ଆଦର୍ଶ, ସତ୍ୟ, ନ୍ୟାୟ ଓ ଧର୍ମର ପଥ ମାନବ ସମାଜ ପାଇଁ ସର୍ବଦା ପ୍ରେରଣାର ଉତ୍ସ ବୋଲି ଉଲେଖ କରିଥିଲେ । ଏଭଳି ପାରମ୍ପରିକ ଉତ୍ସବ ସମାଜରେ ଭାଇଚାରା ଏକତା ଓ ସାଂସ୍କୃତିକ ଚେତନାକୁ ସୁଦୃଢ଼ କରିଥାଏ ବୋଲି ମତପ୍ରକାଶ କରିଥିଲେ । ରାବଣ ପୋଡି ଉତ୍ସବକୁ ନେଇ ସମଗ୍ର ଏରସମା ଅଂଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା । ଏହି ଉତ୍ସବ ମାଧ୍ୟମରେ ଅହଂକାର ଅନ୍ୟାୟ ଓ ଅଧର୍ମକୁ ପରିତ୍ୟାଗ କରି ସତ୍ୟ ଓ ନ୍ୟାୟର ପଥରେ ଆଗେଇ ଚାଲିବାର ବାର୍ତ୍ତା ପ୍ରଦାନ କରିଥିଲେ । ଏରସମା ଏହି ପାରମ୍ପରିକ ଉତ୍ସବ ଅଂଚଳର ସାଂସ୍କୃତିକ ଐତିହ୍ୟ ଓ ଧାର୍ମିକ ଭାବନାକୁ ପ୍ରତିଫଳିତ କରିଥିଲେ । ଅନ୍ୟ ମାନେ ହେଲେ ପୂର୍ବ ତନ ମନ୍ତ୍ରୀବିଧାୟକ ରଘୁନନ୍ଦନ ଦାସ, ଏରସମା ବ୍ଲକ ବିଜେଡି ର ସଭାପତି ପୀତବାସ ଗୋଛାୟତ, ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର, ଏରସମା ସରପଂଚ ସବିତା ନନ୍ଦ ଦାସ, ସମିତି ସଭ୍ୟା ଦେବଯାନୀ ସେଠୀ ଯୋଗଦେଇଥିଲେ ।

ଦଶହରା ଅବସରରେ ମା ବ୍ୟାଘ୍ରଦେବୀ କଳା ଓ ସଂସ୍କୃତି ପରିଷଦ ତରଫରୁ ସାମାଜିକ ନାଟକ ଅନୁଷ୍ଠିତ



ଟିକାବାଲି, ୨୫/୧୦ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ବସ ଷ୍ଟାଣ୍ଡ ଠାରେ ମା ବ୍ୟାଘ୍ରଦେବୀ ଯୁବ ସଂଗଠନ ତରଫରୁ ଦୁଇ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି ଓ ପ୍ରଥମ ଦିନ ରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମେଲୋଡି ଅନୁଷ୍ଠିତ ହୋଇଥିଲା ଓ ଦ୍ୱିତୀୟ ଦିବସ ରେ ବହୁ ପ୍ରତୀକ୍ଷିତ ଦୁଃଖ ସୁଖ ଭରା ସାମାଜିକ ନାଟକ 'ଆସିଛି ଏକା ଯିବି ମୁଁ ଏକା' ନାଟ୍ୟ ପରିବେଷଣ କରାଯାଇଥିଲା । ଏହି ଦୁଇ ଦିନର କାର୍ଯ୍ୟକ୍ରମରେ ମା ବ୍ୟାଘ୍ରଦେବୀ କଳା ଓ ସଂସ୍କୃତି ପରିଷଦର ସଭାପତି ତରୁଣ କୁମାର ଭୋଇ ସମସ୍ତ ଅତିଥିଙ୍କ ଉପସ୍ଥିତରେମୁଖ୍ୟ ଅତିଥିଙ୍କ ଦ୍ୱାରା କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅତିଥିଙ୍କ ମଧ୍ୟରେ ଜି. ଉଦୟଗିରି ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ, ଟିକାବାଲି ସମିତି ଅଧ୍ୟକ୍ଷ ଦିଲ୍ଲୀପ କହଁର, ରାଇକିଆ ମହାବିଦ୍ୟାଳୟର ବର୍ତ୍ତମାନର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି, ରାଇକିଆ ଓ ଟିକାବାଲି ବ୍ଲକ ଉନ୍ନୟନ ଅଧିକାରୀ ସବ୍ୟସାଚୀ ସାହୁ ଓ ବିଷ୍ଣୁଗୋବିନ୍ଦ, ପୂର୍ବତନ ଜିଲ୍ଲା ପରିଷଦ ରାମବିଶି ଦିଗାଳ, ଶିକ୍ଷାବିତ ତଥା ଅବସରପ୍ରାପ୍ତ ଶିକ୍ଷକ ଜଗନ୍ନାଥ ସାହୁ, ତାରିଣୀ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଭୋଇ, ବଣିକ ସଂଘ ସମ୍ପାଦକ ପ୍ରଦୀପ କୁମାର ପଣ୍ଡା, ଦୁର୍ଗାପୂଜା କମିଟି ସଭାପତି ବିମଳ ଭୋଇ, ବିଶିଷ୍ଟ କଳାକାର ଶ୍ରୀଯୁକ୍ତ ଗୋବିନ୍ଦ ବେହେରା, ରାଜ୍ୟ ସ୍ତରୀୟ ବିଖ୍ୟାତ କଣ୍ଠଶିଳ୍ପୀ ଜଳନ୍ଧର ଦିଗାଳ ପ୍ରମୁଖ ମଂଚାସିନ ଥିଲେ । ଅତି ଚମତ୍କାର ଅଭିନୟ ପାଇଁ ଦର୍ଶକ ସମସ୍ତ କଳାକାରଙ୍କୁ କରତାଳି ସହ ଉତ୍ସାହିତ କରିଥିଲେ । ବିଗତ ୫ ବର୍ଷ ଧରି ଏହିପରି ସୁପର ହିଟ କାର୍ଯ୍ୟକ୍ରମ କରୁଥିବାରୁ ସମଗ୍ର ଟିକାବାଲି ବ୍ଲକରେ ଯୁବ ସଂଗଠନକୁ ସର୍ବଦା ପ୍ରଶଂସା କରୁଅଛନ୍ତି । ଏହି କାର୍ଯ୍ୟକ୍ରମରେ ଚମତ୍କାର ଉଦଘୋଷକ ରୂପ ସୁଧୀର କୁମାର ସାହୁ ମଂଚ ପରିଚାଳନା କରିଥିଲେ । ଯୁବ ସଂଗଠନରେ ଅହରହ କାର୍ଯ୍ୟ କରିଆସୁଥିବା ଅନେକ ସଦସ୍ୟ ଓ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା ।

ମୃତ୍ୟୁ ପ୍ରମାଣ ପତ୍ର ଦେବା ଲାଗି ବ୍ୟାପକ ଅର୍ଥ ଦାବି ଦୁର୍ନୀତି ନିବାରଣ ବିଭାଗ ପକ୍ଷରୁ ତଦନ୍ତ ଦାବି

ନିମାପଡା, ୨୫/୧୦ (ଆ.ପ୍ର) : କେନ୍ଦ୍ର ସରକାର କୌଣସି ମୃତ ଲୋକଙ୍କ ନାମରେ ଜମି ରହିବ ନାହିଁ ଏବଂ ଆଧାର ସହିତ ଧାନ ବିଲ ଜମି ସଂଯୋଗୀକରଣ କରାଯିବ ବୋଲି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିପାଇଁ ରାଜ୍ୟ କୃଷି ବିଭାଗ ଓ ରାଜସ୍ୱ ବିଭାଗ ଆଧାର ସହିତ ନିଜ ନାମରେ ଧାନ ଜମିଥିବା ବ୍ୟକ୍ତି ବିଶେଷଙ୍କ ନାମ ସଂଯୋଗୀକରଣ କାର୍ଯ୍ୟ କରୁଛନ୍ତି । ମାତ୍ର ବହୁ ଜମି ମୃତ ଅଜା ଓ ମୃତ ପିତା ନାମରେ ରହିଅଛି । ସେଗୁଡିକୁ ସଂଶୋଧନ କରିବାକୁ ହେଲେ ଅଜା କିମ୍ବା ପିତାଙ୍କ ମୃତ ପ୍ରମାଣ ପତ୍ର ସହିତ ତହସିଲ କାର୍ଯ୍ୟାଳୟରୁ ଉତରାଧିକାରୀ ପ୍ରମାଣ ପତ୍ର ଆବଶ୍ୟକ ପଡୁଛି । ଉତରାଧିକାରୀ ପ୍ରମାଣ ପତ୍ରରେ ବିବାହିତ ଝିଅ ମାନଙ୍କ ନାମ ରହୁଛି । ଯେଉଁ ବିବାହିତ ଝିଅ ମୃତ୍ୟୁ ହୋଇଯାଇଥିବ ତାଙ୍କ ପିଲା ମାନଙ୍କ ନାମ ରେକର୍ଡରେ ରହୁଛି ଫଳରେ ଜମି ସଂକୁଚିତ ହୋଇଯିବା ଭୟରେ ବହୁ ବ୍ୟକ୍ତି ଜମି ଟୁ ସଂଶୋଧନ କରିବାକୁ ରାଜି ହେଉନାହାନ୍ତି । ଆଉ କେତେକ ବ୍ୟକ୍ତି ମେଡିକାଲରୁ ପ୍ରମାଣ ପତ୍ର କାଢ଼ିବାକୁ ଯାଇଁ ନାକରେ କାନ୍ଦୁଛନ୍ତି । କେବଳ ସରକାରୀ ଚାଲାଣ ଲାଗି ଅର୍ଥ ଜମା ଦେଲେ ମୃତ ପ୍ରମାଣ ପତ୍ର ମିଳୁଥିଲା. ଏବେ କିନ୍ତୁ ତହସିଲରେ ମିସ କେଶ କରି ଆଣି ମୃତ ପ୍ରମାଣ ପତ୍ର କାଢ଼ିବାକୁ ପଡୁଛି । ଏହି କାର୍ଯ୍ୟ କରିବାକୁ ତହସିଲ ଓ ମେଡିକାଲରେ ପ୍ରାୟ ୫ ହଜାର ଟଙ୍କା ଲାଗୁଛି । ମେଡିକାଲ ରେ ୩/୪ ଜଣ ଏଜେଂଟ ରହିଛନ୍ତି । ଯେ ଟଙ୍କା ଦିଅ ତୁମ ପ୍ରମାଣ ପତ୍ର ଦିଆଯିବ । ଏପରିକି ଲୋକଟି ଯେବେ ମରୁ ପଛେ ତାର କିଛି ତାରିଖ ଲୋଡ଼ା ନାହିଁ । ଅପରପକ୍ଷେ ଅନ୍ୟ ଜିଲ୍ଲା ଲୋକ ମଧ୍ୟ ଏହି ମେଡିକାଲରୁ ୩୦ରୁ ୩୫ ହଜାର ଟଙ୍କା ଲାଂଚ ଦେଇ ପ୍ରମାଣ ପତ୍ର ନେଉଥିବା ଅଭିଯୋଗ ହେଉଛି । ନିଯୁକ୍ତି ପାଇଥିବା କର୍ମଚାରୀ ଜଣକ ନିଜେ ସିଧା ସଳଖ ଉତକୋଚ ନ ନେଇ ୪ ଜଣ ଏଜେଂଟ ମାଧ୍ୟମରେ ଅର୍ଥ ଦାବି କରୁଛନ୍ତି ଦେଲେ ହେବ ନ ହେଲେ ବିଳମ୍ବ ହେବ କହି ମେଡିକାଲରୁ ବିଦା କରିଦେଉଛନ୍ତି । ସନ୍ଧ୍ୟା ସମୟରେ ବସାରେ ଦେଣେ ନେଣେ ହେଉଛି । ଦାୟିତ୍ୱରେ ଥିବା ମେଡିକାଲ ଅଧିକାରୀ ସବୁ ଜାଣି ସୁଣି ନେଇ ଚୁପ ରହୁଛନ୍ତି । ଏହି ମେଡିକାଲରେ ବିଗତ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ପ୍ରଦାନ କରାଯାଇଥିବା ମୃତ ପ୍ରମାଣ ପତ୍ର ରେ ବହୁ ଦୁର୍ନୀତି ହୋଇଥିବା ନେଇ ଅଭିଯୋଗ ହୋଇଛି । ଏହାର ତଦନ୍ତ ଦୁର୍ନୀତି ବିଭାଗ ପକ୍ଷରୁ କରାଗଲେ ବହୁ ରହସ୍ୟ ଲୋକ ଲୋଚନକୁ ଆସିପାରିବ ବୋଲି ଦାବି ହେଉଛି. ଏହାର ତଦନ୍ତ କରା ନ ଗଲେ ଆନ୍ଦୋଳନା ମୁକ ଅବଲମ୍ବନ କରାଯିବ ବୋଲି କଂଗ୍ରେସ ନେତା ବନ ବିହାରୀ ଦାଶ ଓ ଅନ୍ୟ ସଂଗଠନ ପକ୍ଷରୁ ସୂଚନା ମିଳିଛି ।

ଗରାମରେ ବିଜେପିର ସାଂଗଠନିକ ବୈଠକ



ତିର୍ତୋଲ, ୨୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ଜଗନ୍ନାଥପୁର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ପ୍ରଶାନ୍ତ କୁମାର ବାରିକଙ୍କ ନେତୃତ୍ୱରେ ଗରାମ ପଂଚାୟତରେ ସନିଆ ଭାଇଙ୍କ ବାସଭବନରେ ପଂଚାୟତର ସମସ୍ତ ବିଜେପି କାର୍ଯ୍ୟକର୍ତ୍ତା ଓ ସାଥୀମାନଙ୍କୁ ନେଇ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ଆଗାମୀ ନିର୍ବାଚନ ପ୍ରସ୍ତୁତି, ସାଂଗଠନିକ ଏକତା ଓ ଦଳକୁ ତୃଣମୂଳ ସ୍ତରରେ ଆହୁରି ସୁଦୃଢ଼ କରିବା ସହ ଆଗାମୀ ଦିନର କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ବୈଠକର ମୂଳ ଲକ୍ଷ୍ୟ ହେଉଛି ସମସ୍ତ କାର୍ଯ୍ୟକର୍ତ୍ତା ଏକଜୁଟ ହୋଇ ଭାଇଚାରା, ପାରସ୍ପରିକ ସହଯୋଗ ଓ ସାଂଗଠନିକ ଶୃଙ୍ଖଳା ସହ ଆଗକୁ ବଢ଼ିବା । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବରିଷ୍ଠ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା ଓ ଯୁବ ସାଥୀ ମାନଙ୍କୁ ପ୍ରଶାନ୍ତ କୁମାର ବାରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଉକ୍ତ ବୈଠକରେ ଏକତା ହିଁ ଆମର ଶକ୍ତି ଓ ସମସ୍ତେ ମିଶି ସଂଗଠନକୁ ଆହୁରି ମଜବୁତ କରିବା ପାଇଁ ପ୍ରଶାନ୍ତ ସମସ୍ତଙ୍କୁ କହିଛନ୍ତି । ଏହି ବୈଠକରେ ସାଧାରଣ ସମ୍ପାଦକ ଜୟଦେବ ନନ୍ଦ, ପଂଚାୟତ ପ୍ରମୁଖ କୈଳାଶ ଜେନା, ବରିଷ୍ଠ ବିଜେପି କର୍ମୀ ଭରତ ନାୟକ, ବିରଷ୍ଠ ଶିକ୍ଷକ ପିତାମ୍ବର ପଣ୍ଡା, ପଂଚାୟତ ବୁଥ୍ ସଭାପତି ଚନ୍ଦନ କୁମାର ମଲ୍ଲିକଙ୍କ ସମେତ ପଂଚାୟତର ଶତାଧିକ କର୍ମୀ ଏହି ବୈଠକରେ ଯୋଗଦେଇଥିଲେ ।

ଅସୁସ୍ଥ ଶଙ୍କର ବକ୍ସିଙ୍କୁ ଭେଟିଲେ ବିଧାୟକ ରୂପେଶ ପାଣିଗ୍ରାହୀ



ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ପାରଳା ମହିଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଶଙ୍କର ବକ୍ସିଙ୍କ ଅସୁସ୍ଥତା ଖବର ପାଇ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ତୁରନ୍ତ ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲରେ ପହଂଚି ତାଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ବିଧାୟକ ଶ୍ରୀ ବକ୍ସିଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ତାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ଏଥିସହ ତାଙ୍କର ଶୀଘ୍ର ଆରୋଗ୍ୟ କାମନା କରିଥିଲେ । ପାରଳାଖେମୁଣ୍ଡି ସହରର ବକ୍ସି ସାହି ନିବାସୀ ଶଙ୍କର ବକ୍ସି ପାରଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଶିକ୍ଷା କ୍ଷେତ୍ରରେ ନିଜର ଅବଦାନ ରଖିଛନ୍ତି । ତାଙ୍କ ଅସୁସ୍ଥତା ଖବର ଜଣାପଡ଼ିବା ପରେ ତାଙ୍କର ଶୁଭେଚ୍ଛୁ, ପରିଚିତ ଓ ଅଂଚଳବାସୀଙ୍କ ମଧ୍ୟରେ ଚିନ୍ତା ପ୍ରକାଶ ପାଉଛି । ଏଭଳି ସମୟରେ ବିଧାୟକ ରୂପେଶ ପାଣିଗ୍ରାହୀ ହସ୍ପିଟାଲରେ ପହଂଚି ତାଙ୍କର ଭଲମନ୍ଦ ବୁଝିବା ସହ ପରିବାରକୁ ସାକ୍ଷାତ କରିବା ଏକ ସମ୍ବେଦନଶୀଳ ମାନବିକ ପଦକ୍ଷେପ ଭାବେ ଦେଖାଯାଉଛି । ଶ୍ରୀ ବକ୍ସି ସୁସ୍ଥ ହୋଇ ପୁନର୍ବାର ସ୍ୱାଭାବିକ ଜୀବନକୁ ଫେରନ୍ତୁ ବୋଲି ବିଧାୟକ ତାଙ୍କର ଶୁଭକାମନା ଜଣାଇଛନ୍ତି । ଏହି ଗସ୍ତ ସମୟରେ ପାରଳାଖେମୁଣ୍ଡିର ଅମର ପାତ୍ରୀ, ମଂଟୁ ବକ୍ସି, ଟିଂଟୁ ବକ୍ସି, ବାବୁଲ ବେହେରା, ନାସିର ବେଗ ଓ ସୁବାସ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଶଙ୍କର ବକ୍ସିଙ୍କ ଆଶୁ ଆରୋଗ୍ୟ ଓ ସୁସ୍ଥ ଜୀବନ କାମନା କରୁଛନ୍ତି ତାଙ୍କର ଶୁଭେଚ୍ଛୁ ଓ ପାରଳାଖେମୁଣ୍ଡିବାସୀ ।



ଆରମ୍ଭ
SEITHO ARAMBHA



ଦୀପିକାର ନ୍ୟାୟ ଦାବିରେ ଚନ୍ଦନେଶ୍ୱରରେ ପଥପ୍ରାନ୍ତ ସଭା ଅନୁଷ୍ଠିତ



ଭୋଗରାଇ, ୨୫/୧୦ (ଆ.ପ୍ର) : ଆଳିଏଆଇଡିଏସ, ଏଆଇଡିଆଇ ଓ ଏବଂ ଏ ଆଇ ଏମ ଏସ ଏସ ପକ୍ଷରୁ ଚନ୍ଦନେଶ୍ୱରଠାରେ ଏକ ପଥପ୍ରାନ୍ତ ସଭା ଦୀପିକାର ନ୍ୟାୟ ଦାବିରରେ ଅନୁଷ୍ଠିତ ହୋଇଯାଇଛି । ନାରୀ ନିର୍ଯାତନା ବନ୍ଦ କରିବା, ମୋବାଇଲ, ଇଂଟରନେଟରେ ଅଶ୍ଳୀଳତାର ପ୍ରଚାର ପ୍ରସାର ବନ୍ଦ କର, ମଦ ମାଦକ ଦ୍ରବ୍ୟର ଲାଇସେନ୍ସ ବାତିଲ କରିବା ଦାବୀ କରି, ବିଭିନ୍ନ ସ୍ଲୋଗାନ ଦେଇ ଚନ୍ଦନେଶ୍ୱର ମାର୍କେଟ ପରିକ୍ରମା କରଥିଲେ । ଅନୁଷ୍ଠିତ ପଥପ୍ରାନ୍ତ ଶୋଭାକୁ ହରେକୃଷ୍ଣ ଦାସ ପରିଚାଳନା କରିବା ସହିତ ସେ କହି ଥିଲେ ଯେ ସୌମ୍ୟାଶ୍ରୀ ଘଟଣାର ପୁନରାବୃତି ହେଲା । ତା ପାଇଁ ସମ୍ପୂର୍ଣ ଭାବରେ ସରକାର ହିଁ ଦାୟୀ, ଯଦି ଏହାର ନ୍ୟାୟ ନ ମିଳେ ଆଗାମୀ ଦିନର ଆନ୍ଦୋଳନ ପାଇଁ ସରକାର ଦାୟୀ ରହିବେ । ଏହି ଆନ୍ଦୋଳନରେ ଭୋଗରାଇ ମହିଳା ଶାଖାର ନେତ୍ରୀ କୃଷ୍ଣା ରାଣୀ ସାହୁ, ସରୋଜିନୀ ମହାନ୍ତି ଏବଂ ଏ ଆଇ ଡି ଆଇର ଜିଲ୍ଲା ନେତ୍ରୀ ଶୋଭାଯାତ୍ରା ଉପସ୍ଥାନ କରିଥିଲେ । ଏହି ଶୋଭା ଯାତ୍ରାରେ ଶହେରୁ ଉର୍ଦ୍ଧ୍ୱ ମହିଳା, ଛାତ୍ର, ଯୁବକ ଓ ଜନସାଧାରଣ ସାମିଲ ହୋଇ ଥିଲେ । ନିରପେକ୍ଷ ତଦନ୍ତ କରି ଘଟଣାର ଜଡିତ ସମସ୍ତ ଦୋଷୀଙ୍କୁ କୋଠର ଶାସ୍ତି ଦେବା ଆମର ଦାବୀ । ନାରୀ ନିର୍ଯାତନା ବନ୍ଦ କର ବୋଲି ଜନସାଧାରଣଙ୍କ ତରଫରୁ ଦାବୀ କରାଯାଇଅଛି । ଅନ୍ୟ ମାନଙ୍କ ମଧ୍ୟରେ କ୍ଷିତୀଜା ଅଞ୍ଜୁ ରୋହିତ ଖାନ, ବୁଦୁନୀ ସିଂ ଉପସ୍ଥିତ ଥିଲେ ।

ପଂଚଲିଙ୍ଗେଶ୍ୱର ଶୈବପୀଠରେ ଦୋକାନୀଙ୍କ ଦବଙ୍ଗଗିରି ପର୍ଯ୍ୟଟକଙ୍କୁ ମାଡମାରି କଲେ ଲହୁଲୁହାଣ

ନୀଳଗିରି, ୨୫/୧୦ (ଆ.ପ୍ର) : ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ବାଲେଶ୍ୱର ଜିଲ୍ଲାର ନୀଳଗିରି ସ୍ଥିତ ପଂଚଲିଙ୍ଗେଶ୍ୱର ଶୈବପୀଠ ଗୁରୁତ୍ୱ ବହନ କରେ ।ଦୈନନ୍ଦିନ ଶହଶହ ପର୍ଯ୍ୟଟକ ବାବାଙ୍କୁ ଦର୍ଶନ କରିବାକୁ ଆସୁଥିବାବେଳେ ପୀଠରେ ଥିବା ଦୋକାନୀମାନଙ୍କ ପ୍ରାଦୁର୍ଭାବ ଯୋଗୁଁ ଅଧିକାଂଶ ସମୟରେ ଦୋକାନୀ ଏବଂ ପର୍ଯ୍ୟଟକଙ୍କ ମଧ୍ୟରେ ଝଗଡ଼ା, ବାକବିତଣ୍ଡା ହେଉ ଥିବାର ଅନେକ ନଜିର ରହିଛି । ବେଳେ ବେଳେ ପର୍ଯ୍ୟଟକଙ୍କୁ ମାଡ଼ ମାରି ଲହୁଲୁହାଣ କରିବାକୁ ପଛାଇ ନଥିବା ଅଭିଯୋଗ ହୁଏ । ଫଳରେ ଏବେ ପର୍ଯ୍ୟଟକମାନେ ପଂଚଲିଙ୍ଗେଶ୍ୱର ଆସିବାପାଇଁ ଭୟ କରୁଛନ୍ତି । ରବିବାର ଏପରି ଏକ ଘଟଣା ପଂଚଲିଙ୍ଗେଶ୍ୱରରେ ଦେଖିବାକୁ ମିଳିଛି । ସୂଚନା ରୁ ଜଣାଯାଇଛି, ଅନୁଗୁଳ ଅଂଚଳରୁ ସଙ୍ଗୀତାରାଣୀ ମିଶ୍ର ନିଜ ପରିବାର ସହିତ ପଂଚଲିଙ୍ଗେଶ୍ୱର ବୁଲିବାକୁ ଆସିଥିଲେ । ଠାକୁର ଦର୍ଶନକରି ଫେରୁଥିବା ବେଳେ ତାଙ୍କର ପୁତୁରା ସୁରଜ ମିଶ୍ର ଏକ ଦୋକାନରେ ଗଣେଶ ମୂର୍ତି ଦେଖୁଥିଲେ । ମାତ୍ର ପସନ୍ଦ ନହେବାରୁ ପଳାଇ ଆସୁଥିବା ସମୟରେ ଦୋକାନୀ ତନୁ ଓ ଶୁକୁଟା ସମେତ ୩-୪ ଜଣ ମିଶି ପୁତୁରା ସୁରଜଙ୍କୁ ପିଟାମରା କରି ଲହୁଲୁହାଣ କରି ପକାଇଥିଲେ । ପରିବାର ଲୋକେ ପ୍ରତିବାଦ କରିବାରୁ ସେମାନଙ୍କୁ ମଧ୍ୟ ମାଡ଼ ମାରିଥିଲେ । ଏନେଇ ସଙ୍ଗୀତାରାଣୀ ମିଶ୍ର ତୁରନ୍ତ ଇଶ୍ୱରପୁର ଫାଣ୍ଡି ଅଧିକାରୀ ମାନସ ରଞ୍ଜନ ନାୟକଙ୍କୁ ଫୋନ କରିଥିଲେ ହେଁ ଫାଣ୍ଡି ଅଧିକାରୀ ଫୋନ୍ ଉଠାଇ ନଥିଲେ ।ପରେ ୧୧୨କୁ ମଧ୍ୟ ଫୋନ୍ କରିଥିଲେ । ମାତ୍ର କେହି ନଆସିବାରୁ ବାଧ୍ୟହୋଇ ନିଜଗାଡ଼ିରେ ନୀଳଗିରି ମେଡିକାଲ୍ ଆସି ଚିକିତ୍ସିତ ହୋଇଥିଲେ । ପୁତୁରା ପିଠିରେ ଗୁରୁତର ମାଡ଼ଚିହ୍ନ ଥିବାବେଳେ ଗୁରୁତର ଥିବାର ଦେଖିବାକୁ ମିଳିଛି । ପରେ ସଙ୍ଗୀତାରାଣୀ ମିଶ୍ର ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି । ଏନେଇ ନୀଳଗିରି ଥାନାରେ ୪୬୯/୨୬ ରେ ମାମଲା ରୁଜୁ ହୋଇଛି । ତେବେ ବାହାର ପର୍ଯ୍ୟଟକ ପୋଲିସର ସହାୟତା ମାଗୁଥିବା ବେଳେ ପୋଲିସର ସହଯୋଗ ନମିଳିବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ତେବେ ଦୋକାନୀଙ୍କ ଦବଙ୍ଗଗିରି ଉପରେ ପୋଲିସ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା ।

ଐର ଖାରବେଳ ଦୁର୍ଗାପ୍ରସାଦ ପରିଡ଼ାଙ୍କ ଚତୁର୍ଦ୍ଦଶ ପୁସ୍ତକ ଉନ୍ମୋଚିତ



ନୀଳଗିରି, ୨୫/୧୦ (ଆ.ପ୍ର) : ନୀଳଗିରି ମାଟିର ସୁପୁତ୍ର ଦୁର୍ଗାପ୍ରସାଦ ପରିଡ଼ା ଙ୍କର ଚତୁର୍ଦ୍ଦଶ ପୁସ୍ତକ 'ଐର ଖାରବେଳ'ଏକ ଆଧ୍ୟାତ୍ମିକ ପରିବେଶ ରେ ସଜନାଗଡ ସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା ନିକେତନ ପରିସରରେ ବୟୋଜ୍ୟେଷ୍ଠ ଶିକ୍ଷାବିତ ବାମନ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଉନ୍ମୋଚିତ ହୋଇଯାଇଛି । ଅନୁଷ୍ଠାନର ସମ୍ପାଦକ ବିଶ୍ୱନାଥ ନାୟକ ସ୍ୱାଗତ ସମାଷଣ ଓ ନିଆରା ବନ୍ଧୁ ମିଳନ କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ କହିଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ ସେବା ନିବୃତ ପ୍ରଧାନ ଶିକ୍ଷକ ସୋମନାଥ ନାୟକ ଅତିଥି ମାନଂକ ପରିଚୟ ଓ ଶ୍ରୀ ପରିଡ଼ା ଙ୍କ ପୂର୍ବ ଲିଖିତ ପୁସ୍ତକ ଗୁଡିକର ସଂକ୍ଷିପ୍ତ ବର୍ଣ୍ଣନା କରିଥିଲେ । ଅଧ୍ୟାପକ ଡ଼ଃ ପ୍ରଦୀପ୍ତ କୁମାର ମିଶ୍ର ଓ ସେବା ନିବୃତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ମହାପାତ୍ର 'ଐର ଖାରବେଳ' ପୁସ୍ତକ ର ସମୀକ୍ଷା କରିଥିଲେ । ସାରସ୍ୱତ ସାଧକ ବିନୋଦ ବିହାରୀ ପଣ୍ଡା, ସୁଭାଷିନୀ ଜୀ, ବିପିନ୍ ବିହାରୀ ବାରିକ, ଗଗନ କୁମାର ସେଠୀ, ରବିନ୍ଦ୍ର ରାଉତ, ସତ୍ୟବ୍ରତ ମିଶ୍ର, ଶିଳ୍ପୀ କେଶୁ ଦାସ, ମହେଶ୍ୱର ପରିଡ଼ା, ବବିତା ସେଠୀ ପ୍ରମୁଖ ଲେଖକଙ୍କର ଲେଖନୀ ଓ ସାଧନା ପାଇଁ ଭୂୟସୀ ପ୍ରଶଂସା କରିଥିଲେ । ସଭାପତି ଶ୍ରୀ ମହାନ୍ତି ତାଙ୍କର ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ । ସର୍ବଶେଷରେ ସମୀକ୍ଷା ସାହିତ୍ୟ ସଂସଦର ସଭାପତି ସ୍ୱର୍ଗତ ଇନ୍ଦ୍ରମଣି ବିହାଣିଙ୍କ ପାଇଁ ୩ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଦଶମ ଶ୍ରେଣୀର ଛାତ୍ର ସ୍କୁଲକୁ ଯାଇ ଘରକୁ ନ ଫେରିବା ଘଟଣା : ୨ ଛାତ୍ର ଚେନ୍ନାଇରୁ ଉଦ୍ଧାର ହେଲେ

ନୀଳଗିରି, ୨୫/୧୦ (ଆ.ପ୍ର) : ସ୍କୁଲ ଯାଇ ଘରକୁ ନଫେରିବା ଘଟଣାଟି ଅତ୍ୟନ୍ତ ଦୁଃଖଦାୟକ ଓ ଚିନ୍ତାଜନକ ହୋଇଥିବା ବେଳେ, ଶନିବାର ସକାଳେ ୨ ଛାତ୍ରଙ୍କୁ ଚେନ୍ନାଇରୁ ଉଦ୍ଧାର କଲେ ପରିବାର ଲୋକେ । ସୂଚନାରୁ ଜଣାଯାଇଛି, ନୀଳଗିରି ରତ୍ନାକର ଟାଉନ୍ ହାଇସ୍କୁଲର ଦଶମ ଶ୍ରେଣୀର ଦୁଇ ଜଣ ଛାତ୍ର, ବାଲି ଗୋହିରୀ ଗ୍ରାମର କବିତା ମହାପାତ୍ରଙ୍କ ପୁଅ ଆୟୁଷ କୁମାର ପତି ଓ ଖଡ଼ାପଡ଼ା ଥାନା ଅନ୍ତର୍ଗତ ଅନୁଆ ଗ୍ରାମର ମିନି ସିଂ ପୁଅ ଆକାଶ ସିଂ ଗତ ୧୫ ତାରିଖରେ ସ୍କୁଲକୁ ଯାଇ ଥିଲେ । ଦିନ ପ୍ରାୟ ସାଢେ ଗୋଟିଏ ରେ ଦୁଇ ଛାତ୍ର ସ୍କୁଲ ରେ ନଥିବାର ଦେଖି ସ୍କୁଲ ପକ୍ଷରୁ ଅଭିଭାବକଙ୍କୁ ସ୍କୁଲ ପକ୍ଷରୁ ସୂଚନା ଦିଆ ଯାଇଥିଲା । ପରେ ଦୁଇ ପିଲାଙ୍କ ମାଆ ନୀଳଗିରି ଥାନାରେ ନିଖୋଜ ହୋଇଥିବା ନେଇ ଅଭିଯୋଗ କରିଛନ୍ତି । ଏ ନେଇ ନୀଳଗିରି ଥାନା ଅଧିକାରୀ ୪୭୧/୨୬ ଓ ୪୭୨/୨୬ରେ ମାମଲା ରୁଜୁକରି ବିଭିନ୍ନ ସ୍ଥାନକୁ ଯାଇ ଖୋଜା ଖୋଜି ଚାଲିଥିଲା । ସେପଟେ ପୁଅମାନଙ୍କୁ ଖୋଜିବା ପାଇଁ ଦୁଇ ନିଖୋଜ ଛାତ୍ରଙ୍କ ପରିବାର ଲୋକ ବାଲେଶ୍ୱର, ମୟୂରଭଞ୍ଜ ଏବଂ ଭଦ୍ରକ ଭଳି ବିଭିନ୍ନ ଜିଲ୍ଲାରେ ଶହ ଶହ କିଲୋମିଟର ବୁଲି ଫଟୋ ହାତରେ ଧରି ଅଜଣା ଲୋକମାନଙ୍କୁ ଦେଖାଇ ସେମାନଙ୍କ ବିଷୟରେ କୌଣସି ସୂଚନା ମିଳିଲେ ଜଣାଇବାକୁ ଗୁହାରି କରୁଥିବା ବେଳେ, ଏହି ୨ ଦଶମ ଶ୍ରେଣୀ ଛାତ୍ରଙ୍କୁ ଚେନ୍ନାଇ ରେ ରହୁଥିବା ଭଦ୍ରକର ଜଣେ ବ୍ୟକ୍ତି ୨ ଛାତ୍ରଙ୍କୁ ଷ୍ଟେସନ ରେ ଠାବ କରିଥିଲେ । ଏନେଇ ପରିବାର ଲୋକଙ୍କୁ ଖବର ଦେବା ପରେ ୨ ଛାତ୍ର ଉଦ୍ଧାର ହୋଇଥିବା ପରିବାର ଲୋକଙ୍କ ସୂତ୍ରରୁ ପ୍ରକାଶ । ଚେନ୍ନାଇରୁ ଫେରିଲେ ସବିଶେଷ ବିବରଣୀ ମିଳିବ ବୋଲି ପୋଲିସ ଆଇଆଇସି ଗୋବର୍ଦ୍ଧନ ନାୟକ ସୂଚନା ଦେଇଛନ୍ତି ।

ବିଜୟା ଦଶମୀ ବନ୍ଧୁ ମିଳନ ଉତ୍ସବ ୨୦୨୬ ପାଳନ ପାଇଁ ପ୍ରସ୍ତୁତି ବୈଠକ

ନୀଳଗିରି, ୨୫/୧୦ (ଆ.ପ୍ର) : ଶନିବାର ଅପରାହ୍ନରେ ନୀଳଗିରି ଡାକବଙ୍ଗଳା ପରିସରରେ ବିଜୟା ଦଶମୀ ବନ୍ଧୁ ମିଳନଂର 'ଉତ୍ସବ - ୨୦୨୬ ପାଳନ କରିବା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଏହି ବୈଠକରେ ମାନ୍ୟବର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ମାର୍ଗ ଦର୍ଶନରେ ଆଗାମୀ ନଭେମ୍ବର ମାସ ୧୦ ତାରିଖ ରୁ ୧୫ ତାରିଖ ମଧ୍ୟରେରେ ଏହି କାର୍ଯ୍ୟକ୍ରମ କରିବା ପାଇଁ ସର୍ବସମ୍ମତି କ୍ରମେ ସଦସ୍ୟ ମାନଙ୍କ ଦ୍ୱାରା ନିଷ୍ପତି ନିଆ ଯାଇଅଛି । ଏହି ବୈଠକରେ ବିଜେପି ଜିଲ୍ଲା



ଉପସଭାପତି କରୁଣାକର ପଣ୍ଡା,ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ,ନୀଳଗିରି ଏନ୍ ଏ ସି ଭାରପ୍ରାପ୍ତ ଅଧ୍ୟକ୍ଷ ମହେନ୍ଦ୍ର ବେହେରା, ଦେବାଶିଷ ଆଚାର୍ଯ୍ୟ, ତାପସ ମହାନ୍ତି, ସମର ଶଙ୍କର କାନୁନଗୋ, ଅକ୍ଷୟ ପାଣିଗ୍ରାହୀ, ପ୍ରବୀଣ ନାୟକ, କାର୍ତିକ ଜେନା, ମାର୍ତଣ୍ଡ ମହାପାତ୍ର, ମନୀନ୍ଦ୍ର ରାଉତ, ବଳରାମ ବିଶ୍ୱାଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରକାଶ ମହାପାତ୍ର, କୁମାର ମିଶ୍ର, ଲକ୍ଷ୍ମୀକାନ୍ତ ବେହେରା, ବିଜେପିର ସମସ୍ତ ମଣ୍ଡଳ ସଭାପତି ଏବଂ ପ୍ରମୁଖ କାର୍ଯ୍ୟକର୍ତା ଉପସ୍ଥିତ ଥିଲେ । ଏହି ବର୍ଷ ଗତ ବର୍ଷ ଭଳି ଧୂମଧାମରେ ଭବ୍ୟ କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିବାରୁ ନୀଳଗିରି ବିଜେପିର କର୍ମୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇ ଥିବା ଜଣା ଯାଇଛି ।

ବାର୍ଷିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ନୀଳଗିରି, ୨୫/୧୦ (ଆ.ପ୍ର) : ଶନିବାର ଦିବା ୪ଘଟି ରେ ରତ୍ନାକର ଟାଉନ୍ ହାଇସ୍କୁଲ ବାଲିଗୋହିରି ନୀଳଗିରି ଠାରେ ଗୀତା, ବେଦ, ଯୋଗ, ଭାରତୀୟ ସଂସ୍କାର ସଂସ୍କୃତି ନିଶୁଳ୍କ ପାଠଶାଳାର ତୃତୀୟ ବାର୍ଷିକ ଉତ୍ସବ ଓ ସାରସ୍ୱତ ସାଧନା ସମନ୍ୱୟ ସମିତିର ଦଶମ ବାର୍ଷିକ ଉତ୍ସବର ୨ୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏହି ବୈଠକରେ ଅନୁଷ୍ଠାନର ସ୍ଥାୟୀ ସଭାପତି ବିନୋଦ ବିହାରୀ ପଣ୍ଡା ସଭାପତିତ୍ୱ କରିଥିଲେ । ପ୍ରଥମେ ଓମ୍ କାର ଓ ସମ୍ପାଦିକା ସୁଭାଷିନୀ ଜୀଙ୍କ ପ୍ରାକ୍ କଥନ ପରେ ସଭାପତି ମହୋଦୟ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ । ଉଭୟ ଅନୁଷ୍ଠାନର ବାର୍ଷିକ ଉତ୍ସବ ମିଳିତ ଭାବେ ହେବ ବୋଲି ପୂର୍ବ ବୈଠକରେ ସ୍ଥିର କରାଯାଇଥିଲା । ବାର୍ଷିକ ଉତ୍ସବରେ କବି ଓ କବୟତ୍ରି ମାନଙ୍କର କବିତା ପାଠର ବ୍ୟବସ୍ଥା ରହିବ ଏବଂ ଏହି କବିତା ପାଠ ତା ୬/୧୨/୨୬ରିଖ ସକ ସକାଳ୮ଟାରୁ ଆରମ୍ଭ ହୋଇ ଦିବା ୯ଟା ୧୫ରେ ଶେଷ ହେବ ବୋଲି ସ୍ଥିର ହେଲା । ବାର୍ଷିକ ଉତ୍ସବର ସାଜ ସଜ୍ଜା ଦାୟିତ୍ୱ ପୂର୍ବ ବର୍ଷ ଭଳି ଡିଜାଇନ୍ ଟିଉଟରିଆଲର ନିର୍ଦ୍ଦେଶକଙ୍କୁ ଦିଆ ଗଲା । ଏହି ପ୍ରସ୍ତୁତି ବୈଠକରେ ଶ୍ରୀ ପଣ୍ଡା, ସୁଭାଷିନୀ ଜୀ, ରବି ରାଉତ, ବ୍ରହ୍ମାନନ୍ଦ ଦାସ, ଜ୍ୟୋତ୍ସ୍ନା ରାୟ, ହେମନ୍ତ କୁମାର ବେହେରା, ସୁଶାନ୍ତ କୁମାର ମହାପାତ୍ର, ପ୍ରଭାକର ସାହୁ, ଓ ଶରତ କୁମାର ମହାପାତ୍ର ଇତ୍ୟାଦି ଉପସ୍ଥିତ ରହି ତାଙ୍କର ମୂଲ୍ୟବାନ ମତାମତ ପ୍ରଦାନ କରିଥିଲେ । ଶେଷରେ ପ୍ରଭାକର ସାହୁଙ୍କ ଧନ୍ୟବାଦ ଅର୍ପଣ କରିଥିଲେ ।

ଧରାପଡ଼ିଲା ମୋବାଇଲ୍ ଟାୱାର ବ୍ୟାଟେରି ଚୋରି ଗ୍ୟାଙ୍ଗ



ଚିତ୍ରଡା, ୨୫/୧୦ (ଆ.ପ୍ର) : ବିଭିନ୍ନ ସମୟରେ ମୟୂରଭଞ୍ଜ ଜିଲ୍ଲାର ମୋବାଇଲ ଟାୱାରଗୁଡ଼ିକରୁ ଦାମୀ ବ୍ୟାଟେରି ଗୁଡ଼ିକୁ ଦୁର୍ବୃତମାନେ ଚୋରି କରି ନେଉଥିଲେ । ଏହା ପୁଲିସ ନିମନ୍ତେ ଏକ ବଡ଼ ଚାଲେଞ୍ଜ ଥିଲା । ଆଜି ଅନେକ ଅନୁସନ୍ଧାନ ପରେ ମୋରଡ଼ା ପୁଲିଙ୍କୁ ଏକ ବଡ଼ ସଫଳତା ମିଳିଛି । ଚୋରିକରୁଥିବା ଦୁର୍ବୃତଙ୍କ ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି । ଏହା ସହ ଚୋରି ହୋଇଥିବା ବ୍ୟାଟେରିଗୁଡ଼ିକୁ ମଧ୍ୟ ଉଦ୍ଧାର କରାଯାଇଛି । ଏହି ଘଟଣାରେ ତିନିଜଣଙ୍କୁ ଗିରଫ କରାଯାଇଛି । ଚଳିତ ମାସ ୨୧ ତାରିଖରେ ମୋରଡା ଥାନା ଅଧୀନ ଖୁରୁଂଟିଆ ଗ୍ରାମରେ ଥିବା ଏକ ମୋବାଇଲ ଟାୱାରରୁ ୨୪ ଗୋଟି ବ୍ୟାଟାରି ଚୋରି ହୋଇଥିଲା । ଅଭିଯୋଗ ଭିତିରେ ମୋରଡ଼ା ଥାନା ଅଧିକାରୀ ସୁମିତ କୁମାର ସରେନଙ୍କ ନେତୃତ୍ୱରେ ଘଟଣାର ଅନୁସନ୍ଧାନ ଆରମ୍ଭ ହୋଇଥିଲା । ଶେଷରେ ବାଲେଶ୍ୱରଜିଲ୍ଲା ରାଇବଣିଆ ଥାନା ଅଂଚଳରୁ ଚୋରି ହୋଇଥିବା ୨୪ ଟି ବ୍ୟାଟେରୀ କୁ ଉଦ୍ଧାର କରାଯାଇଥିଲା । ଏହାସହ ଚୋରିରେ ବ୍ୟବହୃତ ଗୋଟିଏ ଦାମୀ କାର (ଓଡି-୦୧-ଏଣ୍ଟାଇ-୩୨୮୭) କାରକୁ ଜବତ କରାଯାଇଛି । ଉକ୍ତ ଗ୍ୟାଙ୍ଗ ରସଗୋବିନ୍ଦପୁର ଅଂଚଳର ଏକ ମୋବାଇଲ ଟାୱାରରୁ ମଧ୍ୟ ବ୍ୟାଟେରି ଚୋରି କରିଥିବା ତଦନ୍ତ ସମୟରେ ଜଣା ପଡିଛି । ଗିରଫ ଦୁର୍ବୃତମାନେ ହେଲେ, ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ମହାଦେବସାରାଇର ସେକ ଏହେସାନଙ୍କ ପୁଅ ସେକ ଗେୟାସୁଦ୍ଦିନ (ରାବ୍ବି)(୩୬), ବସ୍ତା ଥାନା ଅଧିନ ପୁରୁଷୋତମପୁରର ଗଦାଧର ପରିଡାଙ୍କ ପୁଅ ଗଙ୍ଗାଧର ପରିଡା(୨୬) ଏବଂ ବସ୍ତା ଥାନା ଅଧୀନ ମାଛିଆ ଅଂଚଳର ହାସନ ଖାଁନ ପୁଅ ଆନ୍ଓର ଖାଁ(୫୯)(୩୪) । ତେବେ ପୋଲିସ ଏନେଇ ଅଧିକ ତଦନ୍ତ ଜାରି ରଖିଛି ଗିରଫ ଅଭିଯୁକ୍ତ ମାନଙ୍କୁ ସୋମବାର କୋର୍ଟ ଚାଲାଣ କରାଯିବ ବୋଲି ଜଣାପଡିଛି ।

କଂଗ୍ରେସର 'ଭୋଟ ବଚାଓ ଦେଶ ବଚାଓ' ସ୍ଲୋଗାନ ନେଇ ଜନ ଆନ୍ଦୋଳନ ପାଇଁ ନିଷ୍ପତି



ବାଲେଶ୍ୱର, ୨୫/୧୦ (ଆ.ପ୍ର) : କଂଗ୍ରେସର 'ଭୋଟ ବଚାଓ ଦେଶ ବଚାଓ' ସ୍ଲୋଗାନକୁ ଘରେ ଘରେ ପହଂଚାଇବ କଂଗ୍ରେସ । କେହି ଏ କଥାକୁ ବୁଝି ପାରୁ ନ ଥିବାରୁ, ଲୋକଙ୍କୁ ସଚେତନ କରିବା ପାଇଁ କଂଗ୍ରେସ ଜନ ଆନ୍ଦୋଳନ ପାଇଁ ନିଷ୍ପତି ନେଇ ସାରିଛି ବୋଲି, ଏକ ସାମ୍ବାଦିକ ସମ୍ମିଳନୀରେ କହିଲେ ଏ ଆଇ ସି ସି ପର୍ଯ୍ୟବେକ୍ଷକ ରୋହତାସ ବସୋୟା । ଆଗାମୀ ସୋମ ବାର ବାରଟି ବ୍ଲକରେ ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଆନ୍ଦୋଳନ ହେବ ଜିଲ୍ଲା ସଭାପତି ସତ୍ୟ ଶିବ ଦାସ ସୂଚନା ଦେଇଛନ୍ତି । ଦେଶର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଗୁପ୍ତା, ଶାସକ ଦଳର ଖେଳନା ସାଜି ଛନ୍ତି । ତେର କୋଟି ନାଗରିକଙ୍କ ନାମ ଏସ ଆଇ ଆର ଆଳରେ ଭୋଟର ତାଲିକାରୁ ବାଦ ଦେଇଛନ୍ତି । ଏ ସମ୍ପର୍କରେ ମତ ଦାତାଙ୍କ ଠାରୁ ଆରମ୍ଭ କରି ରାଜନୈତିକ ଦଳ ଓ ଯୁବ ସଂଗଠନ ଗୁଡିକ ପ୍ରଧାନ ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ନିର୍ବାଚନ ଆୟୋଗଙ୍କୁ ଭେଟି ସମସ୍ୟା ଉପରେ ଆଲୋଚନା ପାଇଁ ଉଦ୍ୟମ କରି ଛନ୍ତି । ତଳସ୍ତରରେ ବି ଏଲ ଓ ଶୁଣୁ ନାହାନ୍ତି କି ଜିଲ୍ଲା ନିର୍ବାଚନ ଅଧିକାରୀ ମତ ଦାତାଙ୍କ ଅଭିଯୋଗ ଶୁଣୁ ନାହାଁନ୍ତି । ତେଣୁ ବାଧ୍ୟ ହୋଇ କଂଗ୍ରେସ ଦଳ ନେତା ରାହୁଲ ଗାନ୍ଧୀ ରାଜ ରାସ୍ତାକୁ ଓହ୍ଲାଇଛନ୍ତି । ଲୋକଙ୍କୁ ଓ ଭୋଟରଙ୍କୁ ନ୍ୟାୟ ମିଳୁ । ଆଜି ଏ ଆଇସିସିର ପର୍ଯ୍ୟବେକ୍ଷକ ରୋହତାସ ବସୋୟା ରାଜୀବ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ /ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଦେଇ ନିର୍ବାଚନ ଆୟୋଗ କାହା ନିର୍ଦ୍ଦେଶ ରେ ଏଭଳି ଭାବେ ଲୋକଙ୍କ ଭୋଟ ଦେବା ଅଧିକାରକୁ ଛଡାଇ ନେଉଛନ୍ତି ତା' ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି କହିଛନ୍ତି । ଶାସକ ଦଳ ଗଣତନ୍ତ୍ରିକ ବିଧି ବ୍ୟବସ୍ଥାକୁ ନଷ୍ଟ କରିବାକୁ ଜଣେ ଭ୍ରଷ୍ଟ ଅଫିସରଙ୍କୁ ସୁରକ୍ଷା ଦେଉଛନ୍ତି । ତେଣୁ ପଂଚାୟତ ଓ ବ୍ଲକ ସ୍ତର ରେ ମୋଦି ହଟାଓ, ଜ୍ଞାନେଶ ହଟାଓ ସ୍ଲୋଗାନ ଦିଆଯିବ । ଜ୍ଞାନେଶଙ୍କ ଇସ୍ତଫା ଦାବିରେ ଆଗାମୀ କାଲି ଜିଲ୍ଲାର ବାରଟି ବ୍ଲକରେ ଆନ୍ଦୋଳନ ଓ ବିକ୍ଷୋଭ ହେବ ବୋଲି ଜିଲ୍ଲା ସଭାପତି ସତ୍ୟ ଶିବ ଦାସ କହିଛନ୍ତି ।

ବିଡିବିଏଲ ପକ୍ଷରୁ ସିଜନ -୩ ପାଇଁ ଖେଳାଳି ନିଲାମ ପ୍ରକ୍ରିୟା ସମାପ୍ତ ଦଶ ଟି ଟିମ ନଭେମ୍ବର କୋଡିଏରୁ ଦେଖାଇବେ ଜଲୱା



ବାଲେଶ୍ୱର, ୨୫/୧୦ (ଆ.ପ୍ର) : ବାଲେଶ୍ୱର ଡିସଟ୍ରିକ୍ଟ ବ୍ୟାଡ୍‌ମିଂଟନ ଆସୋସିଏସନ ପକ୍ଷରୁ ଆଗାମୀ ନଭେମ୍ବର କୋଡିଏ ତାରିଖ ଠାରୁ ସ୍ଥାନୀୟ ଇନ ଡୋର ଷ୍ଟାଡିୟମ ରେ ବ୍ୟାଡ୍‌ମିଂଟନ ପ୍ରିମିୟର ଲିଗ ଟୁର୍ଣ୍ଣାମେଂଟ ଆରମ୍ଭ କରିବାକୁ ଯାଉଛି । ଏହି ପରିପ୍ରେକ୍ଷୀ ରେ ରବିବାର ପୂର୍ବାହ୍ନରେ ସ୍ଥାନୀୟ ଉଦ୍ୟୋଗ ଭବନରେ ଦଶ ଜଣ ଟିମ ମାଲିକ ୧୫୦ଜଣ ବ୍ୟାଡ୍‌ମିଂଟନ ଖେଳାଳିଙ୍କ ମଧ୍ୟରୁ ନିଲାମ ଯୋଜନାରେ ନିଜ ନିଜ ଟିମ ପାଇଁ ଖେଳାଳି ଚୟନ କରିଛନ୍ତି । ଏକ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ ଆସୋସିଏସନ ସଭାପତି କାନ୍ତି ବିଶ୍ୱାଳ ସୂଚନା ଦେଇଛନ୍ତି । ମୋଟ ବାର ଜଣ ମାଲିକ ଏଥର ପ୍ରିମିୟର ଲିଗରେ ନିଜର ଟିମକୁ ମୈଦାନରେ ଓହ୍ଲାଇବା ପାଇଁ ଆବେଦନ କରିଥିଲେ ହେଁ, ଦଶଟି ଟିମକୁ ଭାଗ ନେବା ପାଇଁ ଅନୁମତି ମିଳିଛି । ଖେଳାଳି ଚୟନ ହେବା ପରେ ଟିମ ପକ୍ଷରୁ କୋଚ ନିଯୁକ୍ତି କରାଯାଇ ଖେଳାଳି ମାନଙ୍କୁ ଉନ୍ନତ ଧରଣର ଖେଳ ପ୍ରଦର୍ଶନ ପାଇଁ ପ୍ରଶିକ୍ଷଣ ଦିଆଯିବ । ସେମାନଙ୍କୁ ଟିମର ମାଲିକ ମାନେ ଡ୍ରେସ କୋଡ୍ ମୁତାବକ ଡ୍ରେସ ଦେବେ । ଏହି ପ୍ରତିଯୋଗିତା ମାଧ୍ୟମରେ ଆମେ ଜିଲ୍ଲା ସ୍ତରୀୟ, ଜୋନ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବୁ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି । ଆଜିର ନିଲାମ ପ୍ରକ୍ରିୟା ସମୟରେ ଶିବୁ ପୋଦ୍ଦାର, ସୁଧାଂଶୁ କୁମାର ପଣ୍ଡା, ପୂର୍ଣ୍ଣ ଚନ୍ଦ୍ର ଜେନା, ସଞ୍ଜୟ ଦାସ, ରାଜେନ୍ଦ୍ର ରାଉତ ଓ ସମ୍ପାଦକ ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଡିସେମ୍ବର ୨୪ରୁ ବାଲେଶ୍ୱରରେ ଅନୁଷ୍ଠିତ ହେବ ଶ୍ରୀ ଶିରିଡ଼ିସାଇ ସତଚରିତ ସାପ୍ତାହିକ ପାରାୟଣ



ବାଲେଶ୍ୱର, ୨୫/୧୦ (ଆ.ପ୍ର) : ସାଇଭକ୍ତଙ୍କ ଆଧ୍ୟାତ୍ମିକ ସମାଗମ ଓ ଭକ୍ତିମୟ ପରିବେଶ ମଧ୍ୟରେ ବାଲେଶ୍ୱରରେ ଆସନ୍ତା ଡିସେମ୍ବର ୨୪ରୁ ୩୧ ତାରିଖ ପର୍ଯ୍ୟନ୍ତ ଶ୍ରୀ ଶିରିଡ଼ିସାଇ ସତଚରିତ ସାପ୍ତାହିକ ପାରାୟଣ ଅନୁଷ୍ଠିତ ହେବ । ସାଇନିର୍ମାଲ୍ୟ ଓ ଶିରଡ଼ି ସାଇ ସର୍ଭେଂଟସ ସୋସାଇଟି ପକ୍ଷରୁ ଆୟୋଜିତ ଏହି ଆଧ୍ୟାତ୍ମିକ ମହୋତ୍ସବ ଚଳିତ ବର୍ଷ ତ୍ରୟୋଦଶ ବର୍ଷରେ ପଦାର୍ପଣ କରୁଛି । ଏଥିରେ ଓଡ଼ିଶାର ବିଭିନ୍ନ ଅଂଚଳରୁ ୬୦୦ରୁ ଅଧିକ ସାଇଭକ୍ତ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବର ଆୟୋଜନ ନିମନ୍ତେ ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସାଇନିର୍ମାଲ୍ୟ ଓ ଶିରଡ଼ି ସାଇ ସର୍ଭେଂଟସ ସୋସାଇଟିର ଅଧ୍ୟକ୍ଷ ତଥା ଓଡ଼ିଆ ଶ୍ରୀ ଶିରଡ଼ି ସାଇ ସତଚରିତର ଅନୁବାଦକ ସତ୍ୟ ଖଡ଼୍ଗରାୟ ଆଲୋଚନା ମାଧ୍ୟମରେ ବୈଠକରେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ । ଆଠଦିନ ବ୍ୟାପୀ ଏହି ପାରାୟଣ ଗୋପାଳଗାଁ ଆୟୁଷ୍ମାନ କଲ୍ୟାଣ ମଣ୍ଡପରେ ଆୟୋଜିତ ହେବ । ସତଚରିତ ଗ୍ରନ୍ଥର ପୋଥିଯାତ୍ରା ସହ ଉତ୍ସବର ଶୁଭାରମ୍ଭ ହେବ । ଏହି ଯାତ୍ରା ଗୋପାଳଗାଁ ସାଇମନ୍ଦିରରୁ ବାହାରି ପାରାୟଣ ମଣ୍ଡପରେ ପହଂଚିବ । ଉତ୍ସବର ଅନ୍ୟତମ ଆକର୍ଷଣ ଭାବେ ଆନ୍ତର୍ଜାତିକ ଆଧ୍ୟାତ୍ମିକ ଗୁରୁ ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ରଚିତ 'ଶ୍ରୀଗୁରୁ ଭାଗବତ'ର ଏଯାବତ୍ ପ୍ରକାଶିତ ଆଠଖଣ୍ଡ ପୁସ୍ତକର ପାରାୟଣ ଓ ଆଲୋଚନା ପ୍ରତ୍ୟହ ଅନୁଷ୍ଠିତ ହେବ । ଏଥିସହ ପ୍ରତିଦିନ ସାଇଲୀଳା ଆଲୋଚନା, ଭଜନ କାର୍ଯ୍ୟକ୍ରମ, ପାଲକି ଯାତ୍ରା, ସାଇଲୀଳା ସମ୍ପର୍କିତ ନାଟକ ଓ ରକ୍ତଦାନ ଶିବିର ଆୟୋଜନ କରାଯିବ । ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ଏହି ପାରାୟଣ ଉତ୍ସବ ସାଇଭକ୍ତଙ୍କ ମଧ୍ୟରେ ଭକ୍ତି, ଆଧ୍ୟାତ୍ମିକ ଚେତନା ଓ ସେବାଭାବର ପ୍ରସାର କରିଆସୁଛି । ଚଳିତ ବର୍ଷ ମଧ୍ୟ ବିଭିନ୍ନ ଆଧ୍ୟାତ୍ମିକ ଓ ସେବାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ମହୋତ୍ସବକୁ ସଫଳ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ପ୍ରମୋଦ କୁମାର ପେଡ଼ି, ରାଜକିଶୋର ବେହେରା, ସୁମିତ୍ରା ପରିଡ଼ା, ଇନ୍ଦୁମତି ପଣ୍ଡା, ନମିତା ଦାସ, ପ୍ରକାଶ କୁମାର ସାହୁ, ସଞ୍ଜୟ ମହାପାତ୍ର, ସୁଦୀପ କୁମାର ରାଉତ, ରବିନାରାୟଣ ସାହୁ, ଶୁଭଶ୍ରୀ ମହାରଣା, ଦିଲ୍ଲୀପ କୁମାର ପଣ୍ଡା, ଦୀପକ ଦାସ, ସତ୍ୟବ୍ରତ ରାଉତ, ରାଜେନ୍ଦ୍ର ରାଉତଙ୍କ ସମେତ ସାଇନିର୍ମାଲ୍ୟର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସାଇଭକ୍ତମାନେ ଯୋଗଦେଇଥିଲେ ।

ସିଥୋଙ୍କ ଆରମ୍ଭ
SEITHO ARAMBHA
ସୋମବାର, ୨୭ ଅକ୍ଟୋବର, ୨୦୨୫ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଭାବପ୍ରବଣତା

ଭାବପ୍ରବଣ ସମସ୍ତଙ୍କ ଠାରେ ଅଛି । ଆମ ହୃଦୟକୁ କଷ୍ଟ ହେଲାପରି କଥା ପଦେ ଅନ୍ୟକେହି କହିଲେ ଆମ ମନରେ କଷ୍ଟ ହୁଏ । ଆଖିରୁ ଲୁହ ଗଡ଼ିଆସେ । ମୁହଁ ଶୁଖିଯାଏ । ମାନସିକ ଅଶାନ୍ତିରେ ମନ ଭାଙ୍ଗିପଡ଼େ । କାମ କରିବାକୁ ଇଚ୍ଛା ହୁଏନି । ମନରେ ସମସ୍ତ ପ୍ରକାରର ନକରାତ୍ମକ ଭାବନା ସୃଷ୍ଟି ହୁଏ । ଆମେ ସମସ୍ତେ ଏହିପରି ଅନେକ ଘଟଣାର ସମ୍ମୁଖୀନ ହୋଇଛେ । ଏହି ଅନୁଭୂତି ଆହୁରି ଗୁରୁତର ହୋଇ ଉଠେ ଯେତେବେଳେ ଆମର ଅତି ଆପଣାର କେହି ଜଣେ ଆମ ମନରେ କଷ୍ଟହେଲା ପରି କଥା କୁହନ୍ତି ଅବା କାମ କରନ୍ତି । ବିଶ୍ୱାସରେ ଧୋକା ଅବା ପରୋକ୍ଷରେ କ୍ଷତି କଲାପରି ମନ୍ଦ ଉଦ୍ଦେଶ୍ୟର କାମ କରିଥାନ୍ତି । ଆପଣାର ଲୋକମାନଙ୍କ ପାଖରୁ ଆମେ ସବୁବେଳେ ସ୍ନେହ, ଶ୍ରଦ୍ଧା ତଥା ମନକୁ ସୁହାଇଲା ପରି କଥା ଅବା କାମ ଆଶା କରିଥାଉ । କିନ୍ତୁ ତା'ର ଠିକ୍ ବିପରୀତ କାମଟିଏ କିଏ ଯଦି କରେ ତେବେ ଆମର ସବୁ ସୁଖ ଦୁଃଖରେ ପରିଣତ ହୋଇଯାଏ । ହସଟିଏ ଲୁହ ଆକାରରେ ବୋହିଯାଏ । ସବୁ ଆଲୁଅଗୁଡ଼ିକ ଅନ୍ଧାର ପାଲଟିଯାଏ ଜୀବନଟା ବିଷମୟ ଲାଗେ । ଆମ ମନର ଏହି ଘଡ଼ିସନ୍ଧି ସମୟରେ ଆମେ ସାଥିଟିଏ ଚାହୁଁ ଯାହା ପାଖରେ ଆମେ ମନର ଦୁଃଖକୁ ଖୋଲିକରି କହିପାରିବା । ନିଜ ମନର ଭାବନାକୁ, ଅନୁଭବକୁ, ବେଦନାକୁ, କାହାକୁ ସେହି ବ୍ୟକ୍ତି ପାଖରେ ଆଶା ଓ ବିଶ୍ୱାସର ସହିତ ବାଣ୍ଟି ପାରିବା ଯିଏକି ଶ୍ରଦ୍ଧା, ସ୍ନେହ ଓ ଧୈର୍ଯ୍ୟର ସହିତ ଆମକଥା ଶୁଣିବ । ମନଧ୍ୟାନ ଦେଇ ଆଗ୍ରହର ସହିତ ଆପଣାର ପରି ଆମ କଥାକୁ ବୁଝିବ ଓ ଅନୁଭବ କରିବ । ଆମ ଆଖିର ଲୁହକୁ ତଥା ହୃଦୟର ବ୍ୟଥାକୁ ଠିକ୍ ରୂପେ ହୃଦୟଙ୍ଗମ କରିପାରିବ । ଆମ ଲୁହକୁ ଆମ ବେଦନାକୁ ବୁଝିପାରି ତା ଆଖିରେ ବି ଲୁହ ଆସିଯିବ । ସବୁକିଛିରେ ସହଭାଗୀ ହୋଇ ସେ ବି ସମବେଦନା ଜଣାଇବ । ଆପଣାର କରିନେବ ଆମର ଦୁଃଖକୁ, ଭାବନାକୁ, ଲୁହକୁ ଓ ଆବେଗକୁ ଏହାହିଁ ସମ୍ବେଦନଶୀଳ ମନୋଭାବ । ଆମେ ଯେପରି ଚାହୁଁଛୁ ଯେ ଅନ୍ୟଜଣେ କେହି ଆମ ମନକୁ ବୁଝୁ, ଆମ ଦୁଃଖକୁ ଅନୁଭବ କରୁ ଠିକ୍ ସେହିପରି ଅନ୍ୟମାନେ ବି ଆମଠାରୁ ସେହି ବ୍ୟବହାର ଚାହାଁନ୍ତି । ଏହାହିଁ ମଣିଷ ଜୀବନର ବାସ୍ତବ ସତ୍ୟ । ଆଶ୍ଚର୍ଯ୍ୟର କଥା କହିଲେ ଚଳିବ ଯେ ଅଧିକାଂଶ ଲୋକଙ୍କ ପାଖରେ ଧୈର୍ଯ୍ୟ ନଥାଏ ଅବା ଆଗ୍ରହ ନଥାଏ ଅନ୍ୟ କାହାର ଦୁଃଖ ଅବା କଷ୍ଟକୁ ଶୁଣି ସହଭାଗୀ ହେବାପାଇଁ ।

ଗ୍ରାମ ଓଡ଼ିଶାରୁ ମାଛ ମରା ଯନ୍ତ୍ର ବିଲୁପ୍ତ

॥ ଉତ୍କଳାନନ୍ଦ ଅଜୟ କୁମାର ବେହେରା ॥

ହଁ, ଆଖି ଟିକିଏ ତଳେଇ ଦେଖନ୍ତୁ ବୁଝି ପାରିବେ ଯଦି ଆପଣ ଗ୍ରାମ୍ୟ ବାସିନ୍ଦା ହୋଇଥିବେ, ଯୁବକ ଯୁବତୀ ହେଲେ ଏ ଚେତନାରେ ମନ ପଶିବା ମୁସ୍କିଲ କିନ୍ତୁ ଯଦି ଅର୍ଦ୍ଧ ଶତ ବର୍ଷ ପାଖାପାଖି ବୟସ ତେବେ ମନେ ପକାଇ ପାରନ୍ତି । ଜୀବନ ପୁଷ୍ଟିସାର ଶସ୍ତା ଏହା ମାଛରେ ଅଛି । ମାଛ ସାଧାରଣତଃ ଲୁଣି ଆଉ ମିଠା ପାଣିର ମାଛ, ଚାଲନ୍ତା ଜଳ, ସ୍ଥିର ଜଳର ଢ଼ାଡ ଚୁନା ମାଛ, ବଡ଼ ମାଛ, ସବୁ ଋତୁର ମାଛ, କେବଳ ବରଷା କାଳର ମାଛ, ପଙ୍କୁଆ ମାଛ, ପରିଷ୍କାର ପାଣିର ମାଛ, ଦଳୁଆ ଦୁର୍ଗନ୍ଧ ଜଳର ମାଛ, ଏପରି ବର୍ଗୀକରଣ ମାଛକୁ କରାଯାଇପାରେ । ଗ୍ରାମ ମାନଙ୍କର ବହୁ ଜମିଦାରଙ୍କ ନିଜ ଅଧିକାର ପୋଖରୀ ଥିଲା । ଗ୍ରାମ ଜନଙ୍କ ବ୍ୟବହାର୍ଯ୍ୟ ସାଧାରଣ ବଡ଼ ପୋଖରୀ ଥିଲା ଏହାର ମରାମତି ଜୀର୍ଣ୍ଣ ଉଦ୍ଧାର ଆଉ କରାଯାଉନାହିଁ । ବର୍ଷା ଦିନେ ଏଥିରେ ଜଳ ବୃଦ୍ଧି ହୋଇ ବର୍ଷ ତମାମ ଲୋକ ପଶୁପକ୍ଷୀଙ୍କ ବ୍ୟବହାରରେ ଆସୁଥିଲା କି ସୁନ୍ଦର କଇଁ ନୀଳ, ଧଳା ଲାଲ ରଙ୍ଗର ଫୁଟୁ ଥିଲା । ପଦ୍ମ ଫୁଲ ଏହିପରି ଲାଲ ଧଳା ଶତଦଳ ପରି ଦୃଶ୍ୟ ସୁନ୍ଦର କି ଅପୂର୍ବ ନଥିଲା ଗଙ୍ଗେଇ, ପାଣିକୁଆ, ଦୂରରୁ ଉଡିଆସିବା ବିଭିନ୍ନ ଛୋଟ ବଡ଼ ଜଳରେ କ୍ରୀଡ଼ା କରିବା ହଂସରାଲି, ପରି ପକ୍ଷୀ ଗ୍ରାମର ବତକ ହଂସ ଜଳରେ ଖେଳିବା କି ଆନନ୍ଦ ଦୃଶ୍ୟ ବିଶେଷ ଉପଭୋଗ୍ୟ ଥିଲା ସେହିସବୁ ପୋଖରୀ ଖରାଦିନେ ଜଳ କମିଗଲେ ପୋଖରୀ ଗର୍ଭ ମାର୍ଜନା, ପଙ୍କଉଠେଇବା ପାଇଁ ପୋଖରୀରେ ମାଛ ମରା ପାଇଁ ସମୂହ ଭାବରେ ଗ୍ରାମ୍ୟ ଲୋକେ ସ୍ୱ ସ୍ୱ ଗୃହେ ସାଇତା ପୋଲୁହ, ଜାଲ ପୋଲୁହ, ଖଇଁଚି, କାଡ଼ିଆ ଖଇଁଚି, ଖାଡ଼ି, ଆଡ଼ି ଜାଲ, ଭଉଁରୀ ଜାଲ, ଖିଅଜାଲ ଆଦି ଆଣି ମାଛ ଧରି ତହିଁରୁ ରାଜଭାଗ ଦେଇ ନିଜ ଭାଗ ନେଇ ଭଜା ତରକାରୀ ଝୋଳ ବା ପୋଡ଼ା କରି ଖୁସିରେ କେଇଦିନ ସୁଖ ଭୋଜନ କରୁଥିଲେ ।

ଶ୍ରାବଣ ମାସରେ ବୁଢ଼ା ବର୍ଷାରେ ବିଭିନ୍ନ ଜଳ ମାର୍ଗ ଦେଇ ମାଛ ଯାଆଁଳ ଧାନ କ୍ଷେତ୍ରରେ ଆବଦ୍ଧ ହିଡ଼ ମଧ୍ୟରେ ତାଙ୍କ ଯୁକ୍ତିଯୁକ୍ତ ଅଧାର ପାଇଁ ବଢ଼ନ୍ତି ଲୋକେ ହିଡ଼ରେ ଫାଙ୍କ କରି ଜମିରେ ଉଚ୍ଚା ପଟେ ଜଳ ଭିନ୍ନ ଜମିରୁ ଜଳ ପୂରେଇ ନିମ୍ନ ପଟେ ଜଳ ନିଷ୍କାସନ କରି ଜମିରେ ଏକ ପ୍ରକାର ମାଛ ଚାଷ କରିବା ବୋଧ ହେଉଥିଲା । ନିମ୍ନ ପଟରେ ଜଳ ଅନ୍ୟ ଜମିରେ ଛାଡ଼ି ହିଡ଼ରେ ଅନ୍ଧୁଲି, ଅଟକ ମୁଗୁରା ବସାଇ ଚୁନାମାଛରେ ଦଣ୍ଡକିରି ମହୁରାଳି, କଉ, କରାଣ୍ଡି, ତୋଟଖାଡ଼ି, ବାଲିଙ୍ଗୁଡ଼ରୀ, ତୋଡ଼ି, ସିଙ୍ଗି, ଖସୁଆ, ଘଷିପଟା, ଚୁଙ୍ଗୁଡ଼ି, ଗଡ଼ିଶା ଆଦି ଧରି ଆମୋଦ ଭୋଜନର ଶାଖା କରୁଥିଲେ । କାର୍ତ୍ତିକ ମାସରେ ବର୍ଷା ନଥାଏ ଜଳ ଧାର ତଳକୁ ସବୁ ଜମିରୁ ନିଗଡ଼ା ଯାଏ ଜଳ ବିଲ ବିଲ ଦେଇ ଯୋର ସଫେଇ ଦେଇ ଶେଷରେ ନଦୀକୁ ଜଳ ଚାଲିଯାଏ । ଏହି ନିଗିଡ଼ା ପଥରେ ପ୍ରଚୁର ମାଛ ଅନ୍ଧୁଲି ମୁଗୁରାରେ ଧରାଯାଇ ଲୋକେ କାର୍ତ୍ତିକରେ ଧର୍ମମାସ ଯୋଗେ ମାଛକୁ ସୂର୍ଯ୍ୟକିରଣରେ ଶୁଖାଇପିତା ଶୁଖୁଆ କରି ଛାଡ଼ ଖାଇ ପରେ ମାର୍ଗଶୀରରେ ପନ୍ତ ପୋଡ଼ା ଭୁଇଁ ପୋଡ଼ା କରି ସକାଳ ପଖାଳରେ ପିଆଜ ଲଙ୍କା ସୋରିଷ ତେଲ ଦେଇ ଚଟଣି କରି ଖୁବ ଆନନ୍ଦରେ ଖାଆନ୍ତି । ସେବେଳ ଲୋକେ କର୍ମଠ, ମୋଟା ସୋଟା ଭୋଜନରେ ତୃପ୍ତ, ସୁସ୍ଥ ସବଳ ନିରୋଗ ଶରୀର ଧାରୀ ଥିଲେ । ଜମିଦାରଙ୍କ ପୋଖରୀ ଗୋଳା ମାଛମରା ପରି ପୋଖରୀ ଗୋଳା ମାଛମରା ପରି ପୋଖରୀ ଖୋଳା, ବାର୍ଷିକ ପଙ୍କ ଉଦ୍ଧାର ଗ୍ରାମ୍ୟ ମୂଲିଆ ଶ୍ରେଣୀ ଲୋକେ ସହଯୋଗ କରି ସରଳରେ କରି ଦେଉଥିଲେ । ଆଜି ପଂଚାୟତ ପୋଖରୀ ବି ଅବହେଳିତ । ଜମିଦାରୀ ଉଠି ଯାଇଛି, କେହି ଦଳୁଆ ପୋଖରୀ ଗାଧୁଆ ଚାହୁଁ ନାହାଁନ୍ତି, କୂଅ ତ ନାହିଁ, ନଳକୂଅ ବା ଗ୍ରାମର ସରକାରୀ ଚାଲାଣ ଜଳରେ ଲୋକେ ସ୍ନାନ ଶୌଚ ହେଲେଣି । ଧାନବିଲରେ ଉଗ୍ର ବିଷ ପଡ଼ିଲାଣି ସେ ଚୁନା ମାଛ ସାତ ସ୍ୱପ୍ନ । ଅନ୍ୟ ରାଜ୍ୟ ମାଛରେ ଲୋକେ ଭୋଜନ ଅଭ୍ୟସ୍ତ ହେଲେଣି । ପୁଷ୍ଟିସାରର ବିକଳ୍ପ ପ୍ରୋଟିନ ଚୂର୍ଣ୍ଣ ଡାକ୍ତର ବାବୁଙ୍କ କଥାରେ ଲୋକେ ଖାଉଛନ୍ତି । ସଂଗା ଯାଉଛି ତାଳ ଘର ସାଥିରେ ତତସହ ଗ୍ରାମ୍ୟ ମାଛଧାରା ଯନ୍ତ୍ର । ସ୍ୱାଧୀନତା ପରର ସ୍ଥିତିରେ ଜମିଦାରୀ ଯାଇଛି ପୋଖରୀ ଥାଇ ନଥିଲା ପରି ରହିଛି ।

ସମ୍ପାଦକ 'ନିୟତି' ଅରୁଣୋଦୟ ନଗର, କଟକ
ଦୂରଭାଷ : ୯୪୩୭୧୦୩୧୨୫୩

ଆଦର୍ଶ ସାହିତ୍ୟ, ସମାଜ, ଜୀବନ ଓ ରାଜନୀତିର ମିଶ୍ରସ୍ୱର: ପଣ୍ଡିତ ଗୋଦାବରୀଶ

॥ ଡକ୍ଟର ସନ୍ତୋଷ କୁମାର ନାୟକ ॥

ଓଡ଼ିଆ ସାହିତ୍ୟର ଇତିହାସରେ ଗୋଦାବରୀଶ ମିଶ୍ର ଏକ ଉଜ୍ଜ୍ୱଳ ନକ୍ଷତ୍ର । ସେ କେବଳ ଜଣେ ସାହିତ୍ୟିକ ନୁହନ୍ତି; ସେ ଏକାଧାରରେ ଥିଲେ ଜଣେ ଶିକ୍ଷାବିତ୍ ?, ସମାଜସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ ଓ ମାନବବାଦୀ ଚିନ୍ତାନାୟକ । ତାଙ୍କ ସାହିତ୍ୟରେ ଜୀବନର ବାସ୍ତବତା, ସମାଜର ବିଷମତା, ମାନବୀୟ ଦୁଃଖଦୁର୍ଦ୍ଦଶା, ଜାତୀୟତାବୋଧ ଓ ନୈତିକ ଆଦର୍ଶର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ । ସେ ଓଡ଼ିଆ ସାହିତ୍ୟର ସତ୍ୟବାଦୀ ଯୁଗର ଅନ୍ୟତମ ପ୍ରମୁଖ ସ୍ରଷ୍ଟା ଭାବେ ପରିଚିତ । ତାଙ୍କ ରଚନାରେ ସାହିତ୍ୟ କେବଳ ରସାସ୍ୱାଦନର ମାଧ୍ୟମ ହୋଇ ରହିନାହିଁ; ବରଂ ଏହା ମଣିଷକୁ ମଣିଷ ଭାବେ ଚିହ୍ନିବା, ସମାଜକୁ ସଂଶୋଧନ କରିବା ଓ ଜାତିର ଆତ୍ମପରିଚୟ ତଥା ସାମୂହିକ ଅସ୍ମିତାକୁ ସୁଦୃଢ଼ କରିବାର ଏକ ସଶକ୍ତ ଉପକରଣରେ ପରିଣତ ହୋଇଛି ।

ଗୋଦାବରୀଶ ମିଶ୍ର ୨୬ ଅକ୍ଟୋବର ୧୮୮୬ ମସିହାରେ ପୁରୀ ଜିଲ୍ଲାର ବାଣପୁର ଅଂଚଳସ୍ଥିତ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜୀବନର ପ୍ରାରମ୍ଭିକ ପର୍ଯ୍ୟାୟ ଅଭାବ, ସଂଘର୍ଷ ଓ ଅଧ୍ୟବସାୟ ମଧ୍ୟରେ ଅତିବାହିତ ହୋଇଥିଲା । ଏହି ଜୀବନାନୁଭୂତି ତାଙ୍କୁ ସାଧାରଣ ମଣିଷର ଦୁଃଖ ଓ ଦୁର୍ଦ୍ଦଶା ସହିତ ଗଭୀର ଭାବେ ଯୋଡ଼ି ରଖିଥିଲା । ସେ ଜୀବନକୁ କେବଳ ପୁସ୍ତକରୁ ଜାଣି ନଥିଲେ; ଜୀବନର କଠୋର ବାସ୍ତବତା ହିଁ ଥିଲା ତାଙ୍କର ଅନ୍ୟତମ ପ୍ରମୁଖ ଶିକ୍ଷକ । ଶିକ୍ଷା ସମାପ୍ତ କରିବା ପରେ ସେବା ମନୋବୃତ୍ତି ନେଇ ସେ ଶିକ୍ଷକତା ବୃତ୍ତିରେ ନିୟୋଜିତ ହୋଇଥିଲେ । ଶିକ୍ଷାକୁ ସେ କେବଳ ଚାକିରି ବା ଜୀବିକାର ମାଧ୍ୟମ ଭାବେ ଗ୍ରହଣ ନକରି ଏହାକୁ ମଣିଷ ତିଆରି ଓ ସମାଜ ପରିବର୍ତ୍ତନର ଏକ ମହତ୍ୱପୂର୍ଣ୍ଣ ପ୍ରକ୍ରିୟା ଭାବେ ଦେଖିଥିଲେ । ତାଙ୍କ ଜୀବନରେ ଶିକ୍ଷକତା, ସାହିତ୍ୟସାଧନା ଓ ଜାତୀୟ ଜାଗରଣ ପରସ୍ପରର ପରିପୂରକ ହୋଇଥିଲା ।

ଗୋଦାବରୀଶ ମିଶ୍ରଙ୍କ ସାହିତ୍ୟିକ ଓ ସାମାଜିକ ଜୀବନକୁ ବୁଝିବା ପାଇଁ ସତ୍ୟବାଦୀ ଯୁଗର ଆଦର୍ଶକୁ ବୁଝିବା ଆବଶ୍ୟକ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ସତ୍ୟବାଦୀ ଗୋଷ୍ଠୀ ଓଡ଼ିଶାର ସାମାଜିକ, ଶିକ୍ଷାଗତ ଓ ସାହିତ୍ୟିକ ଜୀବନରେ ଏକ ନୂତନ ଦିଗ ଉନ୍ମୋଚନ କରିଥିଲା । ଏହି ଗୋଷ୍ଠୀର ଅନ୍ୟତମ ପ୍ରମୁଖ ସଦସ୍ୟ ଥିଲେ ଗୋଦାବରୀଶ ମିଶ୍ର ।ସତ୍ୟବାଦୀ ଗୋଷ୍ଠୀର ଅନ୍ୟ ପ୍ରମୁଖ ସଦସ୍ୟମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ ଓ କୃପାସିନ୍ଧୁ ମିଶ୍ରଙ୍କ ନାମ ଉଲ୍ଲେଖଯୋଗ୍ୟ । ଏହି ସାହିତ୍ୟିକ ଓ ଚିନ୍ତକମାନେ ଶିକ୍ଷା, ସାହିତ୍ୟ, ସମାଜସେବା ଓ ଜାତୀୟତାବାଦକୁ ଏକ ଅଖଣ୍ଡ ସୂତ୍ରରେ ବାନ୍ଧିଥିଲେ । ସତ୍ୟବାଦୀ ଆଦର୍ଶର ମୂଳରେ ଥିଲା ସତ୍ୟନିଷ୍ଠା, ସେବା, ତ୍ୟାଗ, ସମାନତା ଓ ମାନବ ତଥା ମାଧବପ୍ରେମ । ସାହିତ୍ୟ ମାଧ୍ୟମରେ ଜାତିର ଆତ୍ମବିଶ୍ୱାସ ବୃଦ୍ଧି କରିବା ଓ ସମାଜରେ ନୈତିକ ଜାଗରଣ ସୃଷ୍ଟି କରିବା ଏହି ଗୋଷ୍ଠୀର ଥିଲା ପ୍ରମୁଖ ଲକ୍ଷ୍ୟ । ଗୋଦାବରୀଶ ମିଶ୍ର ନିଜ ସୃଜନଶୀଳ ପ୍ରତିଭା ମାଧ୍ୟମରେ ଏହି ଆଦର୍ଶକୁ ସାହିତ୍ୟରେ ରୂପାୟିତ କରିଥିଲେ । ଗୋଦାବରୀଶ ମିଶ୍ରଙ୍କ ସାହିତ୍ୟର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ଜୀବନର ବାସ୍ତବତା ସହିତ ତାହାର ଗଭୀର ସମ୍ପର୍କ । ସେ ଆକାଶକୁସୁମ କଳ୍ପନାରେ ନିମଗ୍ନ ହୋଇ ରହିବା ପରିବର୍ତ୍ତେ ସମାଜର ମାଟି, ମଣିଷର ଲୁହ, ଦରିଦ୍ରର ଦୁଃଖ ଓ ଶୋଷିତର ନୀରବ ଆର୍ତ୍ତନାଦକୁ କରିଥିଲେ ସାହିତ୍ୟର ଆଧାର । ତାଙ୍କ ରଚନାରେ ଯେପରି ଜୀବନର ନିଛକ ଅନୁଭୂତି ରହିଛି, ସେହିପରି ରହିଛି ସମାଜକୁ ଏକ ଉନ୍ନତ ଅବସ୍ଥାକୁ ନେବାର ଅଦମ୍ୟ ଆକାଂକ୍ଷା ।

ତାଙ୍କ ସାହିତ୍ୟରେ ଦେଖିବାକୁ ମିଳେ ହାସ୍ୟ, ବ୍ୟଙ୍ଗ, କାରୁଣ୍ୟ, ଦୟା, କରୁଣା, ଆତ୍ମସମୀକ୍ଷା ଓ ନୈତିକ ଚେତନାର ସୁନ୍ଦର ସମାବେଶ । ସେ ସମାଜର ଅନ୍ୟାୟ ଓ ଅସଙ୍ଗତିକୁ ଉନ୍ମୋଚନ କରିବା ସହିତ ମଣିଷର ଅନ୍ତର୍ନିହିତ ମହତ୍ୱକୁ ମଧ୍ୟ ଉଜାଗର କରିଥିଲେ । ତାଙ୍କ ଭାଷା ସରଳ, ସ୍ୱାଭାବିକ ଓ ଭାବପ୍ରବଣ । ଏହି ସରଳତା ତାଙ୍କ ସାହିତ୍ୟକୁ ସାଧାରଣ ପାଠକଙ୍କ ନିକଟରେ ଆକର୍ଷଣୀୟ କରିଥିବାବେଳେ ତା'ର ଅନ୍ତର୍ନିହିତ ଚିନ୍ତନ ଓ ଗାମ୍ଭୀର୍ଯ୍ୟ ତାଙ୍କୁ ଜଣେ ବିଶିଷ୍ଟ ସାହିତ୍ୟିକ ଭାବେ ପ୍ରତିଷ୍ଠିତ କରିଛି ।

ଗୋଦାବରୀଶ ମିଶ୍ରଙ୍କ ଐତିହାସିକ ଚେତନା ତାଙ୍କ ସାହିତ୍ୟିକ ବ୍ୟକ୍ତିତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ତାଙ୍କ 'ଅଠରଶହ ସତର' ରଚନା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ପରିଚିତ ୧୮୧୭ ମସିହାର ପାଇକ ବିଦ୍ରୋହର ଐତିହାସିକ ଚେତନା ସହିତ ସମ୍ପୃକ୍ତ । ଏହି ରଚନାର ମହତ୍ୱକୁ କେବଳ ଅତୀତର ଘଟଣା ବର୍ଣ୍ଣନାରେ ସୀମିତ କରିହେବ ନାହିଁ; ଏହା ଜାତୀୟ ଆତ୍ମମର୍ଯ୍ୟାଦା, ସ୍ୱାଧୀନତାର ଆକାଂକ୍ଷା ଓ ଔପନିବେଶିକ ଶାସନ ବିରୋଧୀ ମନୋଭାବର ପରିପ୍ରକାଶ ଭାବେ ମଧ୍ୟ ଗୁରୁତ୍ୱ ବହନକରେ । ଐତିହାସିକ ସାହିତ୍ୟର ଏକ ପ୍ରମୁଖ କାର୍ଯ୍ୟ ହେଉଛି ଅତୀତକୁ ବର୍ତ୍ତମାନର ଚେତନା ସହିତ ସଂଯୋଗ କରିବା । ଗୋଦାବରୀଶ ମିଶ୍ରଙ୍କ ଜାତୀୟତାବାଦୀ ଦୃଷ୍ଟିଭଙ୍ଗୀରେ ଏହି ଚେତନାର ପ୍ରଭାବ ଅନୁଭବ କରାଯାଇପାରେ । ତାଙ୍କ ଲେଖାରେ ଜାତିର ଗୌରବ କେବଳ ଅତୀତର ଗର୍ବ ନୁହେଁ; ଏହା ଭବିଷ୍ୟତ୍ ? ଗଠନ ପାଇଁ ଏକ ପ୍ରଭାବଶାଳୀ ପ୍ରେରଣା । ସେ ଏକାଧାରରେ ଜଣେ ସୁଔପନ୍ୟାସିକ, ଖ୍ୟାତନାମା ଗାଳ୍ପିକ, ଐତିହାସିକ ନାଟ୍ୟକାର, ଗୀତିକବି, ଗାଥାକବି, ପ୍ରାବନ୍ଧିକ ଓ ଆତ୍ମଜୀବନୀକାର ଭାବେ ନିଜର ସ୍ୱଷ୍ଟ ପଦାଙ୍କ ଛାଡିଯାଇଛନ୍ତି । ତାଙ୍କର ପ୍ରସିଦ୍ଧ କବିତା ସଙ୍କଳନ ମଧ୍ୟରେ 'ଆଲେଖିକା', 'କୁସୁମ', 'କଳିକା', 'କିଶଳୟ', 'ଚୟନିକା', 'ଗୀତାୟନ', 'ଗୀତିଗୁଚ୍ଛ', 'କବିତାୟନ' ତଥା ଏକକ ଗାଥାକବିତା ମଧ୍ୟରେ 'କାଳିଜାଈ', 'ଅଭିରାମ ସିଂହ', 'ଧରଣୀଧର', 'ମୁଁ ତଷା ପୁଅ', 'ଉପବାସେ', 'ପଦ୍ମାବତୀ', 'ଅର୍ଜ୍ଜୁନ ସିଂହ', 'ଦୁଃଖିଧନ', 'କଳା ପାହାଡ଼', 'ବିକ୍ରମ ସିଂହ', 'ମାମୁଁ ଭଣଜା', 'ସାକ୍ଷୀଗୋପାଳ', 'ଗାଲ ମାଧବ', ଓ 'ଗଡ଼ରକ୍ଷା' ପ୍ରଭୃତି ପ୍ରସିଦ୍ଧ । ଏଥିସହ 'କାଶୀଯାତ୍ରୀ', 'ନିଦାଘ ସରସୀ', ଓ 'ସକାଳ' ପରି ପ୍ରସିଦ୍ଧ ଗୀତିକବିତା ଓଡ଼ିଆ ସାହିତ୍ୟରେ ଏକ ସରଳ ତରଳ ଓ ଛଳଛଳ କାବ୍ୟଧାରାର ସର୍ଜନା କରିଛନ୍ତି ବୋଲି କହିବାକୁ ହେବ । ସେହିପରି ଉପନ୍ୟାସ ଭିତରେ 'ଅଭାଗିନୀ', 'ଘଟାନ୍ତର', ('ଭିକ୍ଟର ହିଉଗୋଙ୍କ 'ଲେ ମିଜରେବ୍ଲ୍ସ' (Les Miserables)ର ଓଡ଼ିଆ ଅନୁସୃଜନ), '୧୮୧୭' (ଚାର୍ଲସ୍ ଡିକେନସଙ୍କ ରଚିତ 'A tales of Two cities' ଉପନ୍ୟାସ ଅନୁସରଣରେ ରଚିତ), ଓ 'ନିର୍ବାସିତ' ପରି ରଚନା; ନାଟକ ମଧ୍ୟରେ 'ପୁରୁଷୋତ୍ତମ' ଓ 'ମୁକୁନ୍ଦଦେବ', ଓ ପ୍ରବନ୍ଧ ମଧ୍ୟରେ 'କଙ୍କାଳର ଆର୍ତ୍ତନାଦ, 'ଦାସତ୍ୱ ମୋଚନ' (Up from slavery ର ଓଡ଼ିଆ ଅନୁବାଦ), 'ଷଢେଇକଳା ଖରସୁଆଁ', 'ଗଣତନ୍ତ୍ର ଶାସନର ରୂପରେଖ', 'ଜନତନ୍ତ୍ରର ଶାସନ', ଓ 'ବିଚ୍ଛିନ୍ନାଂଚଳ ସମସ୍ୟା' ପ୍ରଭୃତି ରଚନା ତାଙ୍କର ଦେଶ, ଜାତି, ମାଟି ଓ ଭାଷାସଂପ୍ରୀତିକୁ ସ୍ୱଷ୍ଟଭାବେ ଦର୍ଶାଇଥାଏ । କହିବା ବାହୁଲ୍ୟ ଯେ, ତାଙ୍କର ଗଳ୍ପ ମଧ୍ୟରେ 'ତୋଳା କନ୍ୟା', 'ବିଧବା କନ୍ୟା', 'ପରଦାସୀନ', 'ଶ୍ରୀମତି', 'ପୁଆଣି ଘର', 'ବଡ଼ପୁଅ', 'ସାବତ ପୁଅ', 'ଭାଇ ଭାଗ', 'ସେବତୀର ଶବ', 'ମିଳନ', 'ପରିଚୟ', 'ପ୍ରଗତି', 'ପାଣ୍ଡୁ ମିଶ୍ରେ', ଓ 'ରିକ୍ସାବାଲା' ପ୍ରଭୃତି କାଳଜୟୀ ରଚନା ତାଙ୍କର ଅସାଧାରଣ ପ୍ରତିଭାର ପରିଚାୟକ ତଥା ବୈଶିଷ୍ଟ୍ୟର ପ୍ରତିପାଦକ ମାତ୍ର ଏବଂ ତାଙ୍କ ଅନୁପମ, ଅତ୍ୟାବଶ୍ୟକ ତଥା ଅମୂଲ୍ୟ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ' ପାଇଁ ସେ କାଳକାଳକୁ ଅମର ରହିବେ ।

ସମାଜ ସମାଲୋଚନା ଓ ମାନବବାଦୀ ଦୃଷ୍ଟିକୋଣ: ଗୋଦାବରୀଶ ମିଶ୍ରଙ୍କ ସାହିତ୍ୟରେ ସମାଜ ସଂସ୍କାର ଓ ସାମାଜିକ ସମୀକ୍ଷା ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ । ସେ ସମାଜରେ ପ୍ରଚଳିତ କୁସଂସ୍କାର, ଅନ୍ୟାୟ, ଅସମାନତା ଓ ମାନବୀୟ ଦୁର୍ବଳତାକୁ ସୂକ୍ଷ୍ମ ଦୃଷ୍ଟିରେ ଅନୁଧ୍ୟାନ କରିଥିଲେ । ତାଙ୍କ ବ୍ୟଙ୍ଗାତ୍ମକ ଅଭିବ୍ୟକ୍ତିରେ ହାସ୍ୟର ଆବରଣ ଭିତରେ ଲୁକ୍କାୟିତ ହୋଇ ରହିଥାଏ ଗଭୀର ସାମାଜିକ ସତ୍ୟ । ସେ ମଣିଷର ବାହ୍ୟ ଆଡ଼ମ୍ବର ଓ ଅନ୍ତର୍ନିହିତ ଶୂନ୍ୟତା ମଧ୍ୟରେ ଥିବା ବିରୋଧାଭାସକୁ ଚିହ୍ନଟ କରିଥିଲେ । ସମାଜରେ ମର୍ଯ୍ୟାଦା, ପଦପଦବୀ ଓ ସମ୍ପତ୍ତିର ଆଧାରରେ ମଣିଷକୁ ମୂଲ୍ୟାୟନ କରିବାର ପ୍ରବୃତ୍ତି ବିରୋଧରେ ତାଙ୍କ ମାନବବାଦୀ ଚେତନା ଏକ ନୈତିକ ପ୍ରତିବାଦ ଭାବେ ଦେଖାଦିଏ । ତାଙ୍କ ପାଇଁ ସାହିତ୍ୟର ଉଦ୍ଦେଶ୍ୟ କେବଳ ମନୋରଞ୍ଜନ ନୁହେଁ; ଏହା ମଣିଷର ବିବେକକୁ ଜାଗ୍ରତ କରିବାର ଏକ ବଳିଷ୍ଠ, ପ୍ରାଚୀନ ତଥା ସହଜ ମାଧ୍ୟମ । ସେଥିପାଇଁ ତାଙ୍କ ରଚନାରେ ନୈତିକତାର ଉପସ୍ଥିତି ରହିଥିଲେ ମଧ୍ୟ ତାହା କେବଳ ଉପଦେଶରେ ସୀମିତ ହୋଇନାହିଁ । ଜୀବନର ଘଟଣା, ଚରିତ୍ରର ଆଚରଣ, ଉଚ୍ଚାରଣ ଓ ସାମାଜିକ ପରିସ୍ଥିତି ମାଧ୍ୟମରେ ସେ ନିଜର ମୂଲ୍ୟବୋଧକୁ ପରିପ୍ରକାଶ କରିଥିଲେ ।

ଗଦ୍ୟଶୈଳୀ ଓ ଭାଷାର ବୈଶିଷ୍ଟ୍ୟ: ଗୋଦାବରୀଶ ମିଶ୍ରଙ୍କ ଗଦ୍ୟରେ ଦେଖିବାକୁ ମିଳେ ସ୍ୱାଭାବିକତା, ସ୍ୱଷ୍ଟତା, ହାସ୍ୟରସ ଓ ବ୍ୟଙ୍ଗାତ୍ମକ ତୀକ୍ଷ୍ଣତାର ଏକ ଅପୂର୍ବ ସମନ୍ୱୟ । ସେ ଅନାବଶ୍ୟକ ଶବ୍ଦାଡ଼ମ୍ବରକୁ ଏଡ଼ାଇ ଭାବକୁ ସରଳ ଓ ପ୍ରଭାବଶାଳୀ ଭାବରେ ପ୍ରକାଶ କରିବାରେ ଯଥେଷ୍ଟ ସଫଳ ହୋଇଥିଲେ । ତାଙ୍କ ଭାଷାରେ ଜୀବନର ନିକଟତା ରହିଛି ଯାହା ଅତି ସହଜରେ ପାଠକଙ୍କୁ ଲେଖକଙ୍କ ଅନୁଭୂତି ସହିତ ଯୋଡ଼ିଦେଇପାରେ ।

ତାଙ୍କ ଗଦ୍ୟର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ଚରିତ୍ର ଓ ପରିସ୍ଥିତିକୁ ଜୀବନ୍ତ ଭାବରେ ଉପସ୍ଥାପନ କରିବାର କ୍ଷମତା । ସାଧାରଣ ଜୀବନର ଛୋଟ ଘଟଣାରୁ ମଧ୍ୟ ସେ ଅମଳ କରିପାରୁଥିଲେ ବ୍ୟାପକ ସାମାଜିକ ଓ ନୈତିକ ଅର୍ଥର ଫସଲ । ଏହି ଗୁଣ ତାଙ୍କୁ କେବଳ ଜଣେ ଲେଖକ ନୁହେଁ, ଅଧିକନ୍ତୁ ଜୀବନର ଜଣେ ସୂକ୍ଷ୍ମ ପର୍ଯ୍ୟବେକ୍ଷକ ଭାବେ ମଧ୍ୟ ପରିଚିତ କରାଏ । ଶିକ୍ଷା ଓ ସମାଜ ଗଠନ ପ୍ରତି ଅବଦାନ: ଗୋଦାବରୀଶଙ୍କ ବ୍ୟକ୍ତିତ୍ୱରେ ଶିକ୍ଷାବିତ୍‌ର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । ସେ ଶିକ୍ଷାକୁ ବ୍ୟକ୍ତିର ଜ୍ଞାନବୃଦ୍ଧି ସହିତ ସମାଜର ନୈତିକ ଓ ବୌଦ୍ଧିକ ବିକାଶର ମାଧ୍ୟମ ଭାବେ ଗ୍ରହଣ କରିଥିଲେ । ତାଙ୍କ ଦୃଷ୍ଟିରେ ଜଣେ ଆଦର୍ଶ ଶିକ୍ଷକଙ୍କ କର୍ତ୍ତବ୍ୟ କେବଳ ପାଠ୍ୟକ୍ରମ ଶେଷ କରିବା ନୁହେଁ; ଛାତ୍ରଛାତ୍ରୀଙ୍କ ମଧ୍ୟରେ ସତ୍ୟନିଷ୍ଠା, ଶୃଙ୍ଖଳା, ଦେଶପ୍ରେମ ଓ ମାନବିକତାର ବିକାଶ ଘଟାଇବା ମଧ୍ୟ ତାଙ୍କ ଦାୟିତ୍ୱ ।

ସତ୍ୟବାଦୀ ଆଦର୍ଶରେ ଶିକ୍ଷା ଓ ଚରିତ୍ର ଗଠନର ଯେଉଁ ସମନ୍ୱୟ ଦେଖାଯାଏ, ଗୋଦାବରୀଶ ମିଶ୍ରଙ୍କ ଜୀବନ ଓ କର୍ମରେ ରହିଛି ତାହାର ଯଥାର୍ଥ ପ୍ରତିଫଳନ । ସେ ନିଜର ସାହିତ୍ୟସାଧନା ଓ ଶିକ୍ଷାଦାନ ମାଧ୍ୟମରେ ସମାଜକୁ ଅଧିକ ସଚେତନ, ଦାୟିତ୍ୱଶୀଳ ଓ ମାନବିକ କରିବାକୁ ଉଦ୍ୟମ କରିଥିଲେ । ଓଡ଼ିଆ ସାହିତ୍ୟରେ ସ୍ଥାନ ଓ ଅବଦାନ: ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟର ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ତାଙ୍କ ରଚନାରେ ଜାତୀୟତାବୋଦ, ସମାଜ ସଂସ୍କାର, ମାନବବାଦ ଓ ନୈତିକ ଚେତନାର ସମାବେଶ ତାଙ୍କୁ ଅନ୍ୟ ସାହିତ୍ୟିକଙ୍କଠାରୁ ସ୍ୱତନ୍ତ୍ର କରି ଗଢ଼ିତୋଳେ । ସେ କେବେବି ସାହିତ୍ୟକୁ ଜୀବନରୁ ପୃଥକ୍ କରି ଦେଖିନଥିଲେ । ବରଂ ଜୀବନର ସମସ୍ୟା, ସମାଜର ଅସଙ୍ଗତି ଓ ମଣିଷର ଆକାଂକ୍ଷାକୁ ସାହିତ୍ୟର ଅନ୍ତର୍ଭୁକ୍ତ ବୋଲି ମନେକରୁଥିଲେ । କବି ୱାର୍ଡସ୍ୱର୍ଥ୍ ଓ କଲେରିଜ୍ ଇଂରାଜୀ ସାହିତ୍ୟରେ ରୋମାଂଟିକ ଟ୍ରେଣ୍ଡ ଆରମ୍ଭିଲା ବେଳେ 'ଲିରିକାଲ୍ ବାଲାଡ' ଲେଖିଲା ପରି ପଣ୍ଡିତ ଗୋଦାବରୀଶ ମିଶ୍ର ଓ ପଣ୍ଡିତ ରଘୁନାଥ ମିଶ୍ର ସମୁଦାୟ ୩୪ଟି ଗୀତିକବିତାକୁ ନେଇ 'ଗୀତିମାଳା'(୧୯୬୧) ନାମକ ଗ୍ରନ୍ଥ ରଚନା କରିଥିଲେ ।

ତାଙ୍କ ସାହିତ୍ୟର ମୂଲ୍ୟ କେବଳ ତାଙ୍କ ସମୟର ସାମାଜିକ ପରିସ୍ଥିତିକୁ ଚିତ୍ରଣ କରିବାରେ ନାହିଁ; ଅଧିକନ୍ତୁ ଏହାର ପ୍ରାସଙ୍ଗିକତା ପରବର୍ତ୍ତୀ ପିଢ଼ି ପାଇଁ ମଧ୍ୟ ରହିଛି । ସମାଜରେ ଯେପର୍ଯ୍ୟନ୍ତ ଅସମାନତା, କପଟତା, ଅନ୍ୟାୟ ଓ ମୂଲ୍ୟବୋଧର ସଙ୍କଟ ରହିବ, ସେପର୍ଯ୍ୟନ୍ତ ତାଙ୍କ ସାହିତ୍ୟର ସାମାଜିକ ଓ ନୈତିକ ମହତ୍ୱ ଅନୁଭବ କରାଯାଇପାରିବ । ପରିଶେଷରେ ଏତିକି କହିହେବ ଯେ, ଗୋଦାବରୀଶ ମିଶ୍ର ଓଡ଼ିଆ ସାହିତ୍ୟର ଏପରି ଜଣେ ସାଧକ, ଯାହାଙ୍କ ଜୀବନ ଓ ସାହିତ୍ୟ ମଧ୍ୟରେ ରହିଛି ଗଭୀର ଆତ୍ମିକ ସମ୍ପର୍କ । ସେ ସାହିତ୍ୟକୁ ସମାଜର ଦର୍ପଣ ଭାବେ ଗ୍ରହଣ କରିବା ସହିତ ତାହାକୁ ସମାଜ ପରିବର୍ତ୍ତନର ଏକ ସକ୍ରିୟ ମାଧ୍ୟମରେ ପରିଣତ କରିଥିଲେ । ତାଙ୍କ ରଚନାରେ ଜାତୀୟ ଚେତନା, ମାନବୀୟ ସମ୍ବେଦନା, ସାମାଜିକ ସମାଲୋଚନା ଓ ନୈତିକ ଆଦର୍ଶର ଯେଉଁ ସମନ୍ୱୟ ଦେଖିବାକୁ ମିଳେ, ତାହା ତାଙ୍କୁ ଓଡ଼ିଆ ସାହିତ୍ୟର ଏକ ଅବିସ୍ମରଣୀୟ ବ୍ୟକ୍ତିତ୍ୱରେ ପରିଣତ କରିଛି । ତାଙ୍କ ସାହିତ୍ୟ ଆମକୁ ଶିଖାଏ ଯେ, ଜଣେ ପ୍ରକୃତ ସାହିତ୍ୟିକ କେବଳ ଶବ୍ଦର ସ୍ରଷ୍ଟା ନୁହେଁ; ସେ ସମାଜର ବିବେକର ମଧ୍ୟ ନିର୍ମାତା । ସେ ନିଜ ସମୟର ଅନ୍ୟାୟକୁ ପ୍ରଶ୍ନ କରନ୍ତି, ମଣିଷର ଦୁଃଖକୁ ଅନୁଭବ କରନ୍ତି ଓ ଭବିଷ୍ୟତ୍ ପାଇଁ ଏକ ନୈତିକ ପଥ ପ୍ରସ୍ତୁତ କରନ୍ତି । ଏହି ଦୃଷ୍ଟିରୁ ଗୋଦାବରୀଶ ମିଶ୍ର କେବଳ ସତ୍ୟବାଦୀ ଯୁଗର ଜଣେ ପ୍ରମୁଖ ସାହିତ୍ୟିକ ନୁହନ୍ତି; ସେ ଓଡ଼ିଆ ଜାତୀୟ ଜୀବନର ଜଣେ ସଚେତନ ଦିଗ୍‌ଦର୍ଶକ । ତାଙ୍କ ସାହିତ୍ୟସାଧନା ଓ ଆଦର୍ଶ ଆଗାମୀ ପିଢ଼ିକୁ ଯେ ସତ୍ୟ, ସେବା, ସମାନତା ଓ ମାନବିକତାର ପଥରେ ଅଗ୍ରସର ହେବାକୁ ପ୍ରେରଣା ଯୋଗାଇବ— ଏଥିରେ ସନ୍ଦେହର ଅବକାଶ ନାହିଁ ।

ସହକାରୀ ପ୍ରଫେସର, ଓ.ଶି.ସେ.-୧
ଅଧିସ୍ନାତକ ଓଡ଼ିଆ ବିଭାଗ, ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ,
ଅନୁଗୋଳ, ଓଡ଼ିଶା -୭୫୯୧୪୩
ଭ୍ରାମ୍ୟଭାଷ— ୮୩୨୮୯୦୯୧୫୭

ବଡ଼ ଭଉଣୀ ଆଉ ସାନ ଭଉଣୀ

॥ ସୁକାନ୍ତ କୁମାର ଛାଟୋଇ ॥

ଯାହା ନାହିଁ କଟକେ ତାହା ନାହିଁ ଜଗତେ । ଓଡ଼ିଆରେ ରହିଥିବା ଏଭଳିଏକ ଫଙ୍କିଟି କଟକର ପ୍ରସିଦ୍ଧିକୁ ଗୋଟିଏ ଧାଡ଼ିରେ ବଖାଣିପାରେ । ଆଉ ରୌପ୍ୟନଗରୀର ସ୍ୱାତନ୍ତ୍ର୍ୟକୁ ସୁନ୍ଦର ଭାବେ ଦର୍ଶାଇପାରେ । ହଜାର ବର୍ଷର ପୁରୁଣା କଟକରେ ଦଶହରା ପଂଚଦଶ ଶତାବ୍ଦୀରେ ଆରମ୍ଭ ହୋଇଥିଲା ବୋଲି କୁହାଯାଏ । ହାତଗଣତି ସ୍ଥାନରେ ଆରମ୍ଭ ହୋଇଥିବା ଶାରଦୀୟ ଦୁର୍ଗାପୂଜା ଏବେ ସବୁ ସାହିରେ ପାଳିତ ହେଉଛି । ତେବେ ଏହା ଭିତରେ ଏକ ନିଆରା ପରମ୍ପରା ସାମ୍ନାକୁ ଆସେ । ଦୁଇଟି ସ୍ଥାନର ଦେବୀଙ୍କୁ ଯଥାକ୍ରମେ ବଡ଼ଭଉଣୀ ଏବଂ ସାନ ଭଉଣୀ ଆଖ୍ୟା ଦିଆଯାଇଛି । ଏହି ଦୁଇ ଭଉଣୀଙ୍କ ଭେଟ ହୁଏ ଭସାଣିରେ ।

ବିନୋଦବିହାରୀ ବାଲୁବଜାର ଦୁର୍ଗାଙ୍କୁ କୁହାଯାଏ ବଡ଼ ଭଉଣୀ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ତଥା ଇତିହାସର ପୃଷ୍ଠାକୁ ଅବଲୋକନରୁ ଏତିକି ଜଣାପଡ଼େ ଯେ ଏଠାରେ ଦଶହରା ପ୍ରଥମେ ପାଳିତ ହୋଇଥିଲା । ୧୫୦୯ ମସିହାରେ ମହାପ୍ରଭୁ ଶ୍ରୀଚୈତନ୍ୟ ପୁରୀ ଯାଉଥିବା ବେଳେ କଟକରେ ଅଟକିଥିଲେ ।

ସେତେବେଳେ ପଡ଼ିଥିଲା ଶରତ ଋତୁ । ମହାପ୍ରଭୁ ଶ୍ରୀଚୈତନ୍ୟ ବିନୋଦବିହାରୀ ବାଲୁବଜାର ଅଂଚଳରେ ଘଟ ସ୍ଥାପନ କରି ଏଠାରେ ଦୁର୍ଗାପୂଜା କରିଥିଲେ । କ୍ରମଶଃ ସମୟ ଅତିକ୍ରମ କରିଛି । ମୃଣ୍ମୟୀ ପ୍ରତିମା ପୂଜା ପାଇଁ ଆସୁଛନ୍ତି । ଯେହେତୁ ଏଠାରେ ଦୁର୍ଗାପୂଜା ପ୍ରଥମଥର ହୋଇଥିଲା, ଏଣୁ ବିନୋଦବିହାରୀ-ବାଲୁବଜାର ଦେବୀଙ୍କୁ ବଡ଼ଭଉଣୀ ଆଖ୍ୟା ଦିଆଯାଇଛି । ସେହିପରି ଚାନ୍ଦିନୀଚୌକ ଦେବୀ ଦୁର୍ଗାଙ୍କୁ ମିଳିଛି ସାନଭଉଣୀ ଆଖ୍ୟା । ଦର୍ପଣୀ ରାଜାଙ୍କ ଦ୍ୱାରା ଏଠାରେ ପୂଜା ଆରମ୍ଭ ହେଉଥିବାରୁ ଏହାକୁ ରାଜାଘର ମେଢ଼ ବୋଲି କୁହାଯାଏ । ଦର୍ପଣୀ ରାଜା ନିଜ ଭଉଣୀମାନଙ୍କୁ ଡାକି ଏଠାରେ ସମ୍ବର୍ଦ୍ଧନା ଦେଉଥିଲେ । ଏହି କ୍ରମରେ ଏବେ ବି କଟକର ଅନେକ ପୂଜା ମଣ୍ଡପର ମୃଣ୍ମୟୀ ପ୍ରତିମା ଚାନ୍ଦିନୀଚୌକରେ ସମ୍ବର୍ଦ୍ଧିତ ହେବା ପରେ ଦେବୀଗଡ଼ାକୁ ବିସର୍ଜନ ନିମନ୍ତେ ଯାଆନ୍ତି । ବଡ଼ ଭଉଣୀ ତଥା ବିନୋଦବିହାରୀ-ବାଲୁବଜାର ଦୁର୍ଗା ମଧ୍ୟ ଏଠାକୁ ଆସନ୍ତି । ଦ୍ୱାଦଶୀ ତିଥି ତଥା ସବୁଠୁ ଶେଷରେ ଚାନ୍ଦିନୀଚୌକ ପ୍ରତିମାଙ୍କୁ ବିସର୍ଜନ କରାଯାଏ ।

୧୫୦୯ ମସିହାରେ ମହାପ୍ରଭୁ ଶ୍ରୀଚୈତନ୍ୟ ପୁରୀ ଯାଉଥିବାବେଳେ କଟକରେ ଅଟକିଥିଲେ । ସେତେବେଳେ ପଡ଼ିଥିଲା ଶରତ ଋତୁ । ମହାପ୍ରଭୁ ଶ୍ରୀଚୈତନ୍ୟ ବିନୋଦବିହାରୀ ବାଲୁବଜାର ଅଂଚଳରେ ପ୍ରଥମ ଘଟ ସ୍ଥାପନ କରି ଏଠାରେ ଦୁର୍ଗାପୂଜା ଆରମ୍ଭ କରିଥିଲେ । ସେତେବେଳେ କଟକ ସହରରେ ଏହା ପ୍ରଥମ ଦୁର୍ଗାପୂଜା ହୋଇଥିବାରୁ ବିନୋଦବିହାରୀ-ବାଲୁବଜାର ଦୁର୍ଗା ଠାକୁରାଣୀଙ୍କୁ ବଡ଼ ଭଉଣୀର ମାନ୍ୟତା ଦିଆଯାଏ । ଦର୍ପଣୀ ରାଜାଙ୍କ ଦ୍ୱାରା ଏଠାରେ ପୂଜା ଆରମ୍ଭ ହୋଇଥିବାରୁ ଏହାକୁ ରାଜଘର ମେଢ଼ କୁହାଯାଏ । ଦର୍ପଣୀ ରାଜା ନିଜ ଭଉଣୀମାନଙ୍କୁ ଡାକି ଏଠାରେ ସମ୍ବର୍ଦ୍ଧନା ଦେଉଥିଲେ ।

ଏହି କ୍ରମରେ ଏବେ ବି କଟକର ଅନେକ ପୂଜା ମଣ୍ଡପର ମୃଣ୍ମୟୀ ପ୍ରତିମା ଚାନ୍ଦିନୀଚୌକରେ ପ୍ରଥମେ ସମ୍ବର୍ଦ୍ଧିତ ହେବା ପରେ ଦେବୀଗଡ଼ାକୁ ବିସର୍ଜନ ନିମନ୍ତେ ଯାଆନ୍ତି । ବଡ଼ ଭଉଣୀ ତଥା ବିନୋଦବିହାରୀ ବାଲୁବଜାର ଦୁର୍ଗା ମଧ୍ୟ ଏଠାକୁ ଆସନ୍ତି । ଦ୍ୱାଦଶୀ ତିଥି ତଥା ସବୁଠି ଶେଷରେ ଚାନ୍ଦିନୀଚୌକ ପ୍ରତିମାଙ୍କୁ ବିସର୍ଜନ କରାଯାଇଥାଏ ।

ଗୋପବନ୍ଧୁ, ନୂଆ ବଜାର, କଟକ, ଦୂରଭାଷ : ୮୨୪୯୨୬୦୬୨୧

ନବରାତ୍ରୀ ଓ ଦୁର୍ଗାମାଧବଙ୍କ ଗୁପ୍ତ ଗୁଣ୍ଡିଚା ଯାତ୍ରା

॥ ଗୋପୀନାଥ ଦାଶ ॥

ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଛି ନବଦିନ ବ୍ୟାପୀ ଗୁପ୍ତ ଗୁଣ୍ଡିଚା ଯାତ୍ରା । ପରମ୍ପରା ଅନୁଯାୟୀ ଦୁର୍ଗା ମାଧବ ଏକାଠ ରଥାକୃତି ବିମାନରେ ବସି ନାରାୟଣୀ ମନ୍ଦିରକୁ ଯାତ୍ରା କରିଥାନ୍ତି । ସୂଚନା ଥାଉକି ଶ୍ରୀକ୍ଷେତ୍ର ଶାକ୍ତ ପରମ୍ପରାର ଅନ୍ୟତମ ପ୍ରଧାନ ପୀଠ ହୋଇଥିବାବେଳେ ଦୁର୍ଗା ଓ ମାଧବ ଏକାଠି ଉପାସନା କରାଯିବାର ବିଧି ଅନ୍ୟତ୍ର ଦେଖିବାକୁ ମିଳେ ନାହିଁ । ଏହି ପରମ୍ପରା ଆଧାରରେ ଆଜି ପ୍ରଭୁ ଦୁର୍ଗା ମାଧବ ନନ୍ଦିଘୋଷ ବିମାନରେ ଗୁପ୍ତ ଗୁଣ୍ଡିଚାକୁ ବିଜେ କରିଥାନ୍ତି । ପ୍ରଚଳିତ ଲୋକ କଥା ମୁତାବକ, ଶ୍ରୀଗୁଣ୍ଡିଚା ଯାତ୍ରା କରିଥାନ୍ତି । ତେଣୁ ସବୁଳିପିର ପରମ୍ପରା ଅନୁଯାୟୀ ମା'ଙ୍କ ସହ ଦୁର୍ଗା ମାଧବଙ୍କୁ ବିମାନରେ ଶୋଭାଯାତ୍ରାରେ ନେଇ ଦୋଳ ମଣ୍ଡପ ସାହିସ୍ଥିତ ନାରାୟଣୀ ମନ୍ଦିରକୁ ଯାତ୍ରା କରିଥାନ୍ତି ।ପରମ୍ପରା ଅନୁଯାୟୀ ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ଦୁର୍ଗା ମାଧବଙ୍କ ଗୁପ୍ତ ଗୁଣ୍ଡିଚା ଯାତ୍ରାର ଶୁଭାରମ୍ଭ ହୁଏ ।

ଶାରଦୀୟ ପୂଜା ଅବସରରେ ସର୍ବତ୍ର ମା' ଦୁର୍ଗାଙ୍କ ପୂଜା କରଯାଉଥିବା ବେଳେ ଶ୍ରୀମନ୍ଦିରରେ ଦୁର୍ଗା ମାଧବ ଏକତ୍ର ପୂଜା ପାଇବାର ସେ ପ୍ରଚଳିତ ହୋଇ ଆସୁଛି । ଷୋଳପୂଜାର ପ୍ରଥମ ଆଠ ଦିନ ଦୁର୍ଗା ମାଧବ ପାଉଥିବାବେଳେ ଶ୍ରୀମନ୍ଦିରରେ ଆଶ୍ୱିନ ଶୁକ୍ଳ ପ୍ରତିପଦା ଠାରୁ ଦଶହରା ପର୍ଯ୍ୟନ୍ତ ଦୋଳମଣ୍ଡପ ସାହି ନାରାୟଣୀ ମନ୍ଦିରକୁ ଯାତ୍ରା କରିବାର ବିଧି ରହିଛି । ଶ୍ରୀମନ୍ଦିରରେ ସକାଳ ଧୂପ ଶେଷ ହେବା ପରେ ଭଣ୍ଡାର ଘର ଦ୍ୱାରରେ ଗତ ଆଠ ଦିନ ଧରି ରୁଦ୍ଧା ହୋଇ ବିଜେ କରିଥିବା ଦୁର୍ଗା ମାଧବ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ଅଜ୍ଞାମାଳ ପାଇ ଜୟବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପ ନିକଟ ବିମାନ ରଥକୁ ବିଜେ କରନ୍ତି ଓ ଏହାପରେ ନାରାୟଣୀଙ୍କ ପୀଠରେ ଦୁର୍ଗାମାଧବଙ୍କୁ କର୍ପୂର ଜଳ ଲାଗି, ମାଣ୍ଡୁଅ ଭୋଗ କରି ବନ୍ଦାପନା ନୀତି କରାଯାଇଥାଏ । ପରେ ଶ୍ରୀମନ୍ଦିରରେ ସନ୍ଧ୍ୟାଧୂପ ପରେ ବାହୁଡ଼ା ବିଜେ ହୋଇଥାଏ ।

ପଲାଇ, ବରବା, ଯାଜପୁର, ଦୂରଭାଷ : ୮୮୯୫୨୯୬୧୬୭



ସେଇଠୁ
ଆରମ୍ଭ
SEITHO ARAMBHA



ସୋମବାର, ୨୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ - ୨୦୨୬ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ



ଭବାନୀପାଟଣା, ୨୫/୧୦ (ଆ.ପ୍ର) : ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତନ୍ମୟ କୁମାର ଦରଓ୍ୱାନଙ୍କ ଅଧ୍ୟକ୍ଷତାରେ ୭୭ ତମ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ୨୦୨୬ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଉପ ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ବିଶିଷ୍ଟ ସମାଜସେବୀ ଯୁଗଳ କିଶୋର ପୋଦ୍ଦାର, ଉପ ନିର୍ଦ୍ଦେଶକ ଯୋଜନା ଏବଂ ସ୍ୱ ମନ୍ୱୟ ଶ୍ରୀକାନ୍ତ ଦଳେଇ,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା, ଶିକ୍ଷାବିତ୍ ଡ଼ ଅଜୟ ମିଶ୍ର,ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରିଙ୍କ ସମେତ ଜିଲ୍ଲା ସଂସ୍କୃତି ପରିଷଦର ସମସ୍ତ ସଭ୍ୟ, ଜନ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତା, ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଏଜେଣ୍ଡା ଅନୁଯାୟୀ ଦିବସ ପାଳନର କାର୍ଯ୍ୟସୂଚୀ ପାଠ କଲେ । ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସଂସ୍କୃତି ପରିଷଦ ମିଳିତ ଆନୁକୁଲ୍ୟରେ ଆସନ୍ତା ୧.୧୧.୨୦୨୬ ରିଖରେ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲା ଗଠନ ଦିବସ ରେ ମାଆ ମାଣିକେଶ୍ୱରୀ ମନ୍ଦିର ନିକଟରୁ ପୂଜାର୍ଚ୍ଚନା ପରେ ଏକ ମଶାଲ ଶୋଭାଯାତ୍ରା ବାହାରି ଟାଉନ ହଲ ଠାରେ ପହଂଚିବ ଏବଂ ସେଠାରେ ସଭା କାର୍ଯ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ । ଏହି ମଶାଲ ଶୋଭାଯାତ୍ରା ରେ ସାଂସ୍କୃତିକ ନୃତ୍ୟଦଳ, ଜନ ପ୍ରତିନିଧି, ଏନ ସି ସି କ୍ୟାଡେଟ୍ ଏବଂ ଏନ୍ ଏସ ଏ ଛାତ୍ର,ସହରର ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା, ଗଣମାଧ୍ୟମ ପ୍ରତିନିଧି ପ୍ରମୁଖ ସାମିଲ ହେବେ । ସ୍ଥାନୀୟ ଜେଲ ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ରାହାଗିରି ପଥ ଉତ୍ସବ ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ମ୍ୟୁନିସିପାଲଟି, ଏନ୍ଏସି ଠାରେ କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ହେବ । ବ୍ଲକ୍ ସ୍ତର ଠାରେ ବିଦ୍ୟାଳୟ ସ୍ତର ଏବଂ ଜିଲ୍ଲା ସ୍ତର ରେ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତର କଳାହାଣ୍ଡି ଜିଲ୍ଲା ସମ୍ବନ୍ଧିୟ ବକ୍ତୃତା, ପ୍ରବନ୍ଧ ଓ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗୀତା ପାଇଁ ଡି ଇ ଓ ଏବଂ ରେଜିଷ୍ଟ୍ରାର, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ କୁ ଦାୟିତ୍ୱ ଦିଆଗଲା ।ସେଇଭଳି ଏହି ଦିବସ ପାଳନ ବିଷୟରେ ବହୁଳ ପ୍ରଚାର ପ୍ରସାର କରିବା ପାଇଁ ଗଣ ମାଧ୍ୟମ ଏବଂ ସାମାଜିକ ଗଣମାଧ୍ୟମ ପ୍ରଭାବ କାରୀ ମାନଙ୍କୁ ଅନୁରୋଧ କରାଗଲା । ସାମାଜିକ ଗଣମାଧ୍ୟମ ଜରିଆରେ ବହୁଳ ପ୍ରଚାର ପ୍ରସାର କରିଥିବା ଡିଜିଟାଲ କଂଟେଂଟ କ୍ରିଏଟରଙ୍କୁ ସାମ୍ବାଦିକ ସଂଘ ଦ୍ୱାରା ପୁରସ୍କୃତ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା । ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଠାରେ ଜିଲ୍ଲା ଗଠନ ଦିବସ ପାଳନ ଅବସରରେ ଏକ ସେମିନାର ଆୟୋଜନ କରାଯିବ । ଅତିରିକ୍ତ ଜିଲ୍ଲାପାଳ ଏହି ଦିବସକୁ ମହା ଉଲ୍ଲାସରେ ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ।

ବାରହା ଫାଶରେ ଚାଲିଗଲା ମୂଲ୍ୟବାନ ଜୀବନ



ଦଶପଲ୍ଲା, ୨୫/୧୦ (ଆ.ପ୍ର) : ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଅନ୍ତର୍ଗତ ବୁଢ଼ା ପଂଚାୟତ କହୁଣି ଗ୍ରାମରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ଶିକାରୀଙ୍କ ଦ୍ୱାରା ବିଛାଯାଇଥିବା ବାରହା ଫାଶରେ ପଡ଼ି ଜଣେ ଯୁବକଙ୍କର ପ୍ରାଣହାନୀ ଘଟିଛି । ମୃତକ ଜଣକ ସେହି ଗ୍ରାମର ବାବୁଲା ନାୟକ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ବାବୁଲା ନାଗେଶ୍ୱର ସାହିସ୍ଥିତ ଜଣେ ସାଙ୍ଗଙ୍କ ଘରକୁ ଯାଉଥିବା ସମୟରେ ଏଭଳି ଅଘଟଣ ଘଟିଥିଲା । ତାଙ୍କର ଏକ ମାସର ଶିଶୁକନ୍ୟା ଥିବାବେଳେ ଏହି ଅକାଳ ବିୟୋଗରେ ପରିବାର ଏବଂ ସ୍ଥାନୀୟ ଅଂଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି । ଖବର ପାଇ ବାଣିଗୋଛା ପୋଲିସ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର କରିବା ସହ ଏନେଇ କେସ୍ ନଂ ୧୪୦/୨୦୨୬ ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ବୋଲି ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି । ଦିନକୁ ଦିନ ଜଙ୍ଗଲୀ ଜନ୍ତୁ ଶିକାର ପାଇଁ ଅସାଧୁ ବ୍ୟକ୍ତିଙ୍କ ଦ୍ୱାରା ଏଭଳି ମାରାତ୍ମକ ଫାଶ ବିଛାଯିବା ଘଟଣା ସାଧାରଣରେ ଗଭୀର ଚିନ୍ତାର କାରଣ ପାଲଟିଛି ।

ଭକ୍ତିମୟ ପରିବେଶରେ ପାଟଖଣ୍ଡା ମନ୍ଦିର ପରିସରରେ ମା’ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା, ସମୃଦ୍ଧି ଓ ମଙ୍ଗଳ କାମନା



ବାଲିଗୁଡ଼ା, ୨୫/୧୦ (ଆ.ପ୍ର) : ଭକ୍ତି ଓ ଆଧ୍ୟାତ୍ମିକତାର ପରିବେଶରେ ବାଲିଗୁଡ଼ାରେ ମା’ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି । କନ୍ଧମାଳ ଜିଲ୍ଲାର ବାଲିଗୁଡ଼ା ଅଂଚଳର ଆରାଧ୍ୟା ଦେବୀ ମା’ ପାଟଖଣ୍ଡାଙ୍କ ମନ୍ଦିର ପରିସର ସ୍ଥିତ ଦୁର୍ଗା ମଣ୍ଡପରେ ମା’ ପାଟଖଣ୍ଡା ଦୁର୍ଗାପୂଜା ସମିତି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ଭକ୍ତିପୂତ ପରିବେଶରେ ପାଳିତ ହୋଇଛି । ଏହି ଅବସରରେ ମା’ ଗଜଲକ୍ଷ୍ମୀଙ୍କୁ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯିବା ସହ ଧନ, ଐଶ୍ୱର୍ଯ୍ୟ, ସୁଖ ଓ ସମୃଦ୍ଧିର ଦେବୀଙ୍କ ନିକଟରେ ଅଂଚଳବାସୀଙ୍କ ମଙ୍ଗଳ କାମନା କରାଯାଇଥିଲା । ସମଗ୍ର ମନ୍ଦିର ପରିସର ଆଲୋକ ମାଳାରେ ଝଲସୁଥିଲା । ପୂଜାରେ ରଞ୍ଜିତ କୁମାର ମହାନ୍ତି ଓ ସାଗରିକା ମହାନ୍ତି କର୍ତା ଭାବେ ଦାୟିତ୍ୱ ତୁଲାଇଥିବା ବେଳେ ଗଞ୍ଜାମ ଜିଲ୍ଲା ଖଟିଆ ରାମଚନ୍ଦ୍ରପୁର ଶାସନର ଚିନ୍ମୟ ଶତପଥୀ ଓ ଅଜିତ ଶତପଥୀ ପୁରୋହିତ ଓ ପୂଜକ ଭାବେ ପୂଜାକାର୍ଯ୍ୟ ସମ୍ପନ୍ନ କରିଥିଲେ । ଧାର୍ମିକ ଭାବନା ଓ ପରମ୍ପରାର ମହକରେ ମା’ଙ୍କ ଆରାଧନା ମାଧ୍ୟମରେ ଅଂଚଳରେ ଶାନ୍ତି, ସମୃଦ୍ଧି ଓ ମଙ୍ଗଳମୟ ପରିବେଶ କାମନା କରାଯାଇଥିଲା । ଏଥିରେ ସମିତିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପରିଚାଳନା ରେ ସହଯୋଗ କରିଥିଲେ ।

ବିଜୁ ଜନତା ଦଳର ପଦଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୨୫/୧୦ (ଆ.ପ୍ର) : ଆସନ୍ତା ନଭେମ୍ବର ୪ତାରିଖରେ ବିଜୁ ଜନତା ଦଳ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଆଜି ସ୍ଥାନୀୟ ସିପି ସ୍ଥିତ ଜନ ସମ୍ପର୍କ କାର୍ଯ୍ୟାଳୟ ଠାରେ ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳ ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇଥିଲେ । ଉଭୟ ଜଗତସିଂହପୁର ପୌରପାରିଷଦ ଓ ଜଗତସିଂପୁର ବ୍ଲକର ସରପଂଚ, ପୂର୍ବତନ ସରପଂଚ, ପି.ଏସ ମେମ୍ବର, ବିଜୁ ଜନତା ଦଳର ଛାମୁଆ କର୍ମୀ, ପାରିଷଦ ପୂର୍ବତନ ପାରିଷଦ ମାନେ ଯୋଗ ଦେଇ ଅଧିକରୁ ଅଧିକ ମହିଳା ଯୁବ ଛାତ୍ର, ଓ କର୍ମୀ ମାନେ କିଭଳି ଯୋଗ ଦେବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଜିଲ୍ଲା ପରିଷଦ ଅଧକ୍ଷ ମନୋଜ କୁମାର ଭୋଇ, ବ୍ଲକ ଅଧକ୍ଷା କନକ ପ୍ରଭା ଲେଙ୍କା, ବ୍ଲକ ଉପାଧକ୍ଷ ରତି ରଞ୍ଜନ ବେହେରା, ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ବ୍ଲକ ସଭାପତି କାଳନ୍ଦୀ ପତି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପ୍ରଶାନ୍ତ ମଲ୍ଲିକ, ଯୁବ ସଭାପତି ସୁମିତ ଲେଙ୍କା, ଛାତ୍ର କାର୍ଯ୍ୟକାରୀ ସଭାପତି ଅବନୀକାନ୍ତ ଦାଶ, ନଗର ମହିଳା ସଭାନେତ୍ରୀ ମାନସୀ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା,ଚିତ ରଞ୍ଜନ ରାଉତ, ଯୁବ ନେତା ସମିତ ମହାନ୍ତି, ଛାତ୍ର ନେତା ବଂଟି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

ଡ୍ରେନ ଉପରେ ନାହିଁ ସ୍ଲାପ, ଗଳିପଇଲା ଅଟୋ



ଦଶପଲ୍ଲା, ୨୫/୧୦ (ଆ.ପ୍ର) : ରୋଗୀଙ୍କ ଜୀବନ ରକ୍ଷା ପାଇଁ ଉଦ୍ଦିଷ୍ଟ ଥିବା ସ୍ୱାସ୍ଥ୍ୟ କେନ୍ଦ୍ର ନିଜେ ଏବେ ବିପଦ ଆଡକୁ ଠେଲି ହୋଇଯାଉଛି କି ? ଏଭଳି ଏକ ସାଂଘାତିକ ପ୍ରଶ୍ନ ଉଠିଛି ନୟାଗଡ଼ ଜିଲ୍ଲା ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମଧ୍ୟରୁ । ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଡ୍ରେନ ନିର୍ମାଣ ହୋଇଥିଲେ ମଧ୍ୟ ଦୀର୍ଘ ଦିନ ହେବ ଏହାର ସ୍ଲାପ ଭାଙ୍ଗିଯାଇଥିବା ଦେଖାଦେଇଛି । ଫଳରେ ଏହା ଏବେ ରୋଗୀ ଓ ସାଧାରଣ ଲୋକଙ୍କ ପାଇଁ ମରଣଯନ୍ତା ପାଲଟିଛି । ଗତ କିଛି ଦିନ ହେବ ଏହି ଖୋଲା ଡ୍ରେନ ଯୋଗୁଁ ବହୁ ଅଘଟଣ ଘଟିବାରେ ଲାଗିଛି । ଗତକାଲି ଜଣେ ଗୁରୁତର ରୋଗୀଙ୍କୁ ନେଇ ଆସିଥିବା ଏକ ଅଟୋରିକ୍ସା ସ୍ୱାସ୍ଥ୍ୟ କେନ୍ଦ୍ରର ଡ୍ରେନରେ ସ୍ଲାପ ନଥିବାରୁ ଅଟୋର ଆଗ ଚକାଟି ହଠାତ୍ ଡ୍ରେନ ମଧ୍ୟରେ ଗଳି ପଡ଼ିଥିଲା । ତେବେ ଭାଗ୍ୟବଶତଃ ଅଟୋଟି ଓଲଟି ପଡ଼ି ନଥିଲେ ମଧ୍ୟ କାହାର କିଛି କ୍ଷତି ହୋଇନଥିଲା । ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଥିଲେ ମଧ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରର ଦାୟିତ୍ୱରେ ଥିବା ଅଧିକାରୀମାନେ କାହିଁକି ଚୁପ୍ ରହିଛନ୍ତି, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅଧିକାରୀମାନେ ସବୁଜାଣି ମଧ୍ୟ ନଦେଖିଲା ଭଳି ରହୁଛନ୍ତି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଅଛି । ଜିଲ୍ଲା ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଦଶପଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରର ଖୋଲା ଡ୍ରେନ ଉପରେ ସ୍ଲାପ ନିର୍ମାଣ ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଜନସାଧାରଣରେ ଦାବି ହେଉଛି ।

ମହାସମାରୋହରେ ଜଗଦ୍‌ଗୁରୁତମ ଜୟନ୍ତୀ ଓ ପ୍ରତିଷ୍ଠା ଦିବସ ପାଳିତ



ଟାଙ୍ଗୀ ଚୌଦ୍ୱାର, ୨୫/୧୦ (ଆ.ପ୍ର) : ଚୌଦ୍ୱାର କପାଳେଶ୍ୱର ସ୍ଥିତ କୃପାଳୁ ଗୁରୁକୁଳମ୍ ବିଦ୍ୟାଳୟ ପରିସରରେ ଜଗଦ୍‌ଗୁରୁତମ ଜୟନ୍ତୀ ମହୋତ୍ସବ ସହିତ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଏବଂ ବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି ନାମ,ଜପ, ଜନ୍ମୋତ୍ସବ ପାଳନ ଏବଂ ମହାଆରତୀ କରାଯାଇଥିଲା ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁ ଶ୍ରଦ୍ଧାର ସହିତ ପ୍ରସାଦ ସେବନ କରିଥିଲେ । ଏହି ଅବସରରେ ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ବନ୍ଦାଳ ବାଣିପଦା ସ୍ଥିତ କୃପାଳୁ ଗୁରୁକୁଳମ୍ ଆଶ୍ରମ (ଅନାଥାଶ୍ରମ) ଠାରେ ଏକ ସ୍ୱତନ୍ତ୍ର ଭୂମି ପୂଜନ ଏବଂ ନାମସଂକୀର୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ଅପରାହ୍ନ ୨ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବା ସହ ପ୍ରତିଷ୍ଠା ଦିବସ ପାଳନ ଏବଂ କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଏକ ଆଧ୍ୟାତ୍ମିକ ସମନ୍ୱୟ ଏବଂ ଉତ୍ସାହର ସହ ସମ୍ପନ୍ନ ହୋଇଥିବା ଏହି ଉତ୍ସବକୁ ଆୟୋଜକ ‘କୃପାଳୁ ଗୁରୁକୁଳମ୍, କପାଳେଶ୍ୱର’ ପକ୍ଷରୁ ସୁଚାରୁରୂପେ ପରିଚାଳନା କରାଯାଇଥିଲା । ଉପସ୍ଥିତ ସମସ୍ତ ଜନସାଧାରଣଙ୍କୁ ‘ରାଧେ ରାଧେ’ ଅଭିବାଦନ ସହ ଆୟୋଜକ ମାନେ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରିଥିଲେ ।

୩୦ ଜୁଆଡ଼ି ଗିରଫ, ୪୨ ହଜାର ୫୨୦ ଟଙ୍କା ଜବତ

ପାତ୍ରପୁର, ୨୫/୧୦ (ଆ.ପ୍ର) : ବ୍ରହ୍ମପୁର ପୁଲିସ ଜିଲ୍ଲା ଅନ୍ତର୍ଗତ ଜରଡ଼ା ଥାନା ଅଂଚଳରେ ଜୁଆ ଖେଳ ବିରୋଧରେ ପୁଲିସର ବଡ଼ ଧରଣର ଚଢ଼ାଉ କରାଯାଇ ପୁଲିସ ୩୦ ଜଣଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ନଗଦ ୪୨ ହଜାର ୫୨୦ ଟଙ୍କା, ଦୁଇଟି ବାଇକ୍ ଓ ଚାରୋଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି । ପୁଲିସର ସୂଚନା ଅନୁସାରେ ଜରଡ଼ା ଥାନା ଅଂଚଳର ମୁକୁନ୍ଦପୁର, ବାଦପୁର, ଜିଲୁଣ୍ଡା, ମୁଣ୍ଡକେରି, ଅନ୍ତରସିଙ୍ଗୀ ଓ ଜୟନ୍ତୀପୁର ଗ୍ରାମରେ ଚଢ଼ାଉ କରାଯାଇଥିଲା । ଏହି ଚଢ଼ାଉରେ ମୁକୁନ୍ଦପୁରରୁ ୨ ଜଣ, ବାଦପୁରରୁ ୪ ଜଣ, ଜିଲୁଣ୍ଡାରୁ ୨ ଜଣ, ମୁଣ୍ଡକେରିରୁ ୩ ଜଣ, ଅନ୍ତରସିଙ୍ଗୀରୁ ୬ ଜଣ ଏବଂ ଜୟନ୍ତୀପୁରରୁ ୧୩ ଜଣ ଧରାପଡ଼ିଥିବା ସୂଚନା ମିଳିଛି । ଏହି ଘଟଣାରେ ମୋଟ ୩୦ ଜଣ ଜୁଆଡ଼ିଙ୍କ ବିରୋଧରେ ୬ଟି ମାମଲା ରୁଜୁ କରାଯାଇଛି । ଗିରଫ ବ୍ୟକ୍ତିମାନଙ୍କୁ ଆଇନଗତ ପ୍ରକ୍ରିୟା ଅନୁଯାୟୀ ବେଲ୍ ବାଉଣ୍ଡରେ ଛଡ଼ାଯାଇଥିବା ଜଣାପଡ଼ିଛି । ଆଗକୁ ଏଭଳି ବେଆଇନ କାର୍ଯ୍ୟକଳାପ ବିରୋଧରେ ପୁଲିସର ଅଭିଯାନ ଜାରି ରହିବ ଓ ବେଆଇନ ଜୁଆ ଆଡ୍ଡା ଉପରେ କଡ଼ା ନଜର ରଖାଯାଇଛି ବୋଲି ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି ।

ଉତର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ

ଭୁବନେଶ୍ୱର, ୨୫/୧୦ (ଆ.ପ୍ର) : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଓଡିଶା ଗସ୍ତ ଅବସରରେ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଉତର ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉତ୍ତରର ପୂର୍ବତନ ବିଧାୟକ ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରିୟଦର୍ଶୀ ମିଶ୍ରଙ୍କ ନେତୃତ୍ୱରେ ଅୟୋଜିତ ଏହି ଶୋଭାଯାତ୍ରା ଅପରାହ୍ନ ୩ ଟା ସମୟରେ ଜନତା ମଇଦାନ୍‌ରୁ ବାହାରି ଜୟଦେବ ବିହାର, କଳିଙ୍ଗ ଷ୍ଟାଡିୟମ, ଏଜି ଛକ ହୋଇ ବିମାନ ବନ୍ଦରରେ ପହଂଚି ଥିଲା । ପ୍ରଧାନମନ୍ତ୍ରୀ ବିମାନ ବନ୍ଦରରେ ପହଂଚିବା ପରେ ନେତା ଓ କର୍ମୀମାନେ ବିଭିନ୍ନ ସ୍ୱାଗତ ନାରା ଓ ପ୍ଲାଭ କାର୍ଡ ଦେଖାଇ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରୀ ମିଶ୍ରଙ୍କ ସହିତ ଜିଲ୍ଲା ସମ୍ପାଦିକା ମାନସୀ ମଗୀ ରାୟପାତ୍ରୀ, ବିଏମସି ସେଲ୍ ସଂଯୋଜକ ସୌମ୍ୟ ରଂଜନ ଜେନା, କୃଷକ ମୋର୍ଚ୍ଚା ସଭାପତି ନିରଜ ରାଉତରାୟ, କର୍ପୋରେଟର ଯଶୋଧାରା ପ୍ରଧାନ ଓ ଲକ୍ଷ୍ମୀପ୍ରିୟା ପରିଡା, ଯୁବନେତା ଦିଲ୍ଲୀପ କୁମାର ମହାନତି, ସମସ୍ତ ମଣ୍ଡଳ ସଭାପତି, ଦଳୀୟ କର୍ମକର୍ତ୍ତା ଏବଂ ହଜାର ହଜାର ସଂଖ୍ୟାରେ କର୍ମୀ ଯୋଗ ଦେଇଥିଲେ ।

ଶିଙ୍ଗିପୁର ଗ୍ରାମରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଉପରେ ପୋଲିସ ଓ ରାଜସ୍ୱ ବିଭାଗର ମିଳିତ ଚଢ଼ାଉ



ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ କେ. ସୀତାପୁର ଗ୍ରାମ ପଂଚାୟତର ଶିଙ୍ଗିପୁର ଗ୍ରାମରେ ବେଆଇନ ଭାବେ ଦେଶୀ ମଦ ପ୍ରସ୍ତୁତି ଓ ବିକ୍ରି ଚାଲିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା । ଏହି ସୂଚନା ଆଧାରରେ ଆରକ୍ଷୀ ଅଧିକ୍ଷକ, ଗଜପତିଙ୍କ ଆଦେଶ ଅନୁଯାଇ ଆଜି ତା. ୨୫.୧୦.୨୦୨୬ ରିଖ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ମିଳିତ ଚଢ଼ାଉ କରାଯାଇଥିଲା । ପାରଳାଖେମୁଣ୍ଡି ଏସ୍‌ଡିପିଓ ମାଧବାନନ୍ଦ ନାୟକଙ୍କ ତତ୍ତ୍ୱାବଧାନରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି, ଏସ୍‌ଆଇ ପ୍ରିୟବ୍ରତ ସ୍ୱାଇଁ , ଏସ୍‌ଆଇ ପି. ଜଗରଙ୍ଗା, କେ. ସୀତାପୁର ରାଜସ୍ୱ ନିରୀକ୍ଷକ, ଏକ ସେକ୍ସନ୍ ଏପିଆର୍ ଫୋର୍ସ ଏବଂ ଥାନାର ଅନ୍ୟାନ୍ୟ ପୋଲିସ କର୍ମଚାରୀ ଏହି ଚଢ଼ାଉରେ ସାମିଲ ହୋଇଥିଲେ । ଚଢ଼ାଉ ସମୟରେ ୧୫ଟି ବେଆଇନ ଦେଶୀ ମଦ ଭାଟ୍ଟି ସ୍ଥାନ ଠାବ କରାଯାଇଥିଲା । ସେଠାରୁ ପ୍ରାୟ ୮୭୫ କିଲୋଗ୍ରାମ ମହୁଲ ପୋଚ (୩୫ ବସ୍ତା), ୧୦୦ ଲିଟର ପ୍ରସ୍ତୁତ ଦେଶୀ ମଦ, ୨ଟି ଆଲୁମିନିୟମ ବାସନ, ୫ଟି ମାଟି ହାଣ୍ଡି ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ଅନ୍ୟାନ୍ୟ ସାମଗ୍ରୀ ଠାବ କରାଯାଇଥିଲା । ଆବଶ୍ୟକ ନମୁନା ସଂଗ୍ରହ ଓ ଆଇନଗତ ପ୍ରକ୍ରିୟା ପରେ ବିପୁଳ ପରିମାଣର ମହୁଲ ପୋଚକୁ ଘଟଣାସ୍ଥଳରେ ନଷ୍ଟ କରାଯାଇଥିଲା । ପୋଲିସକୁ ଦେଖି ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଅପମିଶ୍ରିତ ଓ ବିଷାକ୍ତ ହୋଇପାରୁଥିବା ଦେଶୀ ମଦ ପ୍ରସ୍ତୁତ କରାଯାଉଥିବା ଜଣାପଡ଼ିଛି, ଯାହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ଜୀବନ ପ୍ରତି ଗୁରୁତର ବିପଦ ସୃଷ୍ଟି କରିପାରେ । ଏହି ଘଟଣାରେ ପାରଳାଖେମୁଣ୍ଡି ଥାନା କେସ୍ ନଂ.୪୩୨/୨୦୨୬ ତା:୨୫-୧୦-୨୦୨୬ରିଖ ୟୁ ଏସ୍ ୨୭୪/୨୭୫/୧୧୨(୨) ବିଏନଏସ ଆର/ଡବ୍ଲୁ ସେକ୍ସନ .୫୨(ଏ)/୫୫ ଅଫ୍ ଓଡ଼ିଶା ଏକ୍ସାଇଜ ଆକ୍ଟ ଅନୁଯାୟୀ ୧୫ ଜଣ ନାମିତ ଅଭିଯୁକ୍ତ ଓ ଅନ୍ୟ ଅଜଣା ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । ଅଭିଯୁକ୍ତମାନଙ୍କୁ ଠାବ କରିବା ସହ ଘଟଣାର ଅଧିକ ତଦନ୍ତ ଜାରି ରହିଛି । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷା ଦୃଷ୍ଟିରୁ ବେଆଇନ ଓ ଅପମିଶ୍ରିତ ମଦ ପ୍ରସ୍ତୁତି ଏବଂ ବିକ୍ରି ବିରୋଧରେ ଗଜପତି ପୋଲିସର କଡ଼ା କାର୍ଯ୍ୟାନୁଷ୍ଠାନ ଆଗକୁ ମଧ୍ୟ ଜାରି ରହିବ ବୋଲି ପୋଲିସ ସୂତ୍ର ଜଣାଯାଇଛି ।

ଇଛାପୁରରେ ଶାରଦୀୟ ଉତ୍ସବ ପାଳିତ



ଚିଲିକା/ବାଣପୁର, ୨୫/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ଚିଲିକା ମଣ୍ଡଳ ଅନ୍ତର୍ଗତ ଇଛାପୁର ଗ୍ରାମରେ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଶାରଦୀୟ ଉତ୍ସବ ପାଳିତ ହୋଇଯାଇଛି କ୍ଷ ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ବାଙ୍କନିଧି ଦେବଙ୍କୁ ଘଂଟ, ପଖାଉଜ, କାହାଳୀ ଓ ଶଙ୍ଖ ଇତ୍ୟାଦି ବାଦନ କରାଇ ଭକ୍ତମାନେ ଗ୍ରାମର ସମସ୍ତ ସାହି ପରିକ୍ରମା କରି ଦଶହରା ବେଦିକୁ ନେଇଥିଲେ । ସେଠାରେ ସଂକୀର୍ତନ ଗାୟକ ଗୌରାଙ୍ଗ ସ୍ୱାଇଁଙ୍କ ସମେତ ସଂକୀର୍ତନ ମଣ୍ଡଳୀ ସଂକୀର୍ତନ ପରିବେଷଣ କରିଥିଲେ । ପୂଜାର୍ଚ୍ଚନା କାର୍ଯ୍ୟ ସମାପ୍ତି ପରେ ଶାରଦୀୟ ଉତ୍ସବ କମିଟି, ଇଛାପୁର ଓ ସମାଜସେବୀ ବିଶ୍ୱନାଥ ସ୍ୱାଇଁ ସ୍ମୃତି ସଂସଦ, ଇଛାପୁରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ସ୍ମୃତି ସଂସଦର ସମ୍ପାଦକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଓ ଉତ୍ସବ କମିଟିର ପରିଚାଳକ ଶରତ ସ୍ୱାଇଁଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ବିରିବାଡି ସ୍ଥିତ ଲୋକନାଥ ଦେବ ମାନସିଂହ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ କୁନା ମହନ୍ତ ମୁଖ୍ୟ ଅତିଥି, ଛୋଟରାୟପୁର ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବ୍ରାହ୍ମଚାରୀ ଜେନା ମୁଖ୍ୟବକ୍ତା, ଛକଡ଼ିପୁର ଗ୍ରାମର ସମାଜସେବୀ ଲକ୍ଷ୍ମୀଧର ପଲେଇ, ଇଛାପୁର ବାଙ୍କନିଧି ଦେବ ନାଟ୍ୟ ସଂସଦର ପରିଚାଳକ ଚନ୍ଦ୍ରଶେଖର ପ୍ରଧାନ, ନୃତ୍ୟ ନିର୍ଦ୍ଦେଶକ ସଂଗ୍ରାମ ସ୍ୱାଇଁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ମୁଖ୍ୟ ଅତିଥି କହିଥିଲେ ମା ଦୁର୍ଗତି ନାଶିନୀ ଦୁର୍ଗାଙ୍କ କୃପା ବଳରେ ଅନ୍ୟାୟ ଉପରେ ନ୍ୟାୟର, ଅସତ୍ୟ ଉପରେ ସତ୍ୟର ଏବଂ ଅହଂକାର ଉପରେ ବିବେକର ବିଜୟ ହୁଏ । ମୁଖ୍ୟ ବକ୍ତା କହିଥିଲେ କନ୍ୟା ଭ୍ରୁଣ ହତ୍ୟା, ନାରୀ ନିର୍ଯାତନା, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ କରିବା ସହ ସମାଜରେ ନାରୀଙ୍କୁ ଉପଯୁକ୍ତ ସମ୍ମାନ ଦେବା ବିଧେୟ । ସଭାକାର୍ଯ୍ୟ ସମାପ୍ତ ହେବା ପରେ ଗ୍ରାମର ୪ର୍ଥ ଶ୍ରେଣୀଠାରୁ ଯୁକ୍ତ ଦୁଇ ବିଦ୍ୟାର୍ଥୀ ଏବଂ ଯୁବଗୋଷ୍ଠୀଙ୍କୁ ନେଇ ଉପ କନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ କଣ୍ଠସଂଗୀତ, ଏକକ ନୃତ୍ୟ, ଦଳୀୟ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । ଘୋଷକ ରୂପେ ଦେବରାଜ ପ୍ରଧାନ କାର୍ଯ୍ୟ ସମ୍ପାଦନ କରିଥିଲେ । ସନ୍ତୋଷ କୁମାର ମହାରଣାଙ୍କ ରଚନା ଓ ନିର୍ଦ୍ଦେଶନାରେ ଗ୍ରାମର କଳାକାରଙ୍କ ଦ୍ୱାରା ସଚେତନତା ମୂଳକ ସାମାଜିକ ନାଟକ ‘ଧନୀ ପୁଅର ଗର୍ବ ଚୂର୍ଣ୍ଣ’ ମଂଚସ୍ଥ ହୋଇଥିଲା । ପ୍ରତି ବିଭାଗରେ ଉତ୍ତମ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ପନ୍ଦର ତାରିଖରେ ପାଳିତ ହେବାକୁ ଥିବା ସମାଜସେବୀ ବିଶ୍ୱନାଥ ସ୍ୱାଇଁଙ୍କ ଏକାଦଶ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା କରାଯାଇଥିଲା ।

୩ ଶହରୁ ଉର୍ଦ୍ଧ୍ୱ ସାଇଲେନ୍ସର ଉପରେ ଚଢିଲା ରୋଡ୍ ରୋଲର



ଭଦ୍ରକ, ୨୫/୧୦ (ଆ.ପ୍ର) : ଭଦ୍ରକ ସହରର ରାସ୍ତାରେ ଫଟ୍‌ଫଟ୍ ଶବ୍ଦ ସହ ବିକଟାଳ ଗର୍ଜନ କରି ଯାତାୟାତ କରୁଥିବା ମୋଡିଫାଏଡ୍ ସାଇଲେନ୍ସର ଲଗା ଗାଡ଼ି ଚାଳକଙ୍କ ବିରୋଧରେ ଭଦ୍ରକ ଟାଉନ ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ସହରରେ ଶବ୍ଦ ପ୍ରଦୂଷଣ ସୃଷ୍ଟି କରିବା ସହ ସାଧାରଣ ଲୋକଙ୍କ ଶାନ୍ତି ଭଙ୍ଗ କରୁଥିବା ଏଭଳି ମୋଡିଫାଏଡ୍ ସାଇଲେନ୍ସର ବିରୋଧରେ ପୋଲିସର ଏହି କାର୍ଯ୍ୟାନୁଷ୍ଠାନ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାୟୀ, ଗାଡ଼ିରେ ନିୟମ ବିରୋଧୀ ମୋଡିଫାଏଡ୍ ସାଇଲେନ୍ସର ଲଗାଇ କେତେକ ଚାଳକ ରାସ୍ତାରେ ଅତ୍ୟଧିକ ଶବ୍ଦ ସୃଷ୍ଟି କରୁଥିଲେ । ଏହାଦ୍ୱାରା ବିଶେଷକରି ବୟସ୍କ ବ୍ୟକ୍ତି, ରୋଗୀ, ଶିଶୁ ଓ ଛାତ୍ରଛାତ୍ରୀଙ୍କ ସମେତ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିଲେ । ଅନାବଶ୍ୟକ ଭାବେ ଉଚ୍ଚ ଶବ୍ଦ ସୃଷ୍ଟି କରୁଥିବା ଏହି ସାଇଲେନ୍ସରଗୁଡ଼ିକୁ ହଟାଇବା ପାଇଁ ପୋଲିସ ପକ୍ଷରୁ ପଦକ୍ଷେପ ନିଆଯାଇଛି । ଭଦ୍ରକ ଟାଉନ ଥାନା ଅଧିକାରୀ ପ୍ରାଂଶୁ ମିଶ୍ରଙ୍କ ନେତୃତ୍ୱରେ ମୋଟ ୩୦୦ରୁ ଉର୍ଦ୍ଧ୍ୱ ମୋଡିଫାଏଡ୍ ସାଇଲେନ୍ସରକୁ ରୋଡ୍ ରୋଲର ଚଢ଼ାଇ ନଷ୍ଟ କରାଯାଇଥିବା ଜଣାପଡ଼ିଛି । ନଷ୍ଟ କରାଯାଇଥିବା ସାଇଲେନ୍ସରଗୁଡ଼ିକର ଆନୁମାନିକ ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଅଧିକ ବୋଲି ସୂଚନା ମିଳିଛି । ପୋଲିସର ଏହି ପଦକ୍ଷେପକୁ ନେଇ ସହରରେ ଆଲୋଚନା ଜୋର ଧରିଛି । ଗାଡ଼ିରେ ଅନୁମତିବିହୀନ ଭାବେ ମୋଡିଫାଏଡ୍ ସାଇଲେନ୍ସର ଲଗାଇ ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ଚାଳକଙ୍କ ପାଇଁ ଏହା ଏକ କଡ଼ା ବାର୍ତ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ସହରରେ ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଯାତାୟାତ ବ୍ୟବସ୍ଥା ସୁନିଶ୍ଚିତ କରିବା ସହ ଶବ୍ଦ ପ୍ରଦୂଷଣ ନିୟନ୍ତ୍ରଣ ଦିଗରେ ପୋଲିସର ଏଭଳି ପଦକ୍ଷେପ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି । ଶବ୍ଦ ପ୍ରଦୂଷଣ ରୋକିବା ଓ ନିୟମ ମାନି ଗାଡ଼ି ଚଳାଇବା ହିଁ ସଚେତନ ନାଗରିକଙ୍କ କର୍ତବ୍ୟ ବୋଲି କହିଛନ୍ତି ଥାନାଧିକାରୀ ଶ୍ରୀ ମିଶ୍ର ।



ସେଇଠୁ
ଆରମ୍ଭ
SEITHO ARAMBHA



ସୋମବାର, ୨୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳଙ୍କ ପ୍ରେସ୍ ବିବୃତି

ଜଗତସିଂହପୁର, ୨୫/୧୦ (ଆ.ପ୍ର) : ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାପାଳ ଜେ ସୋନାଲ ସଭାବନା ସଭାଗୃହରେ ଏକ ପ୍ରେସ୍ ବିବୃତି ଆଗତ କରିଥିଲେ । ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଆସନ୍ତା ୨୬ ଅକ୍ଟୋବର ରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ବାତ୍ୟାର ରୂପ ନେବା ସହ ସମୁଦ୍ର ମଧ୍ୟରେ ଗତି କରି ୨୭ ମଧ୍ୟରାତ୍ର କିମ୍ବା ୨୮ ତାରିଖ ସକାଳ ସୁଦ୍ଧା କାକିନାଡା ପାରେ ସ୍ଥଳଭାଗ ଛୁଇଁବ । ଏହାର ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଜିଲ୍ଲା ଗୁଡ଼ିକ ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ଅରେଞ୍ଜ ୱାର୍ନିଙ୍ଗ ସହ ବର୍ଷା ଏବଂ ଘଣ୍ଟା ପ୍ରତି ୫୦ କିମିରୁ ୬୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି ବୋଲି ଜିଲ୍ଲାପାଳ କହିଥିଲେ । ଜିଲ୍ଲାର ଉପକୂଳବର୍ତ୍ତୀ ବାତ୍ୟା ପ୍ରବଣ ଅଂଚଳ ଯେପରି ବାଲିକୁଦା, ଏରସମା ଓ କୁଜଙ୍ଗ ବ୍ଲକର ବିଭିନ୍ନ ଅଂଚଳରେ କଚ୍ଚା ଘରେ ରହୁଥିବା ଲୋକ, ତଳିଆ ଅଂଚଳ, ଜଳମଗ୍ନ ହେବାର ଆଶଙ୍କା ଥିବା ଅଂଚଳ, ବିସ୍ଥାପିତ ଶ୍ରମଜୀବୀ ଆଦି ମାନଙ୍କୁ ନିରାପଦ ଆଶ୍ରୟ ସ୍ଥଳୀକୁ ସ୍ଥାନାନ୍ତର କରିବା ପାଇଁ ଯୋଜନା ପ୍ରସ୍ତୁତ ସରିଛି । ଏ ନେଇ ଆଜି ପୂର୍ବାହ୍ନରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ,ସମସ୍ତ ଲାଇନ୍ ବିଭାଗ, ବିଡ଼ିଓ, ତହସିଲଦାରଙ୍କ ସମେତ ବରିଷ୍ଠ ଅଧିକାରୀଙ୍କ ସହ ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି । ଜିଲ୍ଲା ପ୍ରଶାସନ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ଅଛି ଓ ସମସ୍ତ ବିଭାଗୀୟ ଅଧିକାରୀ ମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ କରୁଛନ୍ତି । ବର୍ତ୍ତମାନର ପରିସ୍ଥିତ ଓ ସୂଚନା ଅନୁଯାୟୀ ଜିଲ୍ଲା ପ୍ରତି ସେପରି କିଛି ବିପଦ ନାହିଁ ବୋଲି ଜିଲ୍ଲାପାଳ ସୂଚନା ଦେବା ସହ ଜନସାଧାରଣଙ୍କୁ ଏଥିପାଇଁ ଭୟଭୀତ ନ ହେବାକୁ କହିଥିଲେ । ଏଥିପାଇଁ ପ୍ରଶାସନ ପକ୍ଷରୁ ମାଇକିଂ ସହ ସମସ୍ତ କ୍ଷେତ୍ରୀୟ ଅଧିକାରୀ ମାନଙ୍କ ଦ୍ୱାରା, ଗଣମାଧ୍ୟମ ତଥା ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ଲୋକମାନଙ୍କୁ ସତର୍କ ସୂଚନା ପ୍ରଦାନ କାରାଯିବ । ସେହିପରି କ୍ଷେତ୍ରୀୟ କୃଷି ଅଧିକାରୀ ମାନେ ବ୍ଲକ୍ ତଥା ପଂଚାୟତ ସ୍ତରରେ ଲୋକମାନଙ୍କୁ ସଚେତନ କରାଇବେ । ଜିଲ୍ଲାର ୪୫ଟି ଆଶ୍ରୟ ସ୍ଥଳୀରେ ଆବଶ୍ୟକ ସ୍ଥଳେ ଲୋକମାନଙ୍କୁ ସ୍ଥାନାନ୍ତରିତ କାରାଯିବ । ଜଳ ମଗ୍ନ ଅଂଚଳରୁ ଜଳ ନିଷ୍କାସନ ପାଇଁ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ପ୍ରସ୍ତୁତ ଅଛନ୍ତି । ସ୍ୱାସ୍ଥ୍ୟ କେନ୍ଦ୍ରରେ ଆବଶ୍ୟକୀୟ ଔଷଧ ମହଜୁଦ ରଖାଯାଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବେ ଓ ସଠିକ୍ ପଦକ୍ଷେପ ନେବେ ବୋଲି ସେ କହିଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ୍ ଓ ତହସିଲ ରେ ୨୪ ଘଂଟିଆ କଂଟ୍ରୋଲ ରୁମ୍ ରହିଛି ଓ ଜରୁରୀ କ୍ଷେତ୍ରରେ ଜନସାଧାରଣଙ୍କୁ ଯୋଗାଯୋଗ କରିବା ପାଇଁ ସେ କହିଥିଲେ । ଜିଲ୍ଲା ଜରୁରକାଳୀନ ବିଭାଗ କଂଟ୍ରୋଲ ରୁମ୍ ନମ୍ବର ୨୨୦୩୬୮ ରେ



ଆବଶ୍ୟକ ସ୍ଥଳେ ଯୋଗାଯୋଗ କରିପାରିବେ । ବଜାରରେ ଆବଶ୍ୟକୀୟ ସାମଗ୍ରୀର ଦର ବୃଦ୍ଧି ଉପରେ ମଧ୍ୟ ନଜର ରଖାଯାଇଛି ଓ ଜିଲ୍ଲା ଯୋଗାଣ ଅଧିକାରୀ ଓଏମଆଇମାନେ ନିଜେ ଯାଇ ତାର ଯାଂଚ କରୁଛନ୍ତି । ମତ୍ସ୍ୟ ଜିବୀ ମାନଙ୍କୁ ସମୁଦ୍ର ଭିତରକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି ଓ ଯେଉଁମାନେ ସମୁଦ୍ର ମଧ୍ୟକୁ ଯାଇଛନ୍ତି ଆଜି ସଂଧ୍ୟା ସୁଦ୍ଧା ଫେରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗର୍ଭବତୀ ମହିଳା, ଯେଉଁମାନଙ୍କର ଆସନ୍ତା ୩ ସପ୍ତାହ ମଧ୍ୟରେ ପ୍ରସବ ଡେଟ୍ ଅଛି, ସେମାନଙ୍କୁ ଚିହ୍ନଟ କରି ତୁରନ୍ତ ନିରାପଦ ଆଶ୍ରୟ ସ୍ଥଳୀ କୁ ସ୍ଥାନାନ୍ତର କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଆଶ୍ରୟ ସ୍ଥଳୀର ଲାଇଟ୍, ଶୌଚାଳୟ ଓ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ରଖାଯାଇଛି ଓ ତଦାରଖ ମଧ୍ୟ କରାଯାଉଛି । ଏଥିସହିତ ଶୁଖିଲା ଖାଦ୍ୟ, ଛତୁଆ, ଗୋଖାଦ୍ୟ ଏବଂ ଆବଶ୍ୟକ ସ୍ଥଳେ ରନ୍ଧା ଖାଦ୍ୟ ଯୋଗାଇ ଦେବାକୁ ପ୍ରଶାସନ ପ୍ରସ୍ତୁତ ରହିଛି । ଜିଲ୍ଲାର ବିଭିନ୍ନ ଆଶ୍ରୟ ସ୍ଥଳ ପରିଦର୍ଶନ କରି ଅତ୍ୟାବଶ୍ୟକୀୟ ସେବା ସୁବ୍ୟବସ୍ଥିତ କରିବା ପାଇଁ ସଂପୃକ୍ତ ବିଡିଓ ତହସିଲଦାର ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥି ସହିତ ଦୁର୍ଗାପୂଜା ସମୟରେ ବିଭିନ୍ନ ପୂଜା କମିଟି ପକ୍ଷରୁ ଆୟୋଜିତ ଅସ୍ଥାୟୀ ତୋରଣ ଓ ପୂଜା ମଣ୍ଡପ ଗୁଡ଼ିକୁ ଆସନ୍ତା ୨୫ ତାରିଖ ସୁଦ୍ଧା ଖୋଲିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବାସହ ଉପ ଜିଲ୍ଲାପାଳ ଓ ସଂପୃକ୍ତ ଅଂଚଳର ତହସିଲଦାର ଓ ପୌର ନିର୍ବାହୀ ଅଧିକାରୀ ମାନଙ୍କୁ ଏହାର ସୁନିଶ୍ଚିତତା ତଦାରଖ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ବାତ୍ୟା ପ୍ରବଣ ଅଂଚଳ ଗୁଡିକରେ ଥିବା ଆଶ୍ରୟ ସ୍ଥଳୀକୁ ଯୋଗାଯୋଗ କରୁଥିବା ରାସ୍ତାର ତ୍ୱରିତ ମରାମତି, ଭଗ୍ନ ବା ଭଗ୍ନ ସଦୃଶ ଇଲେକ୍ଟ୍ରିକ ଖୁଂଟିକୁ ଅପସୃତ କରିବା, ଆବଶ୍ୟକ ସ୍ଥଳେ ଗଛ ବା ଡାଳ କାଟିବା, ଡ୍ରେନ ସଫା, ଔଷଧ , ଓ ଆର ଏସ, ସାପ କାମୁଡ଼ା ପାଇଁ ଆଂଟୀ ଭେନମ, ରାପିଡ ରେସ୍କ୍ୟୁ ଟିମ୍,ସାନିଟାରୀ ନ୍ୟାପକିନ୍, ଆମ୍ବୁଲାନ୍ସ ,ପଲିଥିନ, ପାନୀୟ ଜଳ, ଶୁଖିଲା ଖାଦ୍ୟ, ଆସ୍କା ଲାଇଟ୍, ଗାଡି ପାଇଁ ଫୁଏଲ ଆଦି ଯଥେଷ୍ଟ ମାତ୍ରାରେ ମହଜୁଦ୍ ରଖିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ପ୍ରକାଶ ଥାଉ କି, ଜିଲ୍ଲାରେ ୨୬ ରୁ ୨୯ ତାରିଖ ପର୍ଯ୍ୟନ୍ତ ବାତ୍ୟାର ପ୍ରଭାବ ଦ୍ୱାରା ବର୍ଷା ଓ ପବନ ବହିବାର ସମ୍ଭାବନା ଥିବାବେଳେ ବାତ୍ୟା ପରବର୍ତ୍ତୀ ସମୟରେ ଉପର ମୁଣ୍ଡରେ ପ୍ରବଳ ବର୍ଷା ର ସମ୍ଭାବନା ଯୋଗୁଁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ଜିଲ୍ଲାପାଳ କହିଛନ୍ତି । ସେଥିପାଇଁ ଜିଲ୍ଲା ପ୍ରଶାସନ ସଜାଗ ରହିଛି ବୋଲି ସେ କହିଥିଲେ । ଏହି ପ୍ରେସ ବିବୃତି ରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଡେପୁଟି କଲେକ୍ଟର ଏମର୍ଜେନ୍ସି, ଏସ ଡି ପି ଓ,ଜଗତସିଂହପୁର, ଡି ଏସ ପି ଡି ଆଇ ବି, ଆଇଆଇ ସି, ଜଗତସିଂହପୁରଙ୍କ ସମେତ ସମସ୍ତ ପ୍ରିଂଟ ଓ ଇଲେକ୍ଟ୍ରୋନିକ ମିଡ଼ିଆର ପ୍ରତିନିଧି ଉପସ୍ଥିତ ଥିଲେ । ଏଥିସହିତ ସମସ୍ତ ଜିଲ୍ଲାବାସୀଙ୍କୁ ଭୟଭୀତ ନ ହୋଇ, ଗୁଜବରେ ଶିକାର ନହୋଇ, ସତ୍ୟାସତ୍ୟ ଅନୁସନ୍ଧାନ ସହ ପ୍ରଶାସନକୁ ସହଯୋଗ କରିବା ପାଇଁ ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

ଜିଲ୍ଲା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ହେଲା ମୁନିଗୁଡା ମିଡ଼ିଆ ମଂଚ



ରାୟଗଡା, ୨୫/୧୦ (ଆ.ପ୍ର) : ଆଂଚଳିକ ସାମ୍ବାଦିକତାକୁ ଅଧିକ ସଂଗଠିତ ଏବଂ ଶକ୍ତିଶାଳୀ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ସ୍ଥାନୀୟ ଅଂଚଳର ଅଗ୍ରଣୀ ସାମ୍ବାଦିକ ସଂଗଠନ 'ମୁନିଗୁଡା ମିଡ଼ିଆ ମଂଚ' ଆନୁଷ୍ଠାନିକ ଭାବେ ରାୟଗଡ଼ା ଜିଲ୍ଲା ସାମ୍ବାଦିକ ସଂଘ ସହ ଅନୁବନ୍ଧିତ ହୋଇଛି । ଏହି ମିଶ୍ରଣ ଫଳରେ ଆଗାମୀ ଦିନରେ ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧିମାନଙ୍କ ମଧ୍ୟରେ ଏକତା ବୃଦ୍ଧି ପାଇବା ସହ ସାମ୍ବାଦିକମାନଙ୍କ ସ୍ୱର ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି । ମୁନିଗୁଡା ମିଡ଼ିଆ ମଂଚର ସମସ୍ତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ ଜିଲ୍ଲା ସାମ୍ବାଦିକ ସଂଘର କାର୍ଯ୍ୟକାରୀ ସଭାପତି ଶ୍ୟାମ କୁମାର ଦାଶ । ସମସ୍ତ ସଭ୍ୟଙ୍କୁ ପୁଷ୍ପ ଦେଇ ସମ୍ବର୍ଦ୍ଧିତ କରିଥିଲେ ସଂଘର ଯୁବ ସାମ୍ବାଦିକ ତପନ କାହ୍ନାରା ଓ ଦୀପକ ରେଡ୍ଡୀପୁ । ମଂଚର ସଭାପତି ଦେବେନ୍ଦ୍ର ନାୟକଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ଏମ୍ ବିଦ୍ୟାସାଗର । ମିଳିଥିବା ସୂଚନା ମୁତାବକ, ଗତ ରବିବାର ଦିନ ରାୟଗଡା ସହର ସ୍ଥିତ ହୋଟେଲ କୈଳାଶରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ବୈଠକରେ ଉଭୟ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ନିଷ୍ପତି ନିଆଯାଇଥିଲା । ମୁନିଗୁଡା ମିଡ଼ିଆ ମଂଚର ସମସ୍ତ ସଦସ୍ୟ ଏଣିକି ଜିଲ୍ଲା ସାମ୍ବାଦିକ ସଂଘର ସହଭାଗୀ ଭାବେ କାର୍ଯ୍ୟ କରିବେ । ଏହି ଅବସରରେ ବରିଷ୍ଠ ସାମ୍ବାଦିକମାନେ ମତବ୍ୟକ୍ତ କରିଛନ୍ତି ଯେ, ଏହି ମିଶ୍ରଣ ଦ୍ୱାରା ମୁନିଗୁଡା ଅଂଚଳର କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କ ସୁରକ୍ଷା, ଅଧିକାର ଓ ସ୍ୱାର୍ଥ ରକ୍ଷା ପାଇଁ ଏକ ସୁଦୃଢ଼ ମଂଚ ମିଳିପାରିବ । ଏହାସହିତ ଗ୍ରାମାଂଚଳର ବିଭିନ୍ନ ସାମାଜିକ ସମସ୍ୟା, ସାଧାରଣ ଲୋକଙ୍କ ସୁଖ-ଦୁଃଖ ଏବଂ ଆଂଚଳିକ ବିକାଶମୂଳକ ଖବରଗୁଡ଼ିକୁ ପ୍ରଶାସନ ନିକଟରେ ଅଧିକ ପ୍ରଭାବଶାଳୀ ଭାବେ ପହଂଚାଯାଇପାରିବ । ସାମ୍ବାଦିକମାନଙ୍କର ଏହି ଏକତାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ସ୍ୱାଗତ କରିଛନ୍ତି । ସାମ୍ବାଦିକ ସଂଘ ଗୁଡ଼ିକ ଏକତ୍ର ହୋଇ ଲୋକଙ୍କ ସ୍ୱର ହୋଇ କାର୍ଯ୍ୟ କରିବା ଉପରେ ମତ ପ୍ରକାଶ ପାଇଥିଲା । ଯେପରି ପୂର୍ବ ଜର୍ମାନୀ ଓ ପଶ୍ଚିମ ଜର୍ମାନୀ ତାଙ୍କର ବିଶାଳ ପାଚେରୀ ଭାଙ୍ଗି ଏକତ୍ର ହୋଇ ଜର୍ମାନୀ ରୂପେ ପରିଚିତ ହେଲେ ଓ ବିଶ୍ୱର ଏକ ଶକ୍ତିଶାଳୀ ଦେଶ ରୂପେ ଉଭା ହେଲେ, ସେହିପରି ସାମ୍ବାଦିକ ସଂଘ ଗୁଡ଼ିକ ମଧ୍ୟ ଏକତ୍ର ହେଲେ ସଂଗଠନ ଶକ୍ତ ରେ ହେବ ଓ ସମାଜ ସୁଦୃଢ଼ ହେବ ବୋଲି ମତ ପ୍ରକାଶ ପାଇଥିଲା । କୃତ୍ରିମ ବୁଦ୍ଧିମତା କୁ ବିଶେଷଭାବେ ବ୍ୟବହାର କରି ବିଶ୍ଳେଷଣାତ୍ମକ ସମ୍ବାଦ ପରିବେଷଣ କରିବା ସାମ୍ପ୍ରତିକ ପରିସ୍ଥିତିର ଆହ୍ୱାନ ବୋଲି କରିଥିଲେ ସଭାର ଅଧକ୍ଷ ଡଃ ବାଦଲ କୁମାର ତା । ନିଜ ସ୍ୱାର୍ଥ ପାଇଁ ସଂଘକୁ କଦାପି ବ୍ୟବହାର କରିବା ଉଚିତ ନୁହେଁ ବୋଲି କହିଥିଲେ ବରିଷ୍ଠ ସାମ୍ବାଦିକ ଦୀପକ କୁମାର ପୃଷ୍ଟି । ପ୍ରସାଦ ଲିମା ତାଙ୍କର ଅଭିଭାଷଣ ରଖିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅନୁବନ୍ଧନ ପର୍ବରେ ରାମ ପ୍ରକାଶ କରକରିଆ, ହାଡ଼ିପା ଗୌଡ଼, କୃଷ ପାତ୍ରୀ, ରମାକାନ୍ତ ପୋଡ଼ାଳ, ଅରୁଣ କୁମାର ସାହୁ, ସୁରେନ୍ଦ୍ର ଗୌଡ଼, ଜିତେନ୍ଦ୍ର ପାତ୍ରୀ, ମନୋଜ କୁମାର ଜେନା, ନିତ୍ୟାନନ୍ଦ ବୈଷ୍ଣବ, ନରୋତ୍ତମ ପାତ୍ରୀ, ମହେଶ ବହରା, ଶଙ୍କର କୌଶଲ୍ୟା, କୈଳାଶ ସ୍ୱାଇଁ, ଲଳିତ ନାଗ, ଅଜୟ ରଥ, ଅଜିତ ଗୌଡ଼, ଉମାକାନ୍ତ ନେମାଳପୁରୀ, ଲକ୍ଷ୍ମୀକାନ୍ତ ବେହେରା, କୃପାସିନ୍ଧୁ କୋସଲିଆ, ଭଗବାନ କରକରିଆ, ଦୟାନିଧି ସାହୁ ଓ ଅନ୍ୟାନ୍ୟ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ ।

ପାଟଖଲିଆ ଠାରେ ମା' ଗଜଲକ୍ଷ୍ମୀ ପୂଜା କଳସ ଯାତ୍ରା



ଚନ୍ଦାହାଣ୍ଡି, ୨୫/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ପାଟଖଲିଆ ଗ୍ରାମ ଠାରେ ୨୭ ତମ ମାଁ ଗଜଲକ୍ଷ୍ମୀ ପୂଜାର କଳସ ଯାତ୍ରା ବା ଅଧିବାସ କାର୍ଯ୍ୟକ୍ରମ ଅତି ଆନନ୍ଦ ଉଲ୍ଲାସର ବାଜା, ବାଇଦ, ଘଂଟ, ହୁଳହୁଳି ଦେଇ ଗ୍ରାମର ଶତାଧିକ ମହିଳାମାନେ ମୁଣ୍ଡରେ କଳସି ବୋହି ପାଟେନ ନଦୀକୁ ଯାଇ ପୁରୋହିତ ସିମାଂଚଳ ରଥଙ୍କ ଦ୍ୱାରା ମା ଗଙ୍ଗାଙ୍କୁ ଆହ୍ୱାନ କରି ଜଳକୁ ପୂଜାର୍ଚ୍ଚନା କରି କଳସିରେ ଜଳ ପୂର୍ଣ୍ଣ କରି ନଦୀ ଘାଟରୁ ଆଣି ମାଁ ଗଜଲକ୍ଷ୍ମୀଙ୍କ ପୂଜା ସ୍ଥଳେ ସ୍ଥାପନା କରିଥିଲେ । ତା ୨୫, ୧୦, ୨୦୨୬ ରିଖ ରବିବାର ଠାରୁ ତା ୦୧, ୧୧, ୨୬ ରିଖ ରବିବାର ପର୍ଯ୍ୟନ୍ତ ପୂଜା ଅନୁଷ୍ଠିତ ହେବ ଓ ଶ୍ରଦ୍ଧାଳୁ ମାନଙ୍କ ପାଇଁ ପ୍ରତେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ପୂଜା କମିଟି ତରଫରୁ ସୂଚନା ମିଳିଛି । ଏହି ଗଜଲକ୍ଷ୍ମୀ ପୂଜାକୁ କେମିତି ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ ହେବ ସେ ବାବଦକୁ ନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ପୂଜାରେ ଶିବସ ପଣ୍ଡା ଓ ତାଙ୍କ ଧର୍ମପତ୍ନୀ ସବିତା ପଣ୍ଡା କର୍ତ୍ତା ଦାୟିତ୍ୱରେ ଥିବାବେଳେ ସହଯୋଗୀ ପୁରୁହିତ ଗଣେଶ୍ୱର ଦାଶ, ଅଶୋକ ତିୱାରୀ ଦାୟିତ୍ୱ ତୁଲାଉଛନ୍ତି । ହରି ପୂଜାରୀ, ଶ୍ୟାମସୁନ୍ଦର ନେତାମ, ଉଗ୍ରେସନ ପୂଜାରୀ, କାର୍ତ୍ତିକ ଡ଼ଙ୍ଗରି, ଗୌରହରି ନେତାମ, ତ୍ରିନାଥ ଡ଼ଙ୍ଗରି, ପ୍ରଦୀପ ଦାଶ, ସନ୍ତୋଷ କୁମାର ଦାଶ,ନଳିନ ଡ଼ଙ୍ଗରି, ଘନଶ୍ୟାମ ଦାଶ, ଟିକମ ଡ଼ଙ୍ଗରି, ସହଦେବ ସୁନା, ବିଜୟ ପାରି, ଅଭିରାମ ବଗର୍ତ୍ତୀ,ଦାମୁ ନାଗେଶ, ଗୋଇନ୍ଦୁ ନାଗେଶ, ରଘୁନାଥ ନେତାମ, ବୈଦ୍ଦୁ ଗୋପାଳ, ଜୟରାମ ନେତାମ, ଭକ୍ତରାମ ନେତାମ, କୈବଲ୍ୟ ନାଗେଶ, ସହିତ ସମସ୍ତ ପାଟଖଲିଆ ଗ୍ରାମବାସୀମାନେ ସହଯୋଗ ଓ ପରିଚାଳନା କରୁଛନ୍ତି ।

ପ୍ରଗତି ମହିଳା ସଙ୍ଗଠନ ପକ୍ଷରୁ କୁମାରୋତ୍ସବ ପାଳିତ

ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ପ୍ରଗତି ମହିଳା ସଙ୍ଗଠନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ସ୍ଥାନୀୟ ୟୁଟେକ୍ କମ୍ପ୍ୟୁଟର ପରିସରରେ 'କୁମାରୋତ୍ସବ' -୨୬ ଯଥା ରୀତିରେ ପାଳନ ହୋଇଯାଇଛି । ଏଥିରେ ବିଭିନ୍ନ ଅନୁଷ୍ଠାନ ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ଅନେକ ଅଭିଭାବକ, ଗୃହିଣୀ ଯୋଗ ଦାନ କରିଥିଲେ । ସଭ୍ୟତା ଯେତେ ବିକଶିତ ହେଲେ ମଧ୍ୟ ଆମ ପ୍ରାଚୀନ ସଂସ୍କୃତି ଓ ପରମ୍ପରା



ଅତୀବ ଜରୁରୀ ଏବଂ ଆଜି ମଧ୍ୟ ଗ୍ରହଣୀୟ, ବରଣୀୟ ବୋଲି ଉପସ୍ଥିତ ଅତିଥିଗଣ କହିଥିଲେ । ଅନୁଷ୍ଠାନର ଉପଦେଷ୍ଟା ଚିତ୍ରାନନ୍ଦ ବେବର୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଉପ କାରାଗାର ଅଧିକ୍ଷକ କାମାକ୍ଷୀ ପ୍ରସାଦ ପତି, ମୁଖ୍ୟବକ୍ତା ଭାବେ ବିନୋଦିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ମନୋଜକୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ଅତ୍ରତନ ଚଇନି ଓ ହରିମୋହନ ପଟ୍ଟନାୟକ ଯୋଗ ଦେଇଥିଲେ । ଅନୁଷ୍ଠାନର ସଭାପତି ଲୋକନାଥ ମିଶ୍ର କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତା କରିଥିଲେ ଏବଂ ସମ୍ପାଦିକା ତନୁଜା ଶତପଥୀ ବିବରଣୀ ପାଠ କରିଥିଲେ । ସ୍ୱାଗତ ସମ୍ଭାଷଣ ଶୁଭଶ୍ରୀଭକ୍ତା , ପରିଚୟ ପ୍ରଦାନ ପାୟଲ ପାତ୍ର ଏବଂ ତ୍ରିପତି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ବିଜୟନୀଙ୍କୁ ପ୍ରମାଣପତ୍ର ଏବଂ ପୁରସ୍କାର ପ୍ରଦାନ କରାଯାଇଥିଲା । ସମାଜରେ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତସ୍ଲିନ୍ ଶେଖଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା ।

ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ପାତ୍ରପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ



ପାତ୍ରପୁର, ୨୫/୧୦ (ଆ.ପ୍ର) : ଗଞ୍ଜାମ ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ସହ ଧନଜୀବନର ସୁରକ୍ଷା ନିମନ୍ତେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ପାତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଏକ ବାତ୍ୟା ପରିଚାଳନା ସମନ୍ୱୟ ଓ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ କୁମାର ପଟ୍ଟନାୟକ ଓ ଲଳିତା ପ୍ରଧାନ ପ୍ରମୁଖ ମଂଚାସୀନ ରହି ସମ୍ଭାବ୍ୟ ବାତ୍ୟା ପରିସ୍ଥିତିର ମୁକାବିଲା, ପ୍ରଶାସନିକ ପ୍ରସ୍ତୁତି ଓ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା ନେଇ ଆଲୋଚନା କରିଥିଲେ । ବିଏସଏସଓ ସ୍ନେହାଶିଷ ପଟ୍ଟନାୟକ ମଂଚ ପରିଚାଳନା କରିଥିଲେ । ବାତ୍ୟା ସମୟରେ ଲୋକଙ୍କ ଜୀବନର ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବା ସହ କଚ୍ଚାଘରେ ରହୁଥିବା ପରିବାର ଏବଂ ଦୁର୍ଗମ ଅଂଚଳରେ ବସବାସ କରୁଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରିବା ଉପରେ ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ଜରୁରୀ ପରିସ୍ଥିତିରେ ଯେପରି ଲୋକଙ୍କୁ ତୁରନ୍ତ ସହାୟତା ମିଳିପାରିବ, ସେଥିପାଇଁ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ସମନ୍ୱୟ ରଖିବାର ଆବଶ୍ୟକତା ଉପରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ବାତ୍ୟା ମୁକାବିଲା ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ । ସମ୍ଭାବ୍ୟ ବିପର୍ଯ୍ୟୟ ସମୟରେ ପ୍ରଶାସନ ସହ ଜନସାଧାରଣଙ୍କ ସହଯୋଗ ଓ ସଚେତନତା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା । ବୈଠକରେ ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦିଗହରା ; ଯୋଗ୍ୟ ପାଉନାହାଁନ୍ତି ଅଯୋଗ୍ୟଙ୍କ ନାମ ତାଲିକାରେ



ନିଶ୍ଚିନ୍ତକୋଇଲି, ୨୫/୧୦ (ଆ.ପ୍ର) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ଗରିବ, ଖଟିଖିଆ, ମୂଲିଆ ଶ୍ରେଣୀର ପରିବାରଙ୍କୁ ପକ୍କାଘରେ ରହିବା ପାଇଁ ସମସ୍ତ ବ୍ୟବସ୍ଥା କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାରୀ ହେଉଛି । ହେଲେ ଏହି ବ୍ଲକ ଅଧିନସ୍ଥ ଜିଗ୍ନିପୁର ପଂଚାୟତରେ ଏହାର ଏକ ବଡ ବ୍ୟତିକ୍ରମ ଦେଖାଯାଇଛି । ଏହି ପଂଚାୟତର ୫ ନଂ ୱାର୍ଡର ବାସିନ୍ଦା ସ୍ୱର୍ଗତ ଧନେଶ୍ୱର ବେହେରାଙ୍କ ଏକ ପୁରୁଣା ମାଟି କାନ୍ଥ ଚାଳ ଛପର ଘରେ ୩ ପୁଅ ରହିଛନ୍ତି । ଏହି ତିନି ପୁଅଙ୍କ ପରିବାର ଦିନ ମଜୁରୀଆ ଅଟନ୍ତି । ପ୍ରତ୍ୟେକ ଦିନ ମୂଲପାତି ଲାଗିଲେ ନିଜ ପରିବାର ଚଳିଥାଏ । ଯେତିକି ରୋଜଗାର ହୁଏ ସେଥିରେ ପରିବାର ଚଳିବା କଷ୍ଟକର ହେଉଥିଲା ବେଳେ ଘର ଖଣ୍ଡିଏ କରିବା ପାଇଁ ଅର୍ଥ ନଥିବାରୁ ଏକ ଭଙ୍ଗା ଦଦରା ଚାଳ ଛପର ଘରେ ତିନି ଭାଇ ବସବାସ କରୁଥିବା ଜଣାଯାଇଛି । ବଡଭାଇ କୈଳାସ ବେହେରାଙ୍କୁ ଗତ ସରକାରଙ୍କ ଅମଳରେ ଗୋଟିଏ ପକ୍କାଘର ମିଳିଥିବା ବେଳେ ଅନ୍ୟ ଦୁଇ ଭାଇ ପୁଷ୍ପ ବେହେରା ଓ ରମେଶ ବେହେରାଙ୍କୁ ଅଦ୍ୟାବଧି ପକ୍କାଘର ଯୋଜନାରେ ସାମିଲ କରାଯାଇନାହିଁ । ଯାହାଦ୍ୱାରା ଏହି ଦୁଇ ଭାଇଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଏହି ଭଙ୍ଗା ଦଦରା କଚ୍ଚା ଚାଳ ଘରେ ବସବାସ କରୁଛନ୍ତି । ଏବେ ଘରର କାନ୍ଥ ଗୁଡ଼ିକ ଫାଟି ଆଁ କରିଥିବା ବେଳେ ଚାଳ ଛପର ଉଡି ଯିବାରୁ ଏହା ଉପରେ ପାଲ ଟାଣି ରହୁଥିବା ଦେଖାଯାଇଛି । ଟିକିଏ ବର୍ଷା ପବନ ହେଲେ ଏହି ଘର ଭିତରେ ରହିବା ଜୀବନ ପ୍ରତି ବିପଦ ରହିଥିଲେ ମଧ୍ୟ ବାଧ୍ୟ ହୋଇ ଏହି ଦୁଇ ପରିବାର ଏଥିରେ ମୁଣ୍ଡ ଗୁଞ୍ଜିଥାଆନ୍ତି । ସରକାରଙ୍କ ପକ୍ଷରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏବେ ନୂତନ ପକ୍କାଘର ଯୋଗାଇ ଦେବା ପାଇଁ ତଦନ୍ତ କରାଯାଇ ତାଲିକା ପ୍ରକାଶ ପାଇଥିବା ବେଳେ ଏହି ଦୁଇ ଭାଇଙ୍କର ନାମ ଉକ୍ତ ତାଲିକାରେ ନଥିବାରୁ ସେମାନେ ଅତ୍ୟନ୍ତ ନିରାଶ ହୋଇ ପଡିଛନ୍ତି । ଉକ୍ତ ଦୁଇ ପରିବାର ପକ୍କାଘର ପାଇବା ପାଇଁ ଯୋଗ୍ୟ ବିବେଚିତ ରହିଥିଲେ ମଧ୍ୟ କ'ଣ ପାଇଁ ସେମାନଙ୍କୁ ଏହି ତାଲିକାରୁ ବାଦ୍ ଦିଆଯାଇଛି ସେ ନେଇ ସ୍ଥାନୀୟ ଗ୍ରାମବାସୀମାନେ ପ୍ରଶ୍ନ ଉଠାଇଛନ୍ତି । ଏହି ପଂଚାୟତରେ ବହୁ ଧନୀଶ୍ରେଣୀର ପରିବାର କୋଠାଘର ଥାଇ ମଧ୍ୟ ପ୍ରଧାନମନ୍ତ୍ରୀ ଆବାସ ପାଇବା ପାଇଁ ତାଲିକାରେ ନାଁ ଥିଲା ବେଳେ ଏଭଳି ଦିନ ମଜୁରୀଆଙ୍କ ପରିବାର ନାଁ ତାଲିକାରେ ନଥିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ । ଯଥାଶୀଘ୍ର ପୁନର୍ବାର ତଦନ୍ତ କରାଯାଇ ଉକ୍ତ ଦୁଇ ପରିବାରକୁ ପକ୍କାଘର ଯୋଜନାରେ ସାମିଲ କରିବା ନିମନ୍ତେ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି ।

ଗଣତନ୍ତ୍ରକୁ ବିପଦରେ ପକାଇଛନ୍ତି ଜ୍ଞାନେଶ: ରୋହିତାସ ବୋସୋୟା କଂଗ୍ରେସର ସାମ୍ବାଦିକ ଓ କର୍ମୀ ସମ୍ମିଳନୀ



ଭଦ୍ରକ, ୨୫/୧୦ (ଆ.ପ୍ର) : ଭାରତର ଗଣତନ୍ତ୍ରକୁ ବିପଦରେ ପକାଇଥିବା ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଇସାରାରେ କାର୍ଯ୍ୟ କରୁଥିବା ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାର ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ଭଦ୍ରକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ପର୍ଯ୍ୟବେକ୍ଷକ ରୋହିତାସ ବୋସୋୟା କହିଛନ୍ତି । ସେ ଆହୁରି ମଧ୍ୟ କହିଥିଲେ ଯେ, ଅବୈଧ ଏସଆଇଆର ବାତିଲ, କଟିଥିବା ସମସ୍ତ ଭୋଟରଙ୍କ ନାମ ତୁରନ୍ତ ଯୋଡ଼ିବା, ପୂର୍ବଭଳି ନିୟମିତ ବ୍ୟବଧାନରେ ଭୋଟର ତାଲିକା ସଂଶୋଧନ, ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତି ସମ୍ପର୍କିତ ଆଇନ ବାତିଲ, ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଓ ସ୍ୱାୟତତା ସୁନିଶ୍ଚିତ କରିବା ଉଚିତ । ଆନୁପାତିକ ପ୍ରତିନିଧିତ୍ୱ ବ୍ୟବସ୍ଥା ପ୍ରଚଳନ, ନିର୍ବାଚନରେ ଅର୍ଥ ଓ ବାହୁବଳର ପ୍ରଭାବ ହ୍ରାସ, ନିର୍ବାଚନ ପାଇଁ ସରକାରୀ ପାଣ୍ଠିରୁ ଆର୍ଥିକ ସହାୟତାକୁ ପ୍ରାଥମିକତା ଦେବାକୁ ଶ୍ରୀ ବୋସୋୟା ଦାବି କରିଥିଲେ । ବିଶେଷକରି ମୁଖ୍ୟ ନିର୍ବାଚନ କମିଶନ ଜ୍ଞାନେଶ କୁମାରଙ୍କ ବିବାଦୀୟ କାର୍ଯ୍ୟ ପାଇଁ ଆଜି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତରେ ଏହି ପରମ୍ପରା ବିପଦରେ । କେହି ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । କେହି ବି ଜାଣିନାହାନ୍ତି ସେମାନଙ୍କ ନାମ ଭୋଟର ତାଲିକାରେ ଥିବ କି ନାହିଁ । ତେଣୁ ଭୋଟର ତାଲିକା ସଂଶୋଧନ ଓ ଏସଆଇଆରରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଜରୁରୀ ବୋଲି ସେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବୋଧନ କରି କହିଥିଲେ । ପିସିସି ଉପସଭାପତି ତଥା ଭଦ୍ରକ ଲୋକସଭା ପ୍ରଭାରୀ ଜିଆ ଉଲ ହକ୍, ପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ମାନସ ଆଚାର୍ଯ୍ୟ, ପିସିସି ସମ୍ପାଦକ ମହେନ୍ଦ୍ର ଦାସ, ରଞ୍ଜିତା ହେମ୍ବ୍ରମ, ଦେବାଶିଷ ମହାପାତ୍ର, ଶୁଭଶ୍ରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରର ସୁରକ୍ଷା ପାଇଁ ସମ୍ମିଳିତ ସଂଗ୍ରାମର ଆବଶ୍ୟକତା ରହିଛି ବୋଲି କହିଥିଲେ । ଏହି ଅବସରରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ ସମ୍ବିଧାନର ଅନୁଚ୍ଛେଦ ୩୨୬ ପାଠ କରିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା । ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ଦେବରୂପ ମହାନ୍ତି, ଗୋଲକ ଚନ୍ଦ୍ର ବେହେରା, ଅବଦୁଲ ମୋଜିତ ଖାନ, ଦିଗମ୍ବର ଦାସ, ପିତବାସ ଧଳ, ପ୍ରଦ୍ୟୁମ୍ନ କୁମାର ଦାସ, ରାଜେନ୍ଦ୍ର ପ୍ରସାଦ ଯେନା, ଅଭିଷେକ ରାଉତ, ରଜନୀକାନ୍ତ ଚାନ୍ଦ, ଅଜୟ ସାହୁ, ନିରଞ୍ଜନ ପଲେଇ, ଯୁବସଭାପତି ବଳରାମ ରାଉତ, ବିଜୟ ବାରିକ, ସନ୍ଦୀପ ଜେନା, ରାମକିଶୋର ପଣ୍ଡା, ଦେବବ୍ରତ ମହାନ୍ତି, ଭରତ ତ୍ରିପାଠୀ, ସରୋଜ ଦାସ, ସରୋଜ ନାୟକ, ସୁବାଶିଷ ମଲ୍ଲିକ, ଉମେଶ ଚନ୍ଦ୍ର ନାୟକ, ଶର୍ମିଷ୍ଠା ପଣ୍ଡା, ଅରବିନ୍ଦ ନାୟକ, ବିଦ୍ୟାଧର ଯେନା, ଆଶିଷ କୁମାର ମଲ୍ଲିକ, ଜାନକୀ ମଲ୍ଲିକ, ପ୍ରମିଳା ମାଝୀ, ସୁଶାନ୍ତ ମହାଲ୍ଲିକ୍, ରାହୁଲ ପ୍ରସାଦ ରାୟ, ସୁଶାନ୍ତ ବାରିକ, ବିଜୟ ଶଙ୍କର ମହାନ୍ତି, ଗଣେଶ ମଲ୍ଲିକ, ଗୋଲାମ ମହିଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ ।



ଆରମ୍ଭ

SEITHO ARAMBHA



ନାଉଗାଁ ବ୍ଲକ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି ବୈଠକ



ଜଗତସିଂହପୁର, ୨୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ଆସନ୍ତା ନଭେମ୍ବର ୬ ତାରିଖରେ ହେବାକୁ ଥିବା ଜନସମ୍ପର୍କ ପଦଯାତ୍ରାର ସଫଳ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଛି । ନାଉଗାଁ ବ୍ଲକ ବିଜେଡି ସଭାପତି ନିରଞ୍ଜନ ବେହୁରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ପଦଯାତ୍ରାର ଆୟୋଜନ, ପ୍ରସ୍ତୁତି ଓ ରଣନୀତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ପୂର୍ବତନ ବିଧାୟକ ତଥା ବିଜେଡି ଉପସଭାପତି ଚିରଞ୍ଜୀବ ବିଶ୍ୱାଳ, ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲି, ଜିଲ୍ଲା ଛାତ୍ର ଉପସଭାପତି ଆଲୋକ ମହାନ୍ତି, ପଂଚାୟତ ସମିତି ଦିଲ୍ଲୀପ ଲେଙ୍କା, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଧ୍ରୁଣାସନ ନାୟକ, ବେଣୁଧର ସ୍ୱାଇଁ ଓ ପ୍ରସନ୍ନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଆଗାମୀ ପଦଯାତ୍ରାକୁ ସଫଳ କରିବା ସହ ଦଳୀୟ ସଂଗଠନକୁ ଅଧିକ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କ ସହ ସମ୍ପର୍କକୁ ମଜବୁତ କରିବା ଉପରେ ନେତା ଓ କର୍ମୀମାନେ ଗୁରୁତ୍ୱାରୋପ କରିଥିଲେ । ପଦଯାତ୍ରାରେ ଅଧିକରୁ ଅଧିକ କର୍ମୀ ଓ ଦଳୀୟ ପ୍ରତିନିଧିଙ୍କୁ ସାମିଲ କରିବା ସହ ଏହାର ସଫଳ ରୂପାୟନ ପାଇଁ ଆବଶ୍ୟକ ପ୍ରସ୍ତୁତି ଉପରେ ମତ ପ୍ରକାଶ ପାଇଥିଲା ।ଏହି ବୈଠକରେ ବ୍ଲକ ସରପଂଚ ସଂଘର ସଭାପତି ଦୋଳଗୋବିନ୍ଦ ରାଉଳ, ଘୋଡ଼ାଂଶ ସରପଂଚ ନିହାର ବସ୍ତିଆ, ନାଉଗାଁ ସରପଂଚଙ୍କ ପ୍ରତିନିଧି ସମୀର ନାୟକ, ସମିତି ସଭ୍ୟ ସୁବଳ ବେହେରା ଓ ପଦ୍ମଚରଣ ରାଉତ, ପୂର୍ବତନ ଉପାଧ୍ୟକ୍ଷ ବେଣୁଧର ସ୍ୱାଇଁ, ଚନ୍ଦନ ଲେଙ୍କା, ଅନିଲ ଲେଙ୍କା, ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଛାତ୍ର ସଂସଦର ସଭାପତି ଦେବୀ ପ୍ରସାଦ ନାୟକ, ସମ୍ପାଦକ ସୂର୍ଯ୍ୟକାନ୍ତ ନାୟକ, ପୂର୍ବତନ ସରପଂଚ ରଞ୍ଜୀତ ମଲ୍ଲିକଙ୍କ ସମେତ ବ୍ଲକର ବିଭିନ୍ନ ପଂଚାୟତର ସରପଂଚ, ସମିତି ସଭ୍ୟ, ପୂର୍ବତନ ସରପଂଚ, ପୂର୍ବତନ ସଭ୍ୟ ଓ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଚିରଞ୍ଜୀବ ବିଶ୍ୱାଳ ନାଉଗାଁ ବ୍ଲକ ଗସ୍ତରେ ଆସିଥିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ଆଗାମୀ ଜନସମ୍ପର୍କ ପଦଯାତ୍ରା ମାଧ୍ୟମରେ ଦଳୀୟ ସଂଗଠନକୁ ଆହୁରି ସୁଦୃଢ଼ କରିବା ସହ ଜନସାଧାରଣଙ୍କ ସହ ଯୋଗାଯୋଗ ବୃଦ୍ଧି କରିବା ନେଇ ଦଳୀୟ ମହଲରେ ଆଶା ପ୍ରକାଶ ପାଇଛି ।

ଧର୍ମଗଡ଼ ବ୍ଲକ ଯାଦବ ମହାସଭା ନୂଆଖାଇ ଭେଟଘାଟ, ସଭାପତି ନୃପ ଯାଦବ ଓ ଲମ୍ବୁଧର ନିଆଲଙ୍କୁ ବିରୋଧ



ଧର୍ମଗଡ଼, ୨୫/୧୦ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଯାଦବ ମହାସଭା ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ସିନପଡା ପଲ୍ଲୀ ଠାରେ ବ୍ଲକ ସଭାପତି ଶଙ୍କର କୁଣ୍ଡଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ରେ ବ୍ଲକ ର ବିଭିନ୍ନ ଅଂଚଳର ଯାଦବ ଯୋଗଦାନ କରିଥିଲେ । ଭାରତ ବର୍ଷୀୟ ଯାଦବ ମହାସଭା ସଂପାଦକ ରାଜୁ ପିଲେଇ, ଉତ୍କଳ ଯାଦବ ମହାସଭା ସଭାପତି ଲମ୍ବୋଧର ନିଆଲ, କଳାହାଣ୍ଡି ଜିଲ୍ଲା ଯାଦବ ସଭାପତି ନୃପ ଯାଦବଙ୍କୁ ଧର୍ମଗଡ଼ ଯାଦବ ଜିଲ୍ଲା କର୍ମକର୍ତ୍ତା ତରଫରୁ ତୀବ୍ର ବିରୋଧ କରିଥିଲେ । ଯାହାଫଳରେ କାର୍ଯ୍ୟକ୍ରମ କିଛି ସମୟ ପାଇଁ ହୋ ହଲ୍ଲା ହୋଇ ବନ୍ଦ ହୋଇ ଯାଇଥିଲା । ସୂଚନା ମତେ ବ୍ଲକ ସଭାପତି ଶଙ୍କର କୁଣ୍ଡ ଓ ଜିଲା ସଭାପତି ଙ୍କ ବିଶୃଙ୍ଖଳିତ କାର୍ଯ୍ୟ କଳାପ ଭଳି କାର୍ଯ୍ୟକୁ ନେଇ ଆଜି କାର୍ଯ୍ୟକ୍ରମ ଓ ମଂଚସିଁନ ଅତିଥି ମାନଙ୍କୁ ବିରୋଧ କରିଥିଲେ । ଲୋକେ କହିବା ଅନୁସାରେ ଯାଦବ ସମାଜର ଯୁବବର୍ଗ କିପରି ନିଜ ଜାତିର ଭାଷା, ପ୍ରଥା ଓ ପରମ୍ପରାକୁ ସୁରକ୍ଷା ଦେଇ ଗତିଶୀଳ କରାଇବେ ଏବଂ ନିଜକୁ ଶିକ୍ଷା, ବ୍ୟବସାୟ, ଚାକିରି କ୍ଷେତ୍ରରେ ଅଗ୍ରଣୀ କରି ଏକ ଶୈକ୍ଷିକ ଆର୍ଥିକ ସୁଦୃଢ଼ ସମାଜ ଗଠନରେ ଭାଗିଦାରୀ ହେବେ, ସେ ଦିଗରେ ଯୁବଗୋଷ୍ଠୀକୁ ଅଭିପ୍ରେରିତ କରିବା ହେଉଛି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହୁଥିବା ବେଳେ ସମାଜର ଆର୍ଥିକ ନଥି ପତ୍ର ସ୍ୱଚ୍ଛ ନ ରଖିବା, ବିଶୃଙ୍ଖଳିତ କାର୍ଯ୍ୟ କଲେ ଆଗାମୀ ଯୁବପିଢି କଣ ଶିଖିବେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

ଚୋରା ବାଲି ଘାଟ ଉପରେ ରାତି ଅଧରେ ଚଢାଉ



ଯାଜପୁର, ୨୫/୧୦ (ଆ.ପ୍ର) : ଯାଜପୁର ଟାଉନ୍ ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଶିବ ଚରଣ ବେହେରା ଯୋଗଦାନ କରିଛନ୍ତି । ବିଶେଷ କରି ଯାଜପୁରରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଚୋରା ବାଲି ଚାଲାଣ । ଦିନ ରାତି ଚୋରା ବାଲି ଚାଲାଣ କରିବାରେ ମାତିଛନ୍ତି ବାଲି ମାଫିଆ । ଯାଜପୁର ଟାଉନ୍ ଥାନାରେ ନୂତନ ଥାନା ଅଧିକାରୀ ଭାବରେ କାର୍ଯ୍ୟରତ ଶିବ ଚରଣ ବେହେରା ରାତିରେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଚଇନପୁର ସୁନା ମୁହିଁ ବାଲି ଘାଟ ଉପରେ ଚଢ଼ାଉ କରିବା ସହ ବେଆଇନ ବାଲି ଉଠାଣ ଜେସିବି ମେସିନ, ବାଲି ବୋଝେଇ ଏକ ଟ୍ରକ୍ଟରକୁ ଜବତ କରିବା ସହ ଥାନାରେ ଅଟକ ରଖିଛନ୍ତି । ଅଧିକ ତଦନ୍ତ ପାଇଁ ଯାଜପୁର ଖଣି ଉପନିର୍ଦ୍ଦେଶକ । ବିଭାଗ କୁ ରିକୁଏସନ ମଗାଯାଇଛି ବୋଲି ଥାନା ଅଧିକାରୀ ଶ୍ରୀ ଶିବ ଚରଣ ବେହେରା କହିଛନ୍ତି ।

ସହରର ବିଭିନ୍ନ ସ୍ଥାନରେ ମାଁ ଗଜଲକ୍ଷ୍ମୀ ପୂଜା ଆୟୋଜିତ



ଜି.ଉଦୟଗିରି, ୨୫/୧୦ (ଆ.ପ୍ର) : ଜି. ଉଦୟଗିରିର ବିଭିନ୍ନ ସ୍ଥାନରେ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇଛି । ସ୍ଥାନୀୟ ବିଜ୍ଞାପିତ ଅଂଚଳ ପରିଷଦ ଅନ୍ତର୍ଗତ ପଦାସାହି, ବରାଜିନି ସାହି ଓ ଲକ୍ଷ୍ମୀ ବଜାର ସ୍ଥିତ ଅସ୍ଥାୟୀ ପୂଜା ମଣ୍ଡପରେ ଆଲୋକ ମାଳାରେ ସୁସଜ୍ଜିତ ତୋରଣ ସହ ମାଁ ଗଜଲକ୍ଷ୍ମୀଙ୍କ ପୂଜା ଅନୁଷ୍ଠିତ ହୋଇଛି । ପଦାସାହି ଠାରେ ପୂଜା କମିଟି ସଭାପତି ସନ୍ତୋଷ କୁମାର ବାଘଙ୍କ ତତ୍ତ୍ୱାବଧାନରେ ପୂଜା ହେଉଥିବା ବେଳେ କର୍ତ୍ତା ଭାବେ ଭାଗବତ ଅର୍ଜ୍ଜୀ କାର୍ଯ୍ୟ ସମ୍ପାଦନ କରିଛନ୍ତି ସମ୍ପାଦକ ପ୍ରଶାନ୍ତ ବଗର୍ତ୍ତୀ, କୋଷାଧ୍ୟକ୍ଷ ହେମନ୍ତ ପ୍ରଧାନ ଓ ଅନ୍ୟ ମାନେ ସହଯୋଗ କରିଛନ୍ତି । ଏବଂ ସ୍ଥାନୀୟ ବରାଜିନି ମାର୍କେଟ ପୂଜା କମିଟି ସଭାପତି କ୍ରିଷ୍ଣ କୁମାର ତ୍ରିପାଠୀ, ପିତାମ୍ବର ସାହୁ,କର୍ତ୍ତା ଭାବେ ଉମା ଶଙ୍କର ସାମନ୍ତରାୟ , ଦଣ୍ଡପାଣି ପାତ୍ର, ଅରୁଣ ଷଡଙ୍ଗୀ, ବାଳକୃଷ୍ଣ ଦାସ, ଜଗନ୍ନାଥ ନାୟକ, ଅଶୁତୋଷ ଗୌଡ଼, ଆକାଶ ନାୟକ, ବଳରାମ ଡାକୁଆ, ଚିନ୍ତାମଣି ବରିକ, ଲିଟୁ ସାହୁ ଓ ଅନ୍ୟ ସଦସ୍ୟ ମାନଙ୍କ ସହଯୋଗରେ ମାଁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି । ସେହିପରି ସହରର ଲକ୍ଷ୍ମୀ ମାର୍କେଟ ଠାରେ ମଧ୍ୟ ପୂଜା କମିଟି ସଭାପତି ସୁରେନ୍ଦ୍ର ଦାସ, ସମ୍ପାଦକ ଦେବୀ ଦାସ, ବିଶ୍ୱେଶ୍ୱର ସାହୁ,ଉପେନ୍ଦ୍ର ପାତ୍ର, ଚନ୍ଦନ ସାହୁଙ୍କ ସହ କମିଟିର ଅନ୍ୟ ସଦସ୍ୟ ମାନଙ୍କ ସହଯୋଗରେ ଗଜଲକ୍ଷ୍ମୀ ପୂଜା ଆୟୋଜନ କରିଥିବା ବେଳେ କର୍ତ୍ତା ଭାବେ ଦେବୀ ପ୍ରସାଦ ଦାସ ପୂଜା କାର୍ଯ୍ୟ ନିର୍ବାହ କରୁଛନ୍ତି । ରବିବାର ଛୁଟି ରହିଥିବା ବେଳେ ପୂଜା ମେଢ଼ ଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଗହଳି ଦେଖିବାକୁ ମିଳିଛି । ସହରରେ ଗଜଲକ୍ଷ୍ମୀ ପୂଜା ଶାନ୍ତି ଶୃଙ୍ଖଳାର ସହ ଅନୁଷ୍ଠିତ ହେବା ନେଇ ସ୍ଥାନୀୟ ପୋଲିସ ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ସମସ୍ତ ପୋଲିସ କର୍ମଚାରୀ ନିୟୋଜିତ ଅଛନ୍ତି ।

ଗଛ ଲଗାଇ କୁମାର ପୂର୍ଣ୍ଣମୀ ପାଳନ କଲେ କଲେଜ ଛାତ୍ରୀ



ଚିଲିକା/ବାଣପୁର, ୨୫/୧୦ (ଆ.ପ୍ର) : ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ମହାବିଦ୍ୟାଳୟର ଛାତ୍ରୀମାନେ ନିଆରା ଢଙ୍ଗରେ ଆଜି କୁମାର ପୂର୍ଣ୍ଣମୀ ଉତ୍ସବ ପାଳନ କରିଛନ୍ତି । ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଦ୍ୱାରା ଚାଲିଥିବା ସାତଦିନିଆ ଚାରା ରୋପଣ ସ୍ୱତନ୍ତ୍ର ଶିବିରରେ ଅନେକ ଛାତ୍ର ଛାତ୍ରୀ ସ୍ୱେଚ୍ଛାସେବୀ ଭାବେ ଯୋଗଦେଇଥିବା ବେଳେ ଆଜି ଛାତ୍ରୀମାନେ ସ୍ୱତନ୍ତ୍ର ଢଙ୍ଗରେ ଓଡ଼ିଶାର ଏହି ପାରମ୍ପରିକ କୁମାର ପୂର୍ଣ୍ଣମୀ ପାଳନ କରିଛନ୍ତି । ଆଜି ଦିନସାରା ଛାତ୍ରୀମାନେ ମହାବିଦ୍ୟାଳୟ ପରିସର ଓ ପୋଷ୍ୟଗ୍ରାମ ଶାନ୍ତିନଗରରେ ନଡ଼ିଆ ଚାରା ସହିତ ଅନ୍ୟ ବୃକ୍ଷ ରୋପଣ କରି ପରିବେଶ ସୁରକ୍ଷାରେ ମନୋନିବେଶ କରିଥିଲେ । କେତେକ ଛାତ୍ରୀ ବୃକ୍ଷ ରୋପଣ କରି ସେମାନଙ୍କର ଜନ୍ମଦିନ ପାଳନ କରିଥିଲେ । ଏହି ଅବସରରେ ବୃକ୍ଷ ସମ୍ପର୍କିତ କବିତା ରଚନା କାର୍ଯ୍ୟକ୍ରମରେ ସେମାନେ ଅଂଶ ଗ୍ରହଣ କରି ସେମାନଙ୍କର ସର୍ଜନଶୀଳ ପ୍ରତିଭାର ପରିଚୟ ପ୍ରଦାନ କରିଥିଲେ । କୁମାର ପୂର୍ଣ୍ଣମୀ ଭଳି ଏକ ଉତ୍ସବମୁଖର ଦିବସରେ ମହାବିଦ୍ୟାଳୟର କୁମାରୀ ସ୍ୱେଚ୍ଛାସେବୀମାନେ ପୋଷ୍ୟ ଗ୍ରାମ ଓ କଲେଜ ପରିସରରେ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପରେ ପାରମ୍ପରିକ ଗୀତ 'କୁଆଁରି ପୁନେଇଁ ଜହ୍ନ ଗୋ ଫୁଲ ବଉଳବେଣୀ'ର ଶୀର୍ଷକରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପାରମ୍ପରିକ ନୃତ୍ୟ ପରିବେଷଣ ସହ ପୁଚି ଖେଳରେ ଅଂଶ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି, କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର କୈଳାସ ଚନ୍ଦ୍ର ମହାରଣା, ଅଧ୍ୟାପିକା ରୀନା ରାଉତ ଓ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସ୍ୱେଚ୍ଛାସେବୀ ବିକ୍ରମ ବିଷୋୟୀ, ସ୍ୱେଚ୍ଛାସେବୀ ବକୁଳ ରଣସିଂ ଉପସ୍ଥିତ ରହିବା ସହ ଓଡ଼ିଆ ସାଂସ୍କୃତିକ ବିଭବର ପ୍ରଭାବ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରି ସ୍ୱେଚ୍ଛାସେବୀମାନଙ୍କର ନିଆରା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ସ୍ୱେଚ୍ଛାସେବୀ ସୁମିତ୍ରା ସାମଲ, ପ୍ରଜ୍ଞାସ୍ମିତା ସାହୁ, ପ୍ରଜ୍ଞା ଗଜେନ୍ଦ୍ର, ଶ୍ରୁତି ଶାଶ୍ୱତୀ ସେନାପତି, ଶୁଭଶ୍ରୀ ପରିଡା, ବର୍ଷା ସିଂ, ସ୍ୱସ୍ତି ପାଇକରାୟ ପ୍ରମୁଖ ସ୍ୱେଚ୍ଛାସେବୀ ସହାୟତା କରିଥିଲେ ।

ଶିଆଳି ବାଲିଯାତ୍ରା ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ



ଏରସମା, ୨୫/୧୦ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଶିଆଳି ବାଲିଯାତ୍ରାକୁ ଆକର୍ଷଣୀୟ ଓ ସରସ ସୁନ୍ଦର କରିବା ଉଦ୍ଦେଶ୍ୟରେ ବାଲିଯାତ୍ରା କମିଟି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଚଳିତବର୍ଷ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ସହ ଦର୍ଶକଙ୍କ ପାଇଁ ବିଭିନ୍ନ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଏହି ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଏହି ଅବସରରେ ଶିଆଳି ବାଲିଯାତ୍ରା କମିଟିର ସଭାପତି ନିରାକାର ସ୍ୱାଇଁ, ସମ୍ପାଦକ ପ୍ରଦୀପ୍ତ ସାମଲ, କୋଷାଧ୍ୟକ୍ଷ ଦୀପକ ଗିରି, ସହକୋଷାଧ୍ୟକ୍ଷ ଚନ୍ଦନ କୁମାର ପରିଡ଼ା, ସାଂସଦଙ୍କ ପ୍ରତିନିଧି ଜଟାଧାରୀ ସ୍ୱାଇଁ, ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ନୃସିଂହ ସାହୁ, ବିଶ୍ୱରଞ୍ଜନ ଚୌଧୁରୀ ଓ ଉମାକାନ୍ତ ପରିଡ଼ାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ଚଳିତବର୍ଷ ଶିଆଳି ବାଲିଯାତ୍ରାକୁ କିପରି ଅଧିକ ଆକର୍ଷଣୀୟ କରାଯାଇପାରିବ, ସେନେଇ ବୈଠକରେ ଆଲୋଚନା ହୋଇଥିଲା । ଓଡ଼ିଶାର ସିନେ ତାରକାମାନଙ୍କ ଦ୍ୱାରା କଳା ପ୍ରଦର୍ଶନ, ମନୋରଞ୍ଜନଧର୍ମୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ସହିତ ଅଧିକ ସଂଖ୍ୟାରେ ଦୋକାନ ବଜାର ଖୋଲିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ବାଲିଯାତ୍ରାକୁ ଆସୁଥିବା ଦର୍ଶକଙ୍କ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେଇ କିପରି ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସଫଳତାର ସହ ସମ୍ପନ୍ନ କରାଯିବ, ସେ ସମ୍ପର୍କରେ କମିଟି ପକ୍ଷରୁ ଆଲୋଚନା କରାଯାଇଥିଲା । ଚଳିତବର୍ଷ ଶିଆଳି ବାଲିଯାତ୍ରାକୁ ଏକ ଆକର୍ଷଣୀୟ ଓ ସ୍ମରଣୀୟ ଉତ୍ସବରେ ପରିଣତ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି ।

ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ପାଇଁ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ

ପାରଳାଖେମୁଣ୍ଡି, ୨୫/୧୦ (ଆ.ପ୍ର) : ଗଜପତି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଓ ପ୍ରବଳ ବର୍ଷାର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି । ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ଆସନ୍ତା ୨୬ ତାରିଖ ସନ୍ଧ୍ୟାଠାରୁ ବର୍ଷା ଆରମ୍ଭ ହେବା ସହ ୨୭ , ୨୮ ଓ ୨୯ ତାରିଖରେ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ପ୍ରଭାବ, ଝଡ଼ତୋଫାନ, ଭୂସ୍ଖଳନ ପ୍ରବଣ ଅଂଚଳର ସ୍ଥିତି, ଜଳ ନିଷ୍କାସନ ବ୍ୟବସ୍ଥା, ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଥା ଜରୁରୀକାଳୀନ ସେବାର ପ୍ରସ୍ତୁତି ସମ୍ପର୍କରେ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା । ଜିଲ୍ଲା, ବ୍ଲକ୍ ଓ ତହସିଲ ସ୍ତରରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ ରଖିବା ସହ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଖ୍ୟାଳୟ ନଛାଡ଼ିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅଗ୍ନିଶମ ବାହିନୀକୁ ଆବଶ୍ୟକ ସ୍ଥଳେ ତୁରନ୍ତ ମୁତୟନ ହେବା ପାଇଁ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଜିଲ୍ଲାର ସାତଟି ବ୍ଲକ୍‌ରେ ଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକର ଯାଂଚ କରି ଆବଶ୍ୟକ ମରାମତି, ବିଦ୍ୟୁତ୍ ଓ ଜେନେରେଟର ବ୍ୟବସ୍ଥା, ପାନୀୟ ଜଳ ଏବଂ ଅନ୍ୟାନ୍ୟ ମୌଳିକ ସୁବିଧା ସୁନିଶ୍ଚିତ କରିବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଭୂସ୍ଖଳନ ପ୍ରବଣ ଅଂଚଳ, ପାହାଡ଼ ତଳେ ରହୁଥିବା ପରିବାର, ତଳିଆ ଅଂଚଳ ଏବଂ ଦୁର୍ବଳ କିମ୍ବା କଚ୍ଚା ଘରେ ବସବାସ କରୁଥିବା ଲୋକଙ୍କୁ ଆବଶ୍ୟକ ସ୍ଥଳେ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଆଶ୍ରୟସ୍ଥଳୀରେ ରନ୍ଧା ଖାଦ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ମହଜୁଦ ରଖିବା ସହ ଗର୍ଭବତୀ ମହିଳାମାନଙ୍କୁ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା' ଗୃହକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ରହିଛି । ଏଥିସହ ଚୁଡ଼ା, ଗୁଡ଼, ଚିନି, ମହମବତୀ, କିରୋସିନ, ଔଷଧ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଯଥେଷ୍ଟ ପରିମାଣରେ ଗଚ୍ଛିତ ରଖିବାକୁ କୁହାଯାଇଛି । ପ୍ରବଳ ବର୍ଷା ସମୟରେ ଜନସାଧାରଣ ଅନାବଶ୍ୟକ ଭାବେ ଘରୁ ବାହାରକୁ ନଯିବା ଏବଂ ନଦୀ, ନାଳ ଓ ଅନ୍ୟାନ୍ୟ ଜଳାଶୟ ନିକଟକୁ ନଯିବା ପାଇଁ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏଥିସହ ବ୍ଲକ୍, ଗ୍ରାମପଂଚାୟତ ଓ ଗ୍ରାମସ୍ତରରେ ବ୍ୟାପକ ଜନସଚେତନତା ସୃଷ୍ଟି କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ଏହି ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଦୟାମୟ ପାତ୍ରୀ, ଉପଜିଲ୍ଲାପାଳ ଭାଗବତ ସାମଲ କଲ୍ୟାଣରାଓ, ଜିଲ୍ଲା ଜରୁରୀକାଳୀନ ଅଧିକାରୀ ବିନାୟକ ରାଉତଙ୍କ ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଡିଓ, ତହସିଲଦାର ଓ ବିଭିନ୍ନ ଲାଇନ୍ ବିଭାଗର ଅଧିକାରୀମାନେ ଆଭାସୀ ବୈଠକରେ ଯୋଗ ଦେଇଥିଲେ ।

୨୭ତମ ଯାଦବ ମାଝୀ ସ୍ମାରକୀ କ୍ରିକେଟ ପାଇଁ ପ୍ରସ୍ତୁତି ବୈଠକ



ଚନ୍ଦାହାଣ୍ଡି, ୨୫/୧୦ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ଦଣ୍ଡାମୁଣ୍ଡା ସ୍ଥିତ ଗଦାଧର ଷ୍ଟାଡିୟମଠାରେ ୨୭ତମ ଯାଦବ ମାଝୀ ସ୍ମାରକୀ ଆନ୍ତଃରାଜ୍ୟ କ୍ରିକେଟ ପ୍ରତିଯୋଗିତା ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଶିକ୍ଷ ରାଷ୍ଟ୍ରମନ୍ତ୍ରୀ ତଥା ପାନାବେଡ଼ା ମାଟିର ବରପୁତ୍ର ସ୍ୱର୍ଗତ ଯାଦବ ମାଝୀଙ୍କ ସ୍ମୃତିରେ ପଲ୍ଲୀଶ୍ରୀ ଯୁବକ ସଂଘ ଆନୁକୂଲ୍ୟରେ ଦୀର୍ଘ ୨୬ ବର୍ଷ ଧରି ଏହି ଲୋକପ୍ରିୟ କ୍ରିକେଟ ପ୍ରତିଯୋଗିତା ଆୟୋଜିତ ହୋଇଆସୁଛି । ସଂଘର ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରତିଯୋଗିତାକୁ ଆହୁରି ଆକର୍ଷଣୀୟ ଓ ଶାନ୍ତିଶୃଙ୍ଖଳାର ସହ ଆୟୋଜନ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା । ଏହାସହ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଏକ ରକ୍ତଦାନ ଶିବିର କରିବାକୁ ନିଷ୍ପତି ହୋଇଥିଲା । ଏହି ପ୍ରତିଯୋଗିତା ଆସନ୍ତା ଜାନୁଆରୀ ୧୨ ତାରିଖରୁ ପ୍ରତିଯୋଗିତା ଆରମ୍ଭ ହୋଇ ୨୪ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ । ଏଥିରେ ୧୬ଟି ଦଳ ଭାଗ ନେବେ । ବିଜେତା ଦଳକୁ ଏକ ଲକ୍ଷ ଟଙ୍କା ଓ ଉପବିଜେତା ଦଳକୁ ୭୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା । ଚଳିତ ବର୍ଷ ସୁନ୍ଦରଗଡ଼, ଝାରସୁଗୁଡ଼ା, ଭୁବନେଶ୍ୱର, ବାଲିଗୁଡ଼ା, ଟିଟିଲାଗଡ଼, ଉମରକୋଟ, ବୋଡ୍ରା ଓ କୋରାପୁଟ ସମେତ ବିଭିନ୍ନ ଅଂଚଳର ଦଳ ଭାଗ ନେବେ ବୋଲି ଜଣାପଡ଼ିଛି । ବୈଠକରେ ପୂର୍ବତନ ସାଂସଦ ରମେଶ ଚନ୍ଦ୍ର ମାଝୀ, ସମାଜସେବୀ ପ୍ରମୋଦ କୁମାର ପାତ୍ରୀ, ମହମ୍ମଦ ହନିଫ, ମହମ୍ମଦ ହୁସେନ, ଯୁବରାଜ ଜଗତ,ଶ୍ୟାମସୁନ୍ଦର ସୁନାନୀ, ପ୍ରଦୀପ କୁମାର ପତି, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ । ଏଥିସହ ପଲ୍ଲୀଶ୍ରୀ ଯୁବକ ସଂଘର ସମ୍ପାଦକ ଧନେଶ୍ୱର ସେଠୀ, ସହ ସମ୍ପାଦକ ମନୋଜ ମାଝୀ, କୋଷାଧ୍ୟକ୍ଷ ହୃଷୀକେଶ ମହାନ୍ତି, ନଳିନୀ ମାଝୀ, ବଳରାମ ପଟ୍ଟନାୟକ, ସାମାଂତକ ଗଣ୍ଡା, ସଂଗ୍ରାମ କେଶରୀ ସାହୁ,ଶିଶିର ମାଝୀ, ପରମେଶ୍ୱର ମାଝୀ, ମାୟାଧର ମାଝୀ, ସୌରୀରଞ୍ଜନ ସାହୁ, ରତ୍ନାକର ସାହୁ, ଲୋଚନ ନାୟକ, ଜଗଦୀଶ ରାଉତ, ପ୍ରତାପ ଗୌଡ଼, ମହମ୍ମଦ ସାଢ଼ିଲ, ରତ୍ନାକର ପୋଟା, କନ୍ଦର୍ପ, ଗୁପ୍ତେଶ୍ୱର, ରାକେଶ,ତପୁନ, ମାନସ, ବିଦ୍ୟାଧର ପ୍ରମୁଖଙ୍କ ସହ ପଲ୍ଲୀଶ୍ରୀ ଯୁବକ ସଂଘର ସଦସ୍ୟ ଉପସ୍ଥିତ ଥିଲେ ।

ଗୋପରେ ବିଜେଡି ସାଙ୍ଗଠନିକ ବୈଠକ

ନିମାପଡା, ୨୫/୧୦ (ଆ.ପ୍ର) : ନିମାପଡା ନିର୍ବାଚନ ମଣ୍ଡଳୀରେ ଥିବା ଗୋପ ବ୍ଲକ ର ୧୪ଟି ପଂଚାୟତରେ ଏକ ସାଙ୍ଗଠନିକ ବୈଠକ ନାଗପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ଆୟୋଜିତ ଏହି ସାଙ୍ଗଠନିକ ବୈଠକରେ ୧୪ ଟି ପଂଚାୟତର ବରିଷ୍ଠ, ଅଗ୍ରଣୀ ଓ ପ୍ରମୁଖ ନେତୃତ୍ୱଙ୍କୁ ନେଇ ଏହି ବୈଠକ ହୋଇଥିଲା । ବୈଠକରେ ଦଳୀୟ ସଂଗଠନକୁ ସୁଦୃଢ଼ କରିବା ସହ ରାଜ୍ୟସ୍ତରୀୟ ନେତୃତ୍ୱ, ଶଙ୍ଖ ଭବନ ଓ ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ ଅନୁଯାୟୀ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଲୋଚନା ହୋଇଥିଲା । ଏଥି ସହ ରାଜ୍ୟ କିମ୍ବା ଜିଲ୍ଲା ନେତୃତ୍ୱଙ୍କ ନିର୍ଦ୍ଦେଶ ବିନା କୌଣସି ରାଲିରେ ଯୋଗ ନ ଦେବାକୁ ନିଷ୍ପତି ହୋଇଥିବା ଜଣା ପଡିଛି । ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ନିମାପଡା ନିର୍ବାଚନ ମଣ୍ଡଳୀରେ ଗୋପ ବ୍ଲକର ଭାଳ ନୈତିକ ଗତିବିଧି ଏବେ ଚର୍ଚ୍ଚାର ବିଷୟ । ଶାସକ ଦଳର ସୋସିଆଲ ମିଡ଼ିଆ ପ୍ରଚାର ମଧ୍ୟରେ ବିରୋଧୀ ବିଜେଡିର ଏହି ସାଙ୍ଗଠନିକ ବୈଠକ ଆଗାମୀ ରାଜନୈତିକ ପ୍ରସ୍ତୁତିର ସଂକେତ ଦେଉଛି । ତେବେ ରାଜନୈତିକ ପ୍ରଚାର ଠାରୁ ଅଧିକ ଗୁରୁତ୍ୱ ପୂର୍ଣ୍ଣ ହେବ ଗୋପ ବ୍ଲକର ରାସ୍ତା ଘାଟ, ଆଲୋକୀକରଣ, ସ୍ୱାସ୍ଥ୍ୟ ସେବା, ଭତ୍ତା ଓ ଅନ୍ୟାନ୍ୟ ମୌଳିକ ସମସ୍ୟାର ସମାଧାନ ଆଗାମୀ ଦିନରେ ଶାସକ ଓ ବିରୋଧୀ ଜନ ସମସ୍ୟାକୁ କେତେ ଗୁରୁତ୍ୱ ଦେଉଛନ୍ତୁ ତାହା ଉପରେ ଅଂଚଳ ବାସୀଙ୍କ ନଜର ରହିଛି । ଏହି ବୈଠକରେ ବରିଷ୍ଠ ନେତା ଉପେନ୍ଦ୍ର କାନୁନଗୋ, ପ୍ରହଲ୍ଲାଦ ସ୍ୱାଇଁ, ଗୌତମ ପଣ୍ଡା. ପ୍ରମୁଖ ଶତାଧିକ ବରିଷ୍ଠ କର୍ମୀ ଯୋଗ ଦେଇଥିଲେ ।

ପୋଲିସ ଜାଲରେ ଆନ୍ତଃରାଜ୍ୟ ମହିଳା ଚାଲାଣକାରୀ ସହ ଗଞ୍ଜେଇ ଜବତ



ବାଲିଗୁଡା, ୨୫/୧୦ (ଆ.ପ୍ର) : କନ୍ଧମାଳରୁ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚାଲାଣ ପାଇଁ ଚାଲିଥିବା ଯୋଜନାକୁ ପଣ୍ଡ କରିଛି କ.ନୂଆଗାଁ ପୋଲିସ । ପୋଲିସ ପେଟ୍ରୋଲିଂ ସମୟରେ ଦାରିଙ୍ଗବାଡ଼ି ଛକରୁ ଜଣେ ମହିଳାଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୨ କେଜି ଗଞ୍ଜେଇ, ଗୋଟିଏ ମୋବାଇଲ ଫୋନ୍ ଏବଂ ନଗଦ ୫ ହଜାର ଟଙ୍କା ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, କ.ନୂଆଗାଁ ଥାନା ପୋଲିସ ଦଳ ପେଟ୍ରୋଲିଂ କରୁଥିବା ବେଳେ ଦାରିଙ୍ଗବାଡ଼ି ଛକରେ ଜଣେ ମହିଳା ଜରି ଅଖା ଧରି ବସ୍‌କୁ ଅପେକ୍ଷା କରିଥିବା ଦେଖିଥିଲା । ତାଙ୍କ ଗତିବିଧି ଉପରେ ସନ୍ଦେହ ହେବାରୁ ପୋଲିସ ଅଖା ଯାଂଚ କରିଥିଲା । ଯାଂଚ ସମୟରେ ଅଖା ଭିତରେ ଗଞ୍ଜେଇ ଥିବା ଜଣାପଡ଼ିବା ପରେ ତାହାକୁ ଜବତ କରାଯାଇଥିଲା । ପରେ ଅତିରିକ୍ତ ତହସିଲଦାର ତପସ୍ୱିନୀ ପ୍ରଧାନ ଓ ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା । ଏହାର ପରିମାଣ ୨୨ କେଜି ବୋଲି ଜଣାପଡ଼ିଥିଲା । ଗିରଫ ମହିଳା ଜଣକ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲା ଅନ୍ତର୍ଗତ ତେହେଟା ଗ୍ରାମର ରାନୁଲାଇଲା ଖାତୁନ (୩୩) ବୋଲି ପୋଲିସ ସୂଚନା ଦେଇଛି । ସେ ଗଞ୍ଜେଇକୁ ପଶ୍ଚିମବଙ୍ଗକୁ ନେବା ପାଇଁ ବସ୍‌କୁ ଅପେକ୍ଷା କରିଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି । ଏହି ଚଢ଼ାଉରେ କ.ନୂଆଗାଁ ଥାନା ଅଧିକାରୀ କେଳୁଚରଣ ଜେନାଙ୍କ ସହ ସେକେଣ୍ଡ ଅଫିସର ଅଶୋକ କୁମାର ତ୍ରିପାଠୀ, ଏଏସଆଇ ବାସୁଦେବ ପଣ୍ଡା, ସୁରେନ୍ଦ୍ର ରାଜହଂସଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ । ଏ ସଂକ୍ରାନ୍ତରେ କ.ନୂଆଗାଁ ଥାନାରେ କେସ୍ ନଂ ୧୬୪/୨୬ ଅନୁଯାୟୀ ଏନ୍‌ଡିପିଏସ୍ ଆଇନରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି ।

ସେଇଠୁ ଆରମ୍ଭ
SEITHO ARAMBHA
ସୋମବାର, ୨୬ ଅକ୍ଟୋବର, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ନ୍ୟୁଜିଲାଣ୍ଡ ଯିବା ପୂର୍ବରୁ ମୁମ୍ବାଇରେ ବୁହାଇଲେ ଝାଳ



ମୁମ୍ବାଇ, ୨୫/୧୦(ନ୍ୟୁ.ଏ): ରୋହିତ ଶର୍ମା ନ୍ୟୁଜିଲାଣ୍ଡ ଯିବା ପୂର୍ବରୁ ମୁମ୍ବାଇରେ ଅଭ୍ୟାସ ଆରମ୍ଭ କରି ଦେଇଛନ୍ତି । ସେ ନ୍ୟୁଜିଲାଣ୍ଡ ବିପକ୍ଷରେ ହେବାକୁ ଥିବା ଓ୍ୱାନଡେ ସିରିଜର ଭାଗିଦାରୀ ଅଛନ୍ତି । ଯିଏ ଟି-୨୦ ଏବଂ ଟେଷ୍ଟରୁ ରିଟାୟରମେଂଟ ନେଇ ସାରିଛନ୍ତି । ୩୮ବର୍ଷୀୟ ପୂର୍ବତନ ଅଧିନାୟକଙ୍କ ନିକଟରେ ୱେଷ୍ଟଇଣ୍ଡିଜ ବିପକ୍ଷ ଶାନଦାର୍ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ସେ ଏକ ଶତକ ମାରିଥିଲେ ଏବଂ ଶେଷ ମ୍ୟାଚରେ ୯୨ରନର ଚମତ୍କାର ପାଳି ଖେଳିଥିଲେ । ରୋହିତ ଶର୍ମାଙ୍କ ଲକ୍ଷ ଆଗାମୀ ବର୍ଷ ହେବାକୁ ଥିବା ଓ୍ୱାନଡେ ବିଶ୍ୱକପରେ ଖେଳିବାରେ ଅଛି । ଯେଉଁଥିପାଇଁ ପ୍ରସ୍ତୁତି ଦୃଷ୍ଟିକୋଣରୁ ନ୍ୟୁଜିଲାଣ୍ଡ ଗସ୍ତ ଗୁରୁତ୍ୱପୂର୍ଣ୍ଣ ହେବାକୁ ଯାଉଛି । ଗତ କିଛି ଦିନରୁ ଚର୍ଚ୍ଚା ଚାଲୁଛି କି କ'ଣ ରୋହିତ ବିଶ୍ୱକପରେ ଖେଳିବେ କି ନାହିଁ । ତାଙ୍କର ଖେଳିବା ଅସହଜ ବୋଲି କୁହାଯାଉଥିଲା, କିନ୍ତୁ ଗତ କିଛି ଦିନରୁ ମାହୋଲ ସମ୍ପୂର୍ଣ୍ଣ ବଦଳି ଯାଇଛି । ଏବେ ତାଙ୍କର ଖେଳିବା ସୁନିଶ୍ଚିତ ବୋଲି କୁହାଯାଉଛି । ତାଙ୍କ ଫର୍ମ ବି ଶାନଦାର୍ ରହିଛି । ରୋହିତଙ୍କ ଫଟୋ ସୋସିଆଲ ମିଡ଼ିଆରେ ଖୁବ୍ ଭାଇରାଲ ହେବାରେ ଲାଗିଛି । ଦାବି ଅନୁସାରେ ସେ ରବିବାର ମହାରାଷ୍ଟ୍ର କ୍ରିକେଟ ଏସୋସିଏଶନ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରିଛନ୍ତି । ପ୍ରକାଶ ଯେ, ଶୁକ୍ରବାର ବିରାଟ କୋହଲୀଙ୍କ ଅଭ୍ୟାସର ଫଟୋ ଏବଂ ଭିଡ଼ିଓରେ ବି ଆସିଥିଲା । ସେ ମୁମ୍ବାଇର ବ୍ରେବୋର୍ନ ଷ୍ଟାଡିୟମରେ ଅଭ୍ୟାସ କରୁଥିଲେ । ବିରାଟ ଏବଂ ରୋହିତ ଏକାସାଥିରେ ୨୦୨୪ ଟି-୨୦ ବିଶ୍ୱକପ୍ ଜିତିବା ପରେ କ୍ରିକେଟର ସବୁଠାରୁ ଛୋଟ ଫର୍ମାଟରୁ ସନ୍ନ୍ୟାସ ନେଇଥିଲେ । ଉଭୟ ଟେଷ୍ଟରୁ ବି ପ୍ରାୟ ଏକ ସପ୍ତାହ ଭିତରେ ଛାଡ଼ି ଦେଇଥିଲେ । ଏବେ ସେ କେବଳ ଓ୍ୱାନଡେ ଫର୍ମାଟରେ ଖେଳୁଛନ୍ତି । ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ଏବେ ଟି-୨୦ ସିରିଜ ଖେଳାଯାଉଛି । ଯାହାର ତୃତୀୟ ମ୍ୟାଚ୍ ମଙ୍ଗଳବାର ୨୭ଅକ୍ଟୋବରରେ ହେବ । ଟିମ୍ ଇଣ୍ଡିଆ ସିରିଜରେ ୨-୦ରେ ଆଗରେ ରହିଛି । ଟି-୨୦ ସିରିଜର ଶେଷ ମ୍ୟାଚ୍ ୧ ନଭେମ୍ବରରେ ହେବ । ଯାହାପରେ ୪ନଭେମ୍ବରରୁ ଉଭୟଙ୍କ ମଧ୍ୟରେ ୫ମ୍ୟାଚର ଓ୍ୱାନଡେ ସିରିଜ ଆରମ୍ଭ ହେବ । ପ୍ରଥମ ମ୍ୟାଚ୍ ଅକଲ୍ୟାଣ୍ଡରେ ହେବ ।

ତିଳକ ନୂଆ ଟ୍ୱେଂଟି-୨୦ ଚେଜ୍‌ମାଷ୍ଟର



ନୂଆଦିଲ୍ଲୀ, ୨୫/୧୦(ନ୍ୟୁ.ଏ): ପୂର୍ବତନ ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ପରେ ଟ୍ୱେଂଟି-୨୦ କ୍ରିକେଟ୍‌ରେ ତିଳକ ବର୍ମା ନୂଆ ଚେଜ୍‌ମାଷ୍ଟର ଭାବେ ଉଭା ହୋଇଛନ୍ତି । କ୍ରିକେଟ୍‌ର ଏହି ଛୋଟ ଫର୍ମାଟ୍‌ରେ କଠିନ ଲକ୍ଷ୍ୟକୁ ପିଛା କରିବାକୁ ପଡୁଥିବା ବେଳେ ତିଳକଙ୍କ ବ୍ୟାଟ୍ ଗର୍ଜୁଛି । ମେଲବର୍ଣ୍ଣରେ ପାକିସ୍ତାନ ବିପକ୍ଷ ୨୦୨୨ ଟ୍ୱେଂଟି-୨୦ ବିଶ୍ୱକପ୍ ମ୍ୟାଚ୍‌ରେ ବିରାଟଙ୍କ ଐତିହାସିକ ପାଳି ଏବେ ବି କ୍ରିକେଟ୍‌ପ୍ରେମୀଙ୍କ ମନରେ ଲିଭିନି । ହେଲେ ଗତ ବର୍ଷକ ମଧ୍ୟରେ ତିଳକ ମଧ୍ୟ ସେହିଭଳି ଚାପପୂର୍ଣ୍ଣ ପରିସ୍ଥିତିରେ ଦଳକୁ ଜିତାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଭାରତର ୧୨ ଥର ରନ୍ ପଶ୍ଚାତ୍‌ଧାବନ ବିଜୟରେ ତିଳକ ୮ ଥର ଅପରାଜିତ ରହିଛନ୍ତି । ମୋଟ ଉପରେ ୨୬ ସଫଳ ଟ୍ୱେଂଟି-୨୦ ରନ୍ ପଶ୍ଚାତ୍‌ଧାବନରେ ତିଳକଙ୍କ ଦଳ ଜିତିଛି । ଏହା ମଧ୍ୟରୁ ସେ ୨୦ ଥର ଅପରାଜିତ ରହିଛନ୍ତି । ଏହି ପ୍ରଦର୍ଶନ ତାଙ୍କୁ ଭାରତର ନୂଆ ଚେଜ୍‌ମାଷ୍ଟର ଭାବେ ପରିଚିତ କରାଇଛି । ଶନିବାର ଖ୍ରୀଷ୍ଟଚର୍ଚ୍ଚରେ ଖେଳାଯାଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଟ୍ୱେଂଟି-୨୦ରେ ତିଳକ ନିଜକୁ ପୁଣି ଥରେ ପ୍ରମାଣିତ କରିଛନ୍ତି । ୧୮୧ ରନ୍‌କୁ ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଭାରତ ୧୦.୩ ଓଭରରେ ୬୯/୪ କରି ସଙ୍କଟରେ ପଡ଼ିଥିଲା । ତିଳକ ୨୬ ବଲ୍‌ରୁ ୫୧ ରନ୍ (୬ ଚୌକା, ୧ ଛକା)ର ଅପରାଜିତ ପାଳି ଖେଳି ଗୋଟିଏ ବଲ୍ ପୂର୍ବରୁ ଦଳକୁ ୪ ୱିକେଟର ବିଜୟ ଭେଟି ଦେଇଥିଲେ । ଦଳୀୟ ସ୍କୋର ୧୪.୫ ଓଭରରେ ୧୧୨/୬ରେ ଥିଲା ବେଳେ ସେ ଓ ନୀତୀଶ କୁମାର ରେଡ୍ଡୀ ସପ୍ତମ ୱିକେଟ୍‌ରେ ୩୦ ବଲ୍‌ରୁ ଅପରାଜିତ ୬୯ ରନ୍‌ର ଭାଗୀଦାରି ଗଢ଼ି ଭାରତକୁ ଏହି ଅବିଶ୍ୱସନୀୟ ବିଜୟ ଦେଇଥିଲେ । ନୀତୀଶ ୧୩ ବଲ୍‌ରୁ ୨୬*ଂଟ (୧ ଚୌକା, ୧ ଛକା) ରନ୍ କରିଥିଲା ବେଳେ ଭାରତ ୫ ମ୍ୟାଚ୍ ବିଶିଷ୍ଟ ଏହି ଟ୍ୱେଂଟି-୨୦ ଶୃଙ୍ଖଳାରେ ୨-୦ରେ ଆଗୁଆ ହୋଇଥିଲା । ନମନ ଧୀର (୧୭ ବଲ୍‌ରୁ ୩୧, ୧ ଚୌକା, ୩ ଛକା) ମଧ୍ୟ ବିସ୍ଫୋରକ ପାଳି ଖେଳି ବିଜୟରେ ନିଜର ଅବଦାନ ରଖିଥିଲେ । ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ତିଳକ ବିଜୟ ପରେ କହିଥିଲେ ଯେ ''ମୋତେ ଗୌତମ ସାର ଓ କୋଟାକ ସାର କହିଥିଲେ, ପୂରା ଭାରତ ତୁମ ଉପରେ ବିଶ୍ୱାସ ରଖିଛି । ତୁମେ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ କଲେ ଜିତିପାରିବା । ଏହାପରେ ନମନଙ୍କୁ କହିଥିଲି, ସ୍ପିନର ବୋଲିଂ କରୁଥିବା ବେଳେ ଆମେ ଦ୍ରୁତ ରନ୍ ନେବା । ଦୁର୍ଭାଗ୍ୟବଶତଃ ମିଚେଲଙ୍କ ଶେଷ ଓଭରରେ ନମନ ଆଉଟ୍ ହେଲେ । ନହେଲେ ଆମେ ୧୮ତମ ଓଭରରେ ହିଁ ଜିତି ପାରିଥାନ୍ତୁ । ତାଙ୍କ ଆଉଟ୍ ପରେ ନୀତୀଶ ମୁଁ ରନ୍ ରୋଟେଟ୍ କରିବା ସହ ଖରାପ ବଲ୍‌କୁ ବଡ଼ ସଟ୍ ମାରିବା ନେଇ ଆଲୋଚନା କରିଥିଲୁ । ଏହା କରି ଆମେ ସଫଳ ହୋଇଥିଲୁ ।''

ଟାରିଫ୍ ଛାଡ଼ ସତ୍ତ୍ୱେ ଭାରତ-ଆମେରିକା ସମ୍ପର୍କରେ ତିକ୍ତତା



ନୂଆଦିଲ୍ଲୀ, ୨୫/୧୦(ନ୍ୟୁ.ଏ): ଆମେରିକା ଓ ଭାରତ ମଧ୍ୟରେ ସମ୍ପର୍କରେ ଦେଖାଦେଇଥିବା ତିକ୍ତତାକୁ କିଛିଟା କମାଇବା ପାଇଁ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ପଦକ୍ଷେପ ନେଇଛନ୍ତି । ଋଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ୧୦୦ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇବା ପାଇଁ ପ୍ରସ୍ତାବିତ ବିଲ୍‌କୁ ଏବେ ପାଇଁ କାର୍ଯ୍ୟକାରୀ ନକରିବାକୁ ଟ୍ରମ୍ପ ପ୍ରଶାସନ ନିଷ୍ପତ୍ତି ନେଇଛି । ଏହି ବିଲ୍‌ର ନାଁ ହେଉଛି 'ଲିଣ୍ଡସେ ଓ. ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ ଅଫ୍ ୨୦୨୬' । ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ ଋଷଠାରୁ ତେଲ କିଣୁଥିବା ଦେଶଗୁଡ଼ିକ ଉପରେ ବଡ଼ ଆର୍ଥିକ ଚାପ ପଡ଼ିଥାଆନ୍ତା । ଏହାର ସବୁଠାରୁ ଅଧିକ ପ୍ରଭାବ ଭାରତ ଉପରେ ପଡ଼ିବାର ଆଶଙ୍କା ଥିଲା । ଏପରି ସ୍ଥିତିରେ ଦୁଇ ଦେଶର ସମ୍ପର୍କ ଆହୁରି ଖରାପ ହୋଇପାରିଥାଆନ୍ତା । ତେବେ ଟାରିଫ୍ ନେଇ ତୁରନ୍ତ ବିପଦ ଟଳିଥିଲେ ମଧ୍ୟ ଭାରତ ଓ ଆମେରିକା ମଧ୍ୟରେ ସବୁକିଛି ଠିକ୍ ହୋଇଯାଇନାହିଁ । ଟ୍ରମ୍ପଙ୍କ ବଦଳୁଥିବା ବୟାନ ଓ ନୀତିକୁ ନେଇ ଭାରତୀୟ ଅଧିକାରୀଙ୍କ ମନରେ ଅବିଶ୍ୱାସ ବଢ଼ୁଥିବା କୁହାଯାଉଛି । ବାଣିଜ୍ୟ, ଟାରିଫ୍ ଓ ଅନ୍ତର୍ଜାତୀୟ ବାଣିଜ୍ୟ ଚୁକ୍ତିକୁ ନେଇ ଟ୍ରମ୍ପଙ୍କ ଆଭିମୁଖ୍ୟ ବାରମ୍ବାର ବଦଳୁଥିବାରୁ ଭାରତ ପାଇଁ ଦୀର୍ଘମିଆଦୀ ଆର୍ଥିକ ଯୋଜନା ପ୍ରସ୍ତୁତ କରିବା କଷ୍ଟକର ହେଉଛି । ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଅନେକ ପ୍ରସଙ୍ଗରେ ମତଭେଦ ରହିଛି । ଟ୍ରମ୍ପଙ୍କ ବାଣିଜ୍ୟ ନୀତି ଓ ଟାରିଫ୍ ସମ୍ପର୍କିତ ନିଷ୍ପତ୍ତିରେ ଅନିଶ୍ଚିତତା ରହିଥିବାରୁ ଭାରତ ଚିନ୍ତିତ । ଆଜି ଗୋଟିଏ ନିଷ୍ପତ୍ତି ନେବା ପରେ ପରବର୍ତ୍ତୀ ସମୟରେ ତାହା ବଦଳିଯିବାର ଆଶଙ୍କା ରହୁଛି । ଏହାଦ୍ୱାରା ଭାରତର ବ୍ୟବସାୟୀ, ରପ୍ତାନିକାରୀ ଓ ଶିଳ୍ପ ସଂସ୍ଥାଗୁଡ଼ିକ ଦୀର୍ଘମିଆଦୀ ଯୋଜନା କରିବାରେ ଅସୁବିଧା ଭୋଗୁଛନ୍ତି । ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଚାଲିଥିଲେ ମଧ୍ୟ ଟ୍ରମ୍ପ ପ୍ରଶାସନର ଅନିଶ୍ଚିତ ଆଭିମୁଖ୍ୟ ଦୁଇ ଦେଶ ମଧ୍ୟରେ ଭରସାର ଅଭାବ ସୃଷ୍ଟି କରୁଛି । ଆମେରିକା ପାକିସ୍ତାନର ସାମରିକ ନେତୃତ୍ୱ ସହ ନିୟମିତ ଆଲୋଚନା କରିବା ଏବଂ ଆଂଚଳିକ ପ୍ରସଙ୍ଗରେ ପାକିସ୍ତାନକୁ ମଧ୍ୟସ୍ଥ ଭାବେ ଦେଖିବା ଭାରତ ପାଇଁ ଚିନ୍ତାର ବିଷୟ ହୋଇଛି । ୨୦୨୫ ମେ' ମାସରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ପ୍ରସଙ୍ଗରେ ଟ୍ରମ୍ପଙ୍କ ବୟାନ ମଧ୍ୟ ଦୁଇ ଦେଶ ମଧ୍ୟରେ ଅସହଜତା ସୃଷ୍ଟି କରିଥିଲା । ଟ୍ରମ୍ପ ଦାବି କରିଥିଲେ ଯେ ୨୫୦ ପ୍ରତିଶତ ଟାରିଫ୍ ଲଗାଇବାର ଧମକ ଦେଇ ସେ ଯୁଦ୍ଧ ବନ୍ଦ କରାଇଥିଲେ । ସେ ଅନେକ ଥର ଭାରତ-ପାକିସ୍ତାନ ବିବାଦରେ ମଧ୍ୟସ୍ଥତା କରିବା କଥା ମଧ୍ୟ କହିଛନ୍ତି । କିନ୍ତୁ ଭାରତର ଆଭିମୁଖ୍ୟ ସ୍ପଷ୍ଟ ରହିଆସିଛି । ଭାରତ କହିଆସିଛି ଯେ ଯୁଦ୍ଧବିରତି ସମ୍ପର୍କିତ ନିଷ୍ପତ୍ତି ଉଭୟ ଦେଶର ସାମରିକ ଅଧିକାରୀଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ହୋଇଥିଲା ।

ପାରଦରୁ ତିଆରି ହେବ ସୁନା, ଆମେରିକୀୟ ଷ୍ଟାର୍ଟଅପ୍‌ର ଦାବି



ନୂଆଦିଲ୍ଲୀ, ୨୫/୧୦(ନ୍ୟୁ.ଏ): ମାଟି ତଳକୁ ବାହାରୁଥିବା ମୂଲ୍ୟବାନ ଧାତବ ସୁନାର ବିକଳ୍ପ ଖୁବ୍‌ଶୀଘ୍ର ବଜାରରେ ଉପଲବ୍ଧ ହେବାକୁ ଯାଉଛି । ଆମେରିକାର ଏକ ଷ୍ଟାର୍ଟଅପ୍ ସଂସ୍ଥା 'ମାରାଥନ ଫ୍ୟୁଜନ' ଲ୍ୟାବ୍‌ରେ ପାରଦକୁ ସୁନାରେ ପରିଣତ କରିଥିବା ଦାବି କରିଛି । ଯଦି ତାହା ସତ ହୋଇଥିବ ତେବେ ଆଗାମୀ ଦିନରେ ହୀରା ଭଳି ସୁନାକୁ ମଧ୍ୟ ଲ୍ୟାବ୍‌ରେ ପ୍ରସ୍ତୁତ କରାଯାଇପାରିବ । ତାହା ହେଲେ ପ୍ରତ୍ୟକ୍ଷ ସୁନାର ମୂଲ୍ୟ ଖୁବ୍‌ଶୀଘ୍ର ହ୍ରାସ ପାଇବ । ମାରାଥନ ଫ୍ୟୁଜନ କହିଛି, ସୁନା ତିଆରି କରିବା ଆମ ମୂଳ ବ୍ୟବସାୟ ନୁହେଁ । ଏହା ଏକ ପାର୍ଶ୍ୱ ବ୍ୟବସାୟ ହେବ । ଆଣବିକ ଫ୍ୟୁଜନରେ ବିପୁଳ ଖର୍ଚ୍ଚ ହୋଇଥାଏ । ସେହି ଖର୍ଚ୍ଚ ବହନ କରିବା ଲାଗି ଲ୍ୟାବ୍‌ରେ ପ୍ରସ୍ତୁତ ସୁନା ବ୍ୟବହାର କରାଯାଇପାରିବ । କମ୍ପାନି କହିଛି ଯେ ପ୍ରତ୍ୟେକ ଧାତବ ପଦାର୍ଥର ନିଜସ୍ୱ ପରିଚୟ ରହିଛି । ପାରଦର ନ୍ୟୁକ୍ଲିୟସରେ ୮୦ ପ୍ରୋଟନ ରହିଥିବା ବେଳେ ସୁନାର ନ୍ୟୁକ୍ଲିୟସ୍‌ରେ ୭୯ ପ୍ରୋଟନ ରହିଛି । ଅର୍ଥାତ ପାରଦରୁ ଗୋଟିଏ ପ୍ରୋଟନ ବାହାର କରାଗଲେ ତାହା ଆପେ ସୁନାରେ ପରିଣତ ହୋଇଯିବ । ନ୍ୟୁକ୍ଲିୟର ଫ୍ୟୁଜନ ପ୍ରତିକ୍ରିୟା ସମୟରେ କମ୍ପାନି ପାରଦ ଉପରେ ଅତ୍ୟନ୍ତ ଉଚ୍ଚଗତିର ନ୍ୟୁଟ୍ରନ ବୋମା ମାଡ଼ କରି ସେଥିରୁ ଗୋଟିଏ ପ୍ରୋଟନ ବାହାର କରିବ । ତେବେ ଲ୍ୟାବ୍‌ରେ ସୁନା ପ୍ରସ୍ତୁତ କରିବାର ଏହା ପ୍ରଥମ ଘଟଣା ନୁହେଁ । ୧୯୮୦ରେ ନୋବେଲ୍ ବିଜେତା ଗ୍ଲେନ୍ ସିବୋର୍ଗ ସୁନା ପ୍ରସ୍ତୁତ କରିଥିଲେ । କିନ୍ତୁ ତାହା ଅତ୍ୟନ୍ତ ବ୍ୟୟବହୁଳ ପ୍ରକ୍ରିୟା ହୋଇଥିବାରୁ ଆଗକୁ ବଢ଼ିପାରିନଥିଲା । ସେହିପରି ୨୦୧୫-୧୮ ମଧ୍ୟରେ ବିଶ୍ୱର ସର୍ବବୃହତ ପରମାଣୁ ପ୍ରୟୋଗଶାଳା ସିଇଆରଏନ୍ ମଧ୍ୟ ସୁନା ପ୍ରସ୍ତୁତ କରିଥିଲା । କିନ୍ତୁ ତାହା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିପାରିନଥିଲା । ଏବେ ମାରାଥନ ଫ୍ୟୁଜନ ଯେଉଁ ଆଶା ଦେଖାଇଛି ତାହା ବାଣିଜ୍ୟିକ ଦୃଷ୍ଟିରୁ କେତେ ଲାଭଦାୟକ ହୋଇପାରିବ ତାହା ଏବେଠାରୁ କୁହାଯାଇପାରିବ ନାହିଁ । କାରଣ କେତେ ପରିମାଣର ସୁନା ପ୍ରସ୍ତୁତ ହୋଇଛି ତାହା କମ୍ପାନି ଜଣାଇନାହିଁ ।

ମୁମ୍ବାଇରେ ବେସ୍‌ବଲ୍ ଖେଳିଲେ ସୂର୍ଯ୍ୟକୁମାର



ମୁମ୍ବାଇ, ୨୫/୧୦(ନ୍ୟୁ.ଏ): ଭାରତୀୟ କ୍ରିକେଟ୍ ଦଳରୁ ସଂପ୍ରତି ବାଦ୍ ପଡ଼ିଥିବା ଟ୍ୱେଂଟି-୨୦ ବିଶ୍ୱକପ୍ ବିଜେତା ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବେସ୍‌ବଲ୍‌ରେ ନିଜ କମାଲ ଦେଖାଇଛନ୍ତି । ମୁମ୍ବାଇରେ ଆୟୋଜିତ ପ୍ରଥମ ଏମ୍‌ଏଲ୍‌ବିଏକ୍ସ ୩ ଅନ୍ ୩ ବେସ୍‌ବଲ୍ ପ୍ରତିଯୋଗିତାରେ ତାଙ୍କ ଦଳ ୟାଙ୍କିସ୍ ବିଜେତା ହୋଇଛି । ମୁମ୍ବାଇର ଅନ୍ଧେରୀ ସ୍ପୋର୍ଟସ କମ୍ପ୍ଲେକ୍ସରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତୀୟ ବେସ୍‌ବଲ୍‌ଆମ୍ବାସଡର ସୂର୍ଯ୍ୟକୁମାରଙ୍କ ସହ ଶାର୍ଦ୍ଦୁଳ ଠାକୁର, ଜିତେଶ ଶର୍ମା, କାଶ୍ୱୀ ଗୌତମ, ଦୀପକ ଚହର ଓ ରାଧା ଯାଦବ ଭାଗ ନେଇଥିଲେ । ଏମାନଙ୍କ ସହ ମେଜର ଲିଗ୍ ବେସ୍‌ବଲ୍ (ଏମ୍‌ଏଲ୍‌ବି)ର ପୂର୍ବତନ ଖେଳାଳି ନିକ୍ ସ୍ୱିସର, ଜ୍ୟାକ୍ ଆରିଏଟା ଓ ଆଡ୍ରିଆନ୍ ଗୋଞ୍ଜାଲେଜ୍ ମଧ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ । ଏହି ଖେଳାଳିମାନଙ୍କୁ ନେଇ ଏମ୍‌ଏଲ୍‌ବିର କିଛି ନାମି ଫ୍ରାଂଚାଇଜି କବ୍ସ, ଡଜର୍ସ, ରେଡ୍ ସକ୍ସ ଓ ୟାଙ୍କିଜ୍ ନାଁରେ ୪ଟି ଦଳ ଗଠନ ହୋଇଥିଲା । ବିଜେତା ହୋଇଥିବା ୟାଙ୍କିଜ୍ ଦଳରେ ସୂର୍ଯ୍ୟକୁମାରଙ୍କ ସହ ୨୦୦୯ ବିଶ୍ୱ ସିରିଜ୍ ବିଜେତା ନିକ୍ ସ୍ୱିସର ଓ ରାଚିଲ ଗାର୍ସିଆ ରହିଥିଲେ । ସେହିଭଳି ଶାର୍ଦ୍ଦୁଳ, ରାଧା ଯାଦବଙ୍କ ସହ କବ୍ସ ଦଳରେ ୨୦୧୭ ବିଶ୍ୱ ସିରିଜ୍ ବିଜେତା ଆରିଏଟା ଥିଲେ । ରେଡସକ୍ସରେ ୨୦୨୩ ବିଜେତା ଜନି ଗୋମ୍ସଙ୍କ ସହ କାଶଭୀ ଓ ଦୀପକ ଏବଂ ଡଜର୍ସରେ ୫ ଥର ଅଲଷ୍ଟାର ଓ ୪ ଥର ଗୋଲ୍ଡ ଗ୍ଲୋଭ୍ ପୁରସ୍କାର ବିଜେତା ଗୋଞ୍ଜାଲେଜ୍‌ଙ୍କ ସହ ଜିତେଶ ଶର୍ମା, ଜୋର୍ଡାନ ଭଲେରି ଥିଲେ ।

ଦିଲ୍ଲୀ ବାହାରେ ଆନ୍ଦୋଳନ ପାଇଁ ସ୍ୱତନ୍ତ୍ର ସ୍ଥାନ ଦାବି କଲା ବ୍ୟବସାୟୀ ସଂଘ



ନୂଆଦିଲ୍ଲୀ, ୨୫/୧୦(ନ୍ୟୁ.ଏ): ଦିଲ୍ଲୀରେ ବାରମ୍ବାର ଧାରଣା, ବିକ୍ଷୋଭ ଓ ରାଲି ଯୋଗୁଁ ବ୍ୟବସାୟିକ କାର୍ଯ୍ୟକଳାପ ପ୍ରଭାବିତ ହେଉଥିବାରୁ ସହରର ବାହାର ଅଂଚଳରେ ଆନ୍ଦୋଳନ ପାଇଁ ସ୍ଥାୟୀ ସ୍ଥାନ ନିର୍ଦ୍ଧାରଣ କରିବାକୁ ସରକାରଙ୍କୁ ଦାବି କରିଛି ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) । ଏହି ଦାବିକୁ ଜନସମର୍ଥନ ଦେବା ପାଇଁ ଦିଲ୍ଲୀର ବିଭିନ୍ନ ବ୍ୟବସାୟୀ ସଂଗଠନ ମିଳିତ ଭାବେ ଅକ୍ଟୋବର ୨୫ରୁ ଏକ ଅନଲାଇନ୍ ଅବେଦନ ଅଭିଯାନ ଆରମ୍ଭ କରିଛନ୍ତି । ଏହି ପ୍ରସଙ୍ଗରେ ଆଲୋଚନା ଓ ପରବର୍ତ୍ତୀ ରଣନୀତି ପ୍ରସ୍ତୁତି ପାଇଁ ସିଏଆଇଟି ଅକ୍ଟୋବର ୨୬ରେ ଦିଲ୍ଲୀର ବିଭିନ୍ନ ବ୍ୟବସାୟୀ ସଂଗଠନର ପ୍ରତିନିଧିଙ୍କୁ ନେଇ ଏକ ଅନଲାଇନ୍ ବୈଠକ ଡାକିଛି । ସିଏଆଇଟି ଅନୁଯାୟୀ, ଦିଲ୍ଲୀର ପ୍ରମୁଖ ବଜାର ଅଂଚଳରେ ବାରମ୍ବାର ଆନ୍ଦୋଳନ ହେବା ଫଳରେ ଗ୍ରାହକଙ୍କ ଯାତାୟାତ, ପରିବହନ, ସାମଗ୍ରୀ ପହଂଚାଇବା ଏବଂ ଦୈନନ୍ଦିନ ବ୍ୟବସାୟ ବାଧାପ୍ରାପ୍ତ ହେଉଛି । ଏହାର ସବୁଠାରୁ ଅଧିକ ପ୍ରଭାବ ଛୋଟ ବ୍ୟବସାୟୀ, ରାସ୍ତାକଡ଼ ବିକ୍ରେତା, ଦୈନିକ ମଜୁରିଆ ଓ ସେବା ପ୍ରଦାନକାରୀଙ୍କ ଉପରେ ପଡୁଛି । ଦିଲ୍ଲୀ ଦେଶର ଏକ ପ୍ରମୁଖ ବାଣିଜ୍ୟ ଓ ସାମଗ୍ରୀ ବଂଟନ କେନ୍ଦ୍ର ହୋଇଥିବାରୁ ଏଠାରେ ବ୍ୟବସାୟ ବାଧାପ୍ରାପ୍ତ ହେଲେ ଦେଶର ଅନ୍ୟ ଅଂଚଳକୁ ସାମଗ୍ରୀ ପରିବହନ ଓ ଆର୍ଥିକ କାର୍ଯ୍ୟକଳାପ ମଧ୍ୟ ପ୍ରଭାବିତ ହୋଇପାରେ ବୋଲି ବ୍ୟବସାୟୀ ସଂଗଠନଗୁଡ଼ିକ କହିଛନ୍ତି ।

ଡ୍ରଗ୍ସ ମାଫିଆଙ୍କୁ ମୂଳପୋଛ କରିବୁ: ଅମିତ ଶାହ



ନୂଆଦିଲ୍ଲୀ, ୨୫/୧୦ (ନ୍ୟୁ.ଏ): ଦେଶରେ ନିଶାଦ୍ରବ୍ୟ ଚୋରାଚାଲାଣ କରୁଥିବା ମାଫିଆଙ୍କୁ ମୂଳପୋଛ କରିବା ପର୍ଯ୍ୟନ୍ତ ଭାରତର ଅଭିଯାନ ଜାରି ରହିବ ବୋଲି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି । ଆସାମ, ମିଜୋରାମ ଓ ମଣିପୁରର ୩୮ଟି ସ୍ଥାନରେ ଏକକାଳୀନ ଚଢ଼ଉ ପରେ ସେ ଏହି ମନ୍ତବ୍ୟ ଦେଇଛନ୍ତି । ଏହି ଚଢ଼ଉରେ ଏକ ଆନ୍ତର୍ଜାତିକ ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କର ପର୍ଦ୍ଦାଫାସ୍ କରାଯାଇଛି । ଏହି ଅଭିଯାନରେ ୧୮ ଜଣ ଗିରଫ ହୋଇଥିବାବେଳେ ୧୦୦ କୋଟି ଟଙ୍କାର ହାୱାଲା କାରବାର ସମ୍ପର୍କିତ ତଥ୍ୟ ମିଳିଛି । ଅକ୍ଟୋବର ୨୩ରେ ଏହି ତିନି ଉତ୍ତର-ପୂର୍ବ ରାଜ୍ୟରେ 'ଅପରେସନ୍ ଟ୍ରାଇଡେଂଟ' ନାମରେ ଚଢ଼ଉ କରାଯାଇଥିଲା । ଏଥିରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଓ ତିନି ରାଜ୍ୟର ପୁଲିସ ମିଳିତ ଭାବେ ସାମିଲ ହୋଇଥିଲେ । ଏହି ଅଭିଯାନରେ ୧୭.୮୨ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରାଯାଇଥିବାବେଳେ ୧୨ ଲକ୍ଷ ଟଙ୍କା ନଗଦ ଅର୍ଥ ଓ ୫୦୦ଟି ଡିଟୋନେଟର୍ ଜବତ ହୋଇଛି । ଏହା ସହ ୧୪୨୪ଟି ବ୍ୟାଙ୍କ ଖାତାକୁ ଅଟକ କରାଯାଇଛି ବୋଲି ଶାହ ସୂଚନା ଦେଇଛନ୍ତି । ଶାହ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ, ଏହି ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କ ଭାରତ, ମ୍ୟାମାର ଓ ବାଂଲାଦେଶ ମଧ୍ୟରେ ସକ୍ରିୟ ଥିଲା । ସୀମାପାର ନିଶାଦ୍ରବ୍ୟ ଚାଲାଣ ପାଇଁ ଏହି ନେଟ୍‌ୱର୍କ ଏକ ରାସ୍ତା ବ୍ୟବହାର କରୁଥିଲା, ଯାହାକୁ ସେ 'ଡେଥ୍ ଟ୍ରାଙ୍ଗଲ୍ କରିଡ଼' ବୋଲି ଅଭିହିତ କରିଛନ୍ତି । ନିଶାଦ୍ରବ୍ୟ ଚୋରାଚାଲାଣ କେବଳ ଆଇନଶୃଙ୍ଖଳା ସମସ୍ୟା ନୁହେଁ, ଏହା ଦେଶର ଯୁବପିଢ଼ି ଓ ଭବିଷ୍ୟତ ପାଇଁ ମଧ୍ୟ ବିପଦ ବୋଲି ଶାହ କହିଛନ୍ତି । ଏହି କାରବାର ଦେଶବିରୋଧୀ କାର୍ଯ୍ୟକଳାପକୁ ଆର୍ଥିକ ସହାୟତା ଯୋଗାଇବା ସହ ଅର୍ଥନୀତି ଉପରେ ଚାପ ସୃଷ୍ଟି କରୁଛି । ତେଣୁ ନିଶାଦ୍ରବ୍ୟ ବିରୋଧୀ ଅଭିଯାନକୁ ଅଧିକ ତୀବ୍ର କରାଯିବ । ୨୦୨୯ ଡିସେମ୍ବର ୩୧ ସୁଦ୍ଧା ଦେଶରୁ ନିଶାଦ୍ରବ୍ୟ ଚୋରାଚାଲାଣ ନେଟ୍‌ୱର୍କକୁ ମୂଳପୋଛ କରିବା ସରକାରଙ୍କ ଲକ୍ଷ୍ୟ ବୋଲି ଗୃହମନ୍ତ୍ରୀ କହିଛନ୍ତି । ଏହି ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ରୀୟ ସଂସ୍ଥା ଓ ରାଜ୍ୟ ପୁଲିସ ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଛନ୍ତି ।

'ନମୋ ଘାଟ' ରେ ବାୟୁସେନାର ଶକ୍ତି ପ୍ରଦର୍ଶନ



ବାରାଣସୀ, ୨୫/୧୦(ନ୍ୟୁ.ଏ): ଉତ୍ତରପ୍ରଦେଶର ବାରାଣସୀରେ ଆୟୋଜିତ ହୋଇଛି ଭାରତୀୟ ବାୟୁସେନାର ୯୪ତମ ପ୍ରତିଷ୍ଠା ଦିବସ । ଚଳିତ ବର୍ଷ ଏହି ଅବସରରେ ଭବ୍ୟ ଏୟାର ଶୋ 'ୱିଙ୍ଗ୍ସ ଓଭର ଗଙ୍ଗା'ରେ ଭାରତୀୟ ବାୟୁସେନା ଦେଖାଇଛି ନିଜର ପରାକ୍ରମ । ଏହି ଆକାଶୀୟ ପ୍ରଦର୍ଶନରେ ରାଫେଲ୍, ସୁଖୋଇ, ମିରାଜ୍-୨୦୦୦, ମିଗ୍-୨୯ ଓ ଜାଗୁଆର୍ ଭଳି ଶକ୍ତିଶାଳୀ ଯୁଦ୍ଧ ବିମାନ ସହ ଆପାଚେ ଏବଂ ଚିନୁକ୍ ହେଲିକପ୍ଟର ନିଜର ନିଜର ଦମ୍ ଦେଖାଉଛନ୍ତି । ଅକ୍ଟୋବର ୨୨ରୁ ଆରମ୍ଭ ହୋଇଥିବା ଏହି ଆୟୋଜନରେ ମୋଟ ୧୦୦ଟି ବିମାନ ସାମିଲ ହୋଇଛି ।ଏଥିରେ ୫୨ଟି ଯୁଦ୍ଧ ବିମାନ, ୧୫ଟି ପରିବହନ ବିମାନ, ୩୨ଟି ହେଲିକପ୍ଟର ଏବଂ ଗୋଟିଏ ଐତିହ୍ୟ ବିମାନ ରହିଛି । କାଶୀର ଆକାଶରେ ଏତେ ବଡ଼ ଧରଣର ଏୟାର ଶୋ ପ୍ରଥମ ଥର ପାଇଁ ଆୟୋଜିତ ହୋଇଥିବାରୁ ଏହାକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି । ଏହି ଏୟାର ଶୋ ଦେଖିବାକୁ ପ୍ରାୟ ୫୦ ଲକ୍ଷ ଲୋକ ଆସିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା କରାଯାଇଥିଲା । ରବିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ଆୟୋଜନରେ ସାମିଲ ହୋଇଥିଲେ । ବାରାଣସୀରେ ପହଂଚିବା ପରେ ତାଙ୍କ କାରକେଡ୍ ପୁଲିସ ଲାଇନ୍ରୁ ଚୌକାଘାଟ ଦେଇ ନମୋ ଘାଟ ଅଭିମୁଖେ ଯାଇଥିଲା । ରାସ୍ତାରେ ପ୍ରଧାନମନ୍ତ୍ରୀଙ୍କୁ ଦେଖିବା ପାଇଁ ବହୁ ସଂଖ୍ୟାରେ ଲୋକ ଏକାଠି ହୋଇଥିଲେ ଲୋକଙ୍କ ଉତ୍ସାହ ଦେଖି ମୋଦୀ ନିଜ କାର୍ ଅଟକାଇ ବାହାରକୁ ଆସିଥିଲେ ଏବଂ ହାତ ହଲାଇ ଜନସାଧାରଣଙ୍କୁ ଅଭିବାଦନ ଜଣାଇଥିଲେ । ଏହାପରେ ସେ ନମୋ ଘାଟରେ ପହଂଚି ବାୟୁସେନାର ଏୟାର ଶୋ' ଦେଖିଥିଲେ । ପୁଲିସ କମିଶନର ମୋହିତ ଅଗ୍ରୱାଲଙ୍କ ସୂଚନା ଅନୁସାରେ, ସମଗ୍ର ଜିଲ୍ଲାକୁ ୩୦ଟି ଜୋନ୍ ଏବଂ ୫୦ରୁ ଅଧିକ ସେକ୍ଟରରେ ବିଭକ୍ତ କରାଯାଇଥିଲା । ସୁରକ୍ଷା ବ୍ୟବସ୍ଥାରେ ୧୧,୫୦୦ରୁ ଅଧିକ ପୁଲିସ କର୍ମଚାରୀ ଓ ଯବାନଙ୍କୁ ମୁତୟନ କରାଯାଇଥିଲା । ଏହା ସହିତ ୨୦୦ଟି ସିସିଟିଭି କ୍ୟାମେରା ମାଧ୍ୟମରେ ଭିଡ଼ ଓ ସୁରକ୍ଷା ପରିସ୍ଥିତି ଉପରେ ନଜର ରଖାଯାଇଥିଲା । ଏହି ଏୟାର ଶୋରେ ଚେନ୍ନାଇ ଓ ଗ୍ୱାଲିୟର ସମେତ ଦେଶର ୧୨ଟି ଏୟାରବେସ୍ରୁ ବିମାନ ଉଡ଼ାଣ ଭରିଥିଲା । ଯୁଦ୍ଧ ବିମାନଠାରୁ ଆରମ୍ଭ କରି ପରିବହନ ବିମାନ ଓ ହେଲିକପ୍ଟର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାରର ଆକାଶୀୟ ଯାନ ନିଜର କ୍ଷମତା ପ୍ରଦର୍ଶନ କରିଥିଲେ । ରାଫେଲ, ମିରାଜ୍-୨୦୦୦, ସୁଖୋଇ, ମିଗ୍-୨୯ ଓ ଜାଗୁଆର୍ ଭଳି ଯୁଦ୍ଧ ବିମାନ ଆକାଶରେ ରୋମାଂଚକର କଳାକୌଶଳ ଦେଖାଇଥିଲେ । ଏହା ସହିତ ଅପାଚେ ଓ ଚିନୁକ୍ ହେଲିକପ୍ଟର ଏବଂ ସି-୨୯୫, ସି-୧୭ ଓ ସି-୧୩୦ ପରିବହନ ବିମାନ ମଧ୍ୟ ନିଜର ସାମର୍ଥ୍ୟ ପ୍ରଦର୍ଶନ କରିଥିଲେ । ଏହି ଏୟାର ଶୋ କେବଳ ଭାରତୀୟ ବାୟୁସେନାର ଶକ୍ତି ପ୍ରଦର୍ଶନରେ ସୀମିତ ରହିନଥିଲା । ଏଥିରେ କାଶୀର ଧାର୍ମିକ ଓ ସାଂସ୍କୃତିକ ପରିଚୟକୁ ମଧ୍ୟ ସ୍ୱତନ୍ତ୍ର ଭାବେ ଉପସ୍ଥାପନ କରାଯାଇଥିଲା । ଆକାଶରେ ବିମାନଗୁଡ଼ିକ 'ମହାଦେବ', 'ନଟରାଜ', 'କୈଳାସ', 'ବିଶ୍ୱନାଥ', 'ତ୍ରିଦେବ', 'ବରୁଣା', 'ହନୁମାନ', 'ଓଁକାର', 'ଭାଗୀରଥୀ', 'କାଶୀ' ଓ 'ରୁଦ୍ର' ଭଳି ନାମ ଆଧାରିତ ଫର୍ମେସନ୍ ସୃଷ୍ଟି କରିଥିଲେ ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das